

ଆଇସିସି ହଲ୍ ଅଫ ଫେମ୍‌ରେ ସାମିଲ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



1 Million+ FOLLOWERS Thank you!
YouTube
ମୋବାଇଲ୍ ଯେଉଁଠି ସଂଚାର ଲାଇଭ୍ ସେଇଠି



Vol. 34 | ISSUE 81 | ଭାଗ ୩୪ | ସଂଖ୍ୟା ୮୧ | Bhubaneswar | Friday 13 June 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୧୩ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଆକାଶରେ ମୃତ୍ୟୁର ତାଣ୍ଡବ

# ୨୪୧ ଜୀବନ୍ତ ଦଗ୍ଧ

### ଲଣ୍ଡନର ଗାଟ୍‌ୱିକ୍ ସହର ଅଭିମୁଖେ ଯାଉଥିଲା
### ମେଡିକାଲ୍ ହଷ୍ଟେଲ୍ କୋଠା ସହ ପିଟି ହେଲା
### ଉଦ୍ଧାର ହେଲା ୨୬୫ ମୃତଦେହ
### ଚିହ୍ନଟ ପାଇଁ ଡିଏନ୍‌ଏ ସାମ୍ପୁଲ୍ ମାଗିଲେ ସରକାର
### ଘଟଣାସ୍ଥଳରେ ପହଞ୍ଚିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

**ଅହମ୍ମଦାବାଦ,୧୨।୬:** ଗୁଜରାଟ ରାଜଧାନୀ ଅହମ୍ମଦାବାଦରେ ଆଜି ଏକ ହୃଦୟଥରା ଅଘଟଣରେ ମୋଟ ୨୬୫ ଜଣ ମୃତ୍ୟୁବରଣ କରିଛନ୍ତି। ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ଏୟାର୍ ଇଣ୍ଡିଆର ବୋଇଂ ୭୮୭୮ ବିମାନଟି ଉଡ଼ାଣ ଭରିବାର ମାତ୍ର ୨ ମିନିଟ୍ ଭିତରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଖସିପଡ଼ିବା ସହ ନିକଟସ୍ଥ ଏକ ମେଡିକାଲ୍ କଲେଜ ହଷ୍ଟେଲ୍ କୋଠାକୁ ଧକ୍କା ଦେଇଥିଲା। ଫଳରେ ସେଥିରେ ଥିବା ଯାତ୍ରୀ ଓ କ୍ରିଉ୍ ମେମ୍ବରଙ୍କ ସହ ଉକ୍ତ ହଷ୍ଟେଲ୍‌ରେ ମଧ୍ୟାହ୍ନଭୋଜନ କରୁଥିବା ୨୦ ଜଣ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଏହି ଦୁର୍ଘଟଣାରେ ଆହତ ୫୦ ଜଣଙ୍କୁ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣା ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଥିବା ବେଳେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଅନ୍ୟତମ। ସମୟ ଅପରାହ୍ନ ପ୍ରାୟ ଗୋଟାଏ ୩୯ ମିନିଟ୍। ଅହମ୍ମଦାବାଦ ବିମାନବନ୍ଦରର ୨୩ ନମ୍ବର ରନୱେରୁ ଲଣ୍ଡନର ଗେଟ୍‌ୱିକ୍ ବିମାନବନ୍ଦର ଅଭିମୁଖେ ଉଡ଼ାଣ ଭରିଥିଲା ଏୟାର୍ ଇଣ୍ଡିଆର ଏହି ବିମାନଟି। ଏଥିରେ ୨୩୦ ଜଣ ଯାତ୍ରୀଙ୍କ ସହ ୧୨ ଜଣ କ୍ରିଉ୍ ମେମ୍ବର ରହିଥିଲେ। କିନ୍ତୁ ଉଡ଼ାଣ ଆରମ୍ଭ କରିବାର ୨ ମିନିଟ୍ ମଧ୍ୟରେ ହଠାତ୍ ଏଥିରେ ନିଆଁ ଲାଗିଯିବା ଫଳରେ ବିମାନଟି ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ପରେ ଏହା ନିକଟସ୍ଥ ବିଜେ ମେଡିକାଲ୍ କଲେଜ ହଷ୍ଟେଲ୍ କୋଠା ସହ ପିଟି ହୋଇଯାଇଥିଲା। ଫଳରେ ବିମାନ ସହ ଛିନଛତ୍ର ହୋଇଯାଇଥିଲା ଛାତ୍ରାବାସ। କେହି କିଛି ବୁଝିବା ଆଗରୁ ଧୂଳିସାତ ସବୁକିଛି। ଦୃଶ୍ୟ ଦେଖିଲେ ଲାଗୁଛି, କୌଣସି ଏକ ଯୁଦ୍ଧତ୍ରସ୍ତ ଦେଶରେ ମିସାଇଲ୍ ମାଡ଼ରେ ➪ପୃଷ୍ଠା-୬



## ମୃତ୍ୟୁକୁ ମାତ୍‌ଦେଲେ ବିଶ୍ୱାସ



**ଅବିଶ୍ୱସନୀୟ, ଅକଳ୍ପନୀୟ**

**କଥାରେ ଅଛି** 'ରଖେ ହରି ମାରେ କିଏ'। ଏହି ଉକ୍ତିର ଆଜି ପୁଣିଥରେ ପ୍ରମାଣ ମିଳିଛି। ମୃତ୍ୟୁକୁ ହରାଇଛନ୍ତି ଜଣେ ବ୍ରିଟିଶ ନାଗରିକ। ଆଜି ଅହମ୍ମଦାବାଦରେ ଘଟିଥିବା ଭୟାବହ ବିମାନ ଦୁର୍ଘଟଣାରେ ଦୁଇ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ଜଣେ କିନ୍ତୁ ସୌଭାଗ୍ୟ କ୍ରମେ ବଞ୍ଚିଯାଇଛନ୍ତି। ସେ ହେଉଛନ୍ତି ବ୍ରିଟିଶ୍ ନାଗରିକ ବିଶ୍ୱାସ କୁମାର ରମେଶ। ଏନେଇ ଅହମ୍ମଦାବାଦ ପୁଲିସ କମିଶନର ଜିଏସ ମଲିକ କହିଛନ୍ତି ଯେ ସିଟ ନମ୍ବର ୧୧-ଏରେ ➪ପୃଷ୍ଠା-୬

## ଲକି ନମ୍ବର ହେଲା ଅନ୍‌ଲକି



ମୃତକଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଅନ୍ୟତମ। କୌଣସି ବିମାନ ଦୁର୍ଘଟଣାରେ ସେ ରାଜ୍ୟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ପ୍ରାଣ ହରାଇଛନ୍ତି। ଏନେଇ ଗୁଜରାଟ ବିଜେପି ସଭାପତି ସି.ଆର୍ ପାଟିଲ ସ୍ପଷ୍ଟ କରିଛନ୍ତି। ଅହମ୍ମଦାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଉଡ଼ାଣ ଭରିଥିବା ଉକ୍ତ ବିମାନରେ ଶ୍ରୀ ରୂପାନୀ ତାଙ୍କ ଝିଅକୁ ଭେଟିବାକୁ ଲଣ୍ଡନ ଯାଉଥିଲେ। ତାଙ୍କ ମୃତ୍ୟୁରେ ଶ୍ରୀ ପାଟିଲ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ରୂପାନୀଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ପତ୍ନୀ ଓ ଝିଅ ଲଣ୍ଡନରୁ ଆସୁଥିବା ବେଳେ ପୁଅ ଆମେରିକାରୁ ଅହମ୍ମଦାବାଦ ଅଭିମୁଖେ ➪ପୃଷ୍ଠା-୬

## ଯାନ୍ତ୍ରିକ ତ୍ରୁଟି ବିଷୟରେ ସୂଚନା ଦେଇଥିଲେ ଆକାଶ

ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ମିନିଟ ପରେ ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଏହି ସମୟରେ ଅହମଦାବାଦରୁ ଛାଡ଼ିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନରେ ଜଣେ ବ୍ୟକ୍ତି ଦିଲ୍ଲୀରୁ ଅହମଦାବାଦ ପହଞ୍ଚିଥିଲେ। ଏହି ବ୍ୟକ୍ତି ନିଜର ନାମ ଆକାଶ ଭାଟସା ବୋଲି ପ୍ରକାଶ କରିଛନ୍ତି। ସେ ଦାବି କରିଛନ୍ତି ଯେ ସେ ଉଡ଼ାଣ ସମୟରେ ବିମାନରେ ଯାନ୍ତ୍ରିକ ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ।

ଏକ୍ସରେ ଏକ ପୋଷ୍ଟରେ ଆକାଶ ଭାଟସା ନାମକ ଏହି ବ୍ୟକ୍ତି ଦାବି କରିଛନ୍ତି ଯେ ସେ ଯାତ୍ରା ସମୟରେ କିଛି ଅଜବ ଅନୁଭବ କରିଥିଲେ। 'ମୁଁ ଅହମଦାବାଦରେ ଅବତରଣ କରିବା ପୂର୍ବରୁ ଦୁଇ ଘଣ୍ଟା ପାଇଁ ସମାନ ବିମାନରେ ଥିଲି। ମୁଁ ଦିଲ୍ଲୀରୁ ଯାତ୍ରା କରିଥିଲି।' ଭାଟସା ତାଙ୍କ ଯାତ୍ରା ସହିତ ଜଡିତ କିଛି ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏହି ବ୍ୟକ୍ତି କହିଛନ୍ତି ଯେ ଏସି କାମ କରୁନଥିବାରୁ ଯାତ୍ରୀମାନେ ସିଟ ➪ପୃଷ୍ଠା-୬

## ଟ୍ରାଫିକ୍ ଭିଡ଼ ଯୋଗୁଁ ବଞ୍ଚିଗଲେ ଭୂମି

କଥାରେ ଅଛି, 'ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ'। ଗୁଜରାଟର ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା ଭୂମି ଚୌହାନଙ୍କ ପାଇଁ ଉକ୍ତିଟି ବେଶ୍ ପ୍ରଯୁଜ୍ୟ। ସେ ୧୦ ମିନିଟ୍ ବିଳମ୍ବରେ ଏୟାରପୋର୍ଟରେ ପହଞ୍ଚିଥିଲେ। ଏଣୁ ତାଙ୍କୁ ବିମାନରେ ବୋର୍ଡିଂ କରିବାକୁ ଅନୁମତି ଦିଆଯାଇନଥିଲା। ତେବେ ଏୟାରପୋର୍ଟ ବାହାରକୁ ଆସିବା ପରେ ସେ ଯାହା ଜାଣିବାକୁ ପାଇଲେ, ସେଥିରେ ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା ଓ ତାଙ୍କୁ ଭଗବାନ ବଞ୍ଚାଇଦେଲେ ବୋଲି ସେ ମନକୁ ମନ କହିଥିଲେ।


ଲଣ୍ଡନର ବ୍ରିଷ୍ଟଲରେ ରହୁଥିବା ଭୂମି ଛୁଟିରେ ଘରକୁ ଆସିଥିଲେ। ସେ ଦୁଇ ବର୍ଷ ପୂର୍ବେ ବ୍ରିଟେନ ଯାଇଥିଲେ ଓ ପ୍ରଥମ ଥର ଘରକୁ ଆସି ଲଣ୍ଡନ ଫେରିବା ପାଇଁ ବିମାନବନ୍ଦରରେ ପହଞ୍ଚିଥିଲେ ମଧ୍ୟ ବିମାନ ମିସ୍ କରିଥିଲେ। ବିମାନରେ ଚଢ଼ିବା ପାଇଁ ଶେଷ ବୋର୍ଡିଂ ସମୟ ୧ଟା୧୦ ମିନିଟ ଥିଲା। ତେବେ ➪ପୃଷ୍ଠା-୬

## ଅବର୍ଣ୍ଣନୀୟ ଦୁଃଖଦ ମୁହୂର୍ତ୍ତ: ରାଷ୍ଟ୍ରପତି



ଅହମ୍ମଦାବାଦରେ ଘଟିଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିବା ସହ ଏହାକୁ ଅବର୍ଣ୍ଣନୀୟ ଦୁଃଖଦ ମୁହୂର୍ତ୍ତ ବୋଲି କହିଛନ୍ତି। ଏପରି ଏକ ହୃଦୟ ବିଦାରକ ଘଟଣାରେ ସେ ମର୍ମାହତ ➪ପୃଷ୍ଠା-୬

## ଆଜି ଆହତଙ୍କୁ ଭେଟିବେ ମୋଦି



ନୂଆଦିଲ୍ଲୀ: ଆଜି ଅହମ୍ମଦାବାଦରେ ଘଟିଥିବା ଭାରତ ଇତିହାସର ଅନ୍ୟତମ ସବୁଠାରୁ ବଡ଼ ବିମାନ ଦୁର୍ଘଟଣାରେ ପାଖାପାଖି ୨୫୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଦୁଃଖ ପ୍ରକାଶ ➪ପୃଷ୍ଠା-୬

## ଦୁର୍ଘଟଣାରେ ମର୍ମାହତ: ଧର୍ମେନ୍ଦ୍ର



ଅହମ୍ମଦାବାଦ ବିମାନ ଦୁର୍ଘଟଣା ଘଟଣାରେ ମର୍ମାହତ ହୋଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସରକାର ଓ ଗୁଜରାଟ ସରକାରଙ୍କ ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ମୃତକଙ୍କ ପରିବାରକୁ ମାନସିକ ଶକ୍ତି ସହ ଆହତଙ୍କ ଉପଯୁକ୍ତ ➪ପୃଷ୍ଠା-୬

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଏୟାର ଇଣ୍ଡିଆ ଅହମ୍ମଦାବାଦ-ଲଣ୍ଡନ ବିମାନ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସୋସିଆଲ ମିଡିଆ ଏକ୍ସରେ ସେ କହିଛନ୍ତି ଯେ, ଏହି ଦୁଃଖଦ ଘଟଣା ପାଇଁ ମୁଁ ➪ପୃଷ୍ଠା-୬

### ସରକାରଙ୍କ ଏକ ବର୍ଷ ପୂର୍ତ୍ତି: 'ବିକାଶ ବାହନ'ର ଶୁଭାରମ୍ଭ

# ଲୋକଙ୍କ ନିକଟତର ପ୍ରୟାସ ସରକାରଙ୍କ ହଲ୍‌ମାର୍କ



- ବ୍ଲକ୍ ସହ ଏନ୍‌ସିଏ ଓ ମହାନଗର ନିଗମରେ ଗଡ଼ିଲା 'ବିକାଶ ବାହନ'
- ଅପହଞ୍ଚ ଅଞ୍ଚଳ ଲୋକଙ୍କ ନିକଟରେ ପହଞ୍ଚିବ
- ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା

ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆଜି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ, ସ୍ଥାନୀୟ ମହାତ୍ମା ଗାନ୍ଧି ମାର୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଥିଲେ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଗଣତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନତାଙ୍କ ସେବାରେ ହିଁ ଜୀବନର ସାର୍ଥକତା। ଓଡିଶାରେ ଡବଲ ଇଞ୍ଜିନ ସରକାର, ଡବଲ ସ୍ପିଡରେ କାମ କରି ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିପାରୁଛି। ଆମ ସରକାରଙ୍କ ଏକ ହଲ୍‌ମାର୍କ ➪ପୃଷ୍ଠା-୬

### ଯାଜପୁରରେ ଆକ୍ରାମାକ୍ରା କଲାଣି ଝାଡ଼ାବାନ୍ତି

## ୧୫ ମୃତ୍ୟୁ ଅଭିଯୋଗ, ୬୦୦ ଆକ୍ରାନ୍ତ

### ଖାଦ୍ୟ ଯାଞ୍ଚ ପାଇଁ ଜିଲ୍ଲାରେ ମେଡିକାଲ ଟିମ
### ସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲେ ସ୍ୱାସ୍ଥ୍ୟ ସଚିବ



ଯାଜପୁର,୧୨।୬(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଝାଡାବାନ୍ତି ସାଂଘାତିକ ରୂପ ନେଲାଣି। ଜିଲ୍ଲା ପ୍ରଶାସନ ଠାରୁ ସ୍ୱାସ୍ଥ୍ୟ ବିଭାଗ ସମସ୍ତେ ସ୍ଥିତି ନିୟନ୍ତ୍ରଣରେ ଅଛି କହି ଘଟଣାର ଗୁରୁତ୍ୱକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏଭିତରେ ମୃତ୍ୟୁ ସଂଖ୍ୟା ୧୫ ଛୁଇଁଲାଣି ବୋଲି ଅନୌପଚାରିକ ଭାବେ କୁହାଯାଉଛି। ହେଲେ ଜିଲ୍ଲା ପ୍ରଶାସନ କିନ୍ତୁ କହୁଛି ମୃତ୍ୟୁ ସଂଖ୍ୟା ଚାରି। ସେହିଭଳି ଆକ୍ରାନ୍ତଙ୍କ ସଂଖ୍ୟା ୨୪୫ ବୋଲି ସରକାରୀ ଭାବେ କୁହାଯାଉଛି । କିନ୍ତୁ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ୩୦୦ ଅଧିକ ବେଡ ବଢାଯିବା ଘଟଣାରୁ ଆକ୍ରାନ୍ତଙ୍କ ସଂଖ୍ୟାକୁ ମଧ ଲୁଚାଯାଉଥିବା ସନ୍ଦେହ ସୃଷ୍ଟି ହେଉଛି ।

ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳ ସମେତ ଧର୍ମଶାଳା, ରସୁଲପୁର, କୋରାଇ ଓ ଦାନଗଦି ଓ ସୁକିନ୍ଦା ଆଦି ୬ଟି ବ୍ଲକରେ ଝାଡାବାନ୍ତିରେ ୬୦୦ରୁ ଊର୍ଦ୍ଧ୍ୱ ରୋଗୀ ଆକ୍ରାନ୍ତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ➪ପୃଷ୍ଠା-୬

## କରୋନା ମୃତ୍ୟୁସଂଖ୍ୟା ୭୭ରେ ପହଞ୍ଚିଲା

ନୂଆଦିଲ୍ଲୀ,୧୨।୬: ଦେଶରେ ଚଳିତ ବର୍ଷ ଅଦ୍ୟାବଧି କୋଭିଡ୍ ସଂକ୍ରମଣ କାରଣରୁ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଛି। ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନାନୁସାରେ, ଅଦ୍ୟାବଧି ଦେଶରେ ମୋଟ ୭ ହଜାର ୧୫୪ ଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ୩ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିସହ ଦେଶରେ ମୋଟ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୭ ହଜାର ଉପରେ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟଗୁଡ଼ିକ ମଧ୍ୟରେ କେରଳରେ ସର୍ବାଧିକ ୨୨୨୩ ଜଣ ସଂକ୍ରମିତ ଠାବ ହୋଇଥିବା ବେଳେ ଗୁଜରାଟ, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ମହାରାଷ୍ଟ୍ର ଅନ୍ୟ ସର୍ବାଧିକ ପ୍ରଭାବିତ ରାଜ୍ୟ ରହିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ମୃତ୍ୟୁବରଣ କରିଥିବା ସଂକ୍ରମିତଙ୍କ ମଧ୍ୟରେ ୨ ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶର ବୋଲି ଜଣାପଡ଼ିଛି।

# ବିଜେଡିର ଗୋଠଛଡ଼ା ପ୍ରତିବାଦ

### ରହିଲେନି ଅଶୋକ ଓ ଅନନ୍ତ
### ଦଳରେ ଫାଟ ଜଳ ଜଳ

**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ବିଜେପି ସରକାର ବର୍ଷପୂର୍ତ୍ତି ଉତ୍ସବକୁ କାଉଣ୍ଟର କରିବା ପାଇଁ ବିଜେଡି ଆସି ରାଜଧାନୀରେ ଅଭିନବ ପ୍ରତିବାଦ କରିଥିବା ବେଳେ ତାହା ଗୋଠଛଡା ଅବସ୍ଥା ହୋଇଯାଇଛି। ଖୋଦ୍ ରାଜଧାନୀର ଦୁଇ ନେତା ଯଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଓ ବର୍ତ୍ତମାନର ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ବିଜେଡି ଗୋଠରେ ଦେଖିବାକୁ ମିଳିନାହିଁ। ଏମାନଙ୍କୁ ଡକାଯାଇନାହିଁ କିମ୍ବା ଏମାନେ ଜାଣିଶୁଣି ଅନୁପସ୍ଥିତ ରହିଛନ୍ତି, ତାହାକୁ ନେଇ ବିଜେଡିରେ ଏବେ ଆଲୋଚନା ଜୋର୍ ଧରିଛି।

ବିଜେଡିର ବିଭିନ୍ନ ବର୍ଗର ନେତା ଆଜି ରାଜଧାନୀରେ ଏକାଠି ହୋଇ ରାଜ୍ୟର କ୍ଷମତାସୀନ ବିଜେପି ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସମାଲୋଚନା କରିବା ସହ ପ୍ରତିବାଦ କରିଥିଲେ। ରାସ୍ତାକଡରେ ଧାଡ଼ିରେ ପ୍ଲାକାର୍ଡ ଧରି ଛିଡ଼ାହେବା ସହ ପୁଲିସ୍ ସହ ଧସ୍ତାଧସ୍ତି କରିବାକୁ ମଧ ଦଳୀୟ ନେତାମାନେ ପଛାଇ ନଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ଲେଖାଯାଇଥିବା ସ୍ଲୋଗାନ ସମ୍ବଳିତ ପ୍ଲାକାର୍ଡମାନ ହାତରେ ଧରିଥିଲେ। ତେବେ ବିଜେଡିର ଏହି ପ୍ରତିବାଦ ସଭାରେ ବର୍ତ୍ତମାନର ବିଧାୟକ,



ପୂର୍ବତନ ବିଧାୟକ ଓ ଅନେକ ହାରୁ ନେତା ବି ଉପସ୍ଥିତ ଥିଲେ।

ହେଲେ ଖୋଦ୍ ରାଜଧାନୀରେ ସରକାରଙ୍କ ବିରୁଦ୍ଧରେ ଦଳ ରଣହୁଙ୍କାର ଦେଉଥିଲେ ହେଁ ଏଥିରେ ଭୁବନେଶ୍ୱର ମଧ ବିଧାୟକ ଶ୍ରୀ ଜେନା ଓ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଉପସ୍ଥିତ ନଥିଲେ। ଅନନ୍ତ-ଅଶୋକଙ୍କ ଅନୁପସ୍ଥିତ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ତେବେ ଗତ କିଛିଦିନ ହେଲା ଅଶୋକ ପଣ୍ଡା ଅସନ୍ତୁଷ୍ଟ ଗୋଷ୍ଠିରେ ସାମିଲ ହୋଇ ବିଜେଡି ସୁପ୍ରିମୋଙ୍କୁ କେତେକ ପ୍ରସଙ୍ଗରେ ପରୋକ୍ଷରେ ବିରୋଧ କରିଆସୁଛନ୍ତି । ଅଳ୍ପଦିନ ତଳେ ବିଜେଡିର ଯେଉଁ ଅସନ୍ତୁଷ୍ଟମାନେ ଏକାଠି ହୋଇଥିଲେ ଅଶୋକ ସେଠାରେ ଉପସ୍ଥିତ ରହିବା ସହିତ ବିଜେଡି କାର୍ଯ୍ୟଧାରାକୁ ନେଇ ବିଷ ଓଗାଳିଥିଲେ । ଅବଶ୍ୟ ଏହାପରେ ଅଶୋକ ତୁନି ପଡିଥିଲେ ।

ହେଲେ ମଧ ବିଧାୟକ ଅନନନ୍ତ କାହିଁକି ଆସିଲେନି ତାହାକୁ ନେଇ ଆଲୋଚନା ଜୋର ହୋଇଛି। ଅନନ୍ତ ସର୍ବଦା ଅସନ୍ତୋଷ ଗୋଷ୍ଠୀଠାରୁ ଦୂରେଇ ରହିବା ସହ ନିକଟରେ ବିଜେଡିର ପୂର୍ବତନ ନେତା ଭିକେ ପାଣ୍ଡିଆନଙ୍କୁ ଜନ୍ମଦିନ ବଧାଇ ଜଣାଇବାକୁ ନବୀନ ନିବାସ ଯାଇ ଚର୍ଚ୍ଚାରେ ଥିଲେ। ସେତେବେଳେ ବିଜେଡିର କିଛି ନେତା ଓ କର୍ମୀ ଅନନ୍ତଙ୍କ ଏଭଳି ଏକଲା ଚଲୋ ନୀତିକୁ ସହଜରେ ଗ୍ରହଣ କରିପାରିନଥିଲେ। ହେଲେ ଅନନ୍ତ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ। ପୂର୍ବତନ ମେୟର ଓ ଦୁଇ ଦୁଇ ଥରର ବିଧାୟକ ଅନନ୍ତ ଆଜି କାହିଁକି ବିରୋଧ ପ୍ରଦର୍ଶନରେ ଅନୁପସ୍ଥିତ ରହିଲେ, ତାହାକୁ ନେଇ ଏବେ ବିଜେଡି ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଦଳରେ କେତେକ ସାଙ୍ଗଠନିକ ପରିବର୍ତ୍ତନ, ➪ପୃଷ୍ଠା-୬

## 'ବିଜେଡି ବିରୋଧ ଲୋକଦେଖାଣିଆ'



ଜନ ଜାଗରଣ ବିରୋଧ ନାଁରେ ବିଜେଡି ଆଜି ରାଜଧାନୀରେ ଯେଉଁ ପ୍ରଦର୍ଶନ କରିଛି, ତାହା କେବଳ ଲୋକଙ୍କୁ ଦେଖାଇବା ଲାଗି ଉଦ୍ଦିଷ୍ଟ। କାଲେ ବିଜେପି ସହ ଥିବା ଭିତିରିଆ ସମ୍ପର୍କକୁ ଲୋକେ ଜାଣିଦେବେ, ସେହି ଭୟରେ ବିଜେଡି ଏଭଳି ନାଟକ କରୁଥିବା କହିଛନ୍ତି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ।ଶ୍ରୀ ହରିଚନ୍ଦନ ଗଣମାଧ୍ୟମକୁ କହିଛନ୍ତି ଯେ ରାଜ୍ୟସଭାରେ ୱାକଫ ➪ପୃଷ୍ଠା-୬

## ପାଠପଢ଼ାରେ ବାଧକ ସାଜିଛି ଶାରୀରିକ ଅକ୍ଷମତା

# ବ୍ୟାଟେରୀଚାଳିତ ଗାଡ଼ି ପାଇଁ ସାଂସଦଙ୍କୁ ଚିଠି



**ମହାକାଳପଡ଼ା,୧୨।୬ (ସଂଚାର ବ୍ୟୁରୋ):** ଜଣେ ୭୫ ପ୍ରତିଶତ ଦିବ୍ୟାଙ୍ଗ ଝିଅ ପାଠ ପଢ଼ିବାର ଇଛା ଥିଲେ ମଧ ବିଦ୍ୟାଳୟକୁ ଯାଇ ପାରୁନାହିଁ। ସଳଖ ଭାବରେ ଛିଡ଼ା ହୋଇ ଚାଲି ପାରୁନଥିବାରୁ ଯାଆ ଆସ ପାଇଁ ବାଧା ସୃଷ୍ଟି ହଉଛି। ସେଥିପାଇଁ ସେ ବ୍ୟାଟେରୀ ଗାଡି ଖଣ୍ଡିଏ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗୁହାରି କରିବା ସହିତ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଚିଠି ଲେଖିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶୋବଳା ଗ୍ରାମର ସତ୍ୟାନନ୍ଦ ସ୍ୱାଇଁଙ୍କ ୧୨ ବର୍ଷୀୟ ଝିଅ ପୁଜାରିଣୀ ସ୍ୱାଇଁ ଜଣେ ୭୫ ପ୍ରତିଶତ ଦିବ୍ୟାଙ୍ଗ ଯୁବତୀ। ସଳଖ ଭାବରେ ଚାଲି ପାରୁ ନାହାଁନ୍ତି। ଦୁଇ ହାତ ଭୂଇଁରେ ଭରା ଦେଲେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କଷ୍ଟରେ ଯିବା ସମ୍ଭବ ହେଉଛି। ଯାହା ତାଙ୍କର ନିତ୍ୟକର୍ମ ପାଇଁ ପ୍ରଜୁଜ୍ୟ। ହାତରେ ବାଡି ଖଣ୍ଡିଏ ଧରିଲେ ସେ ଛିଡ଼ା ହେବାକୁ ସାହସ କରନ୍ତି। ପୁଜାରିଣୀ ପଞ୍ଚମ ଶ୍ରେଣୀର ଛାତ୍ରୀ। ପାଠ ପଢ଼ିବାକୁ ଚାହୁଁଥିଲେ ମଧ ତାଙ୍କ ଶାରୀରିକ ଅକ୍ଷମତା ପାଇଁ ସେ ବିଦ୍ୟାଳୟକୁ ଯାଇ ପାରୁ ନାହାଁନ୍ତି। ବ୍ୟାଟେରୀ

### ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ

ଚାଳିତ ଗାଡ଼ି ଖଣ୍ଡିଏ ହେଲେ ସେ ବିଦ୍ୟାଳୟକୁ ଯାଇ ପାଠ ପଢି ପାରନ୍ତା ବୋଲି ବାପାଙ୍କୁ କହିଛି। ହେଲେ ଘରର ଆର୍ଥିକ ଅବସ୍ଥା ଶୋଚନୀୟ ଯୋଗୁଁ ବାପା ବ୍ୟାଟେରୀ ଚାଳିତ ଗାଡ଼ି ଖଣ୍ଡିଏ ଝିଅ ପାଇଁ ଆଣି ପାରୁ ନାହାଁନ୍ତି। ଯାହା ଫଳରେ ଝିଅ ବିଦ୍ୟାଳୟକୁ ଯାଇ ପାରୁ ନାହିଁ। ଏମିତି ପରିସ୍ଥିତିରେ ପୁଜାରିଣୀ ଏବେ ବ୍ୟାଟେରୀ ଚାଳିତ ଗାଡ଼ି ଖଣ୍ଡିଏ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗୁହାରି କରିବା ସହିତ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଚିଠି ଲେଖିଛନ୍ତି। ଏନେଇ ମଧ ଆମେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ାଙ୍କୁ ଯୋଗାଯୋଗ କରିଥିଲୁ ହେଲେ ବ୍ୟାଟେରୀ ଚାଳିତ ଗାଡ଼ି ବ୍ଲକ୍ ସ୍ତରରେ ନୁହେଁ ବରଂ ଜିଲ୍ଲାପାଳ ଅନୁମୋଦନ କରିପାରିବେ ବୋଲି ସେମାନେ ସୁପାରିଶ କରିଥିଲେ।

ଏ ଘଟଣାକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ହୃଦୟଙ୍ଗମ କରି ପୁଜାରିଣୀଙ୍କ ପାଇଁ ଏକ ବ୍ୟାଟେରୀ ଚାଳିତ ଗାଡ଼ି ପ୍ରଦାନ କଲେ ସେ ସୁବିଧାରେ ବିଦ୍ୟାଳୟକୁ ଯାଇ ପାରନ୍ତା ଓ ପାଠ ପଢ଼ି ପାରନ୍ତା। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମଧ ଏହି ଝିଅଟି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ ଶତବାର୍ଷିକ ଜୟନ୍ତୀ ସମାରୋହ



**ମାହାଙ୍ଗା,୧୨।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବିକାଶ ପରିଷଦ ଆନୁକୁଲ୍ୟରେ ମାହାଙ୍ଗା ବ୍ଲକ କୁଆଁପାଳ ସ୍ଥିତ ପ୍ରତିଭା ଭବନ ପରିସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ ସତବାର୍ଷିକ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ମାହାଙ୍ଗା ବିକାଶ ପରିଷଦର ସଭାପତି ତଥା ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼କ୍ଟର ଅଶୋକ କୁମାର ରାଉତ ସଭା ପରିଚାଳନା କରିଥିଲେ । ଉକ୍ତ ସଭାରେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ବସନ୍ତ କୁମାର ସାହୁ ଯୋଗ ଦେଇ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଡ଼କ୍ଟର ଏକାଦଶୀ ପ୍ରଧାନ, ନିଖିଳେଶପଦ ମହାନ୍ତି ମଂଚାସୀନ ଅତିଥିଭାବେ ଯୋଗଦେଇ ନନ୍ଦକିଶୋର ସାମଲଙ୍କ ବହୁ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଭକ୍ତ ଚରଣ ସ୍ୱାଇଁ, ଜିତେନ୍ଦ୍ର ଶତପଥୀ, ହରେକୃଷ୍ଣ ସାହୁ, ମନୋରଞ୍ଜନ ବିଶ୍ୱାଳ, ଉମେଶ ଭଞ୍ଜ, ସମିତି ସଭ୍ୟ ମନୋରଞ୍ଜନ ନାୟକ, ସମିତି ସଭ୍ୟ ଧ୍ରୁବ ଚରଣ ସାମଲ, ସାମ୍ବାଦିକ ଭକ୍ତ ଚରଣ ସାହୁ, ସାମ୍ବାଦିକ ଅଖିଳେଶ ମହାନ୍ତି, ପନଙ୍ଗ ଭୂଷଣ ଦାସ ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଅମର କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଶିଶୁ ସାହିତ୍ୟିକ ଭକ୍ତ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ରଜମହୋତ୍ସବ ପାଇଁ ବଗଡାରେ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡା ହାଇସ୍କୁଲ ପଡ଼ିଆରେ ଚଳିତବର୍ଷ ଜିଲ୍ଲାସ୍ତରୀୟ ରଜ ମହୋତ୍ସବ ମହା ସମାରୋହରେ ପାଳନ କରାଯିବ । ହଜିଯାଉଥିବା ଗ୍ରାମୀଣ ଓଡ଼ିଆ ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ରଜ ମହୋତ୍ସବ କମିଟି ପକ୍ଷରୁ ହାଇସ୍କୁଲ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି। ବିଜୟ ସ୍ୱାଇଁଙ୍କ ପୌରହିତରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପଦେଷ୍ଟା ଶ୍ରୀଧର ବେହେରା , ଚିରଞ୍ଜନ ସାମଲ, ମାନସ ରଞ୍ଜନ ସ୍ୱାଇଁ, ନିରଞ୍ଜନ ପରିଡା, ନିହାର ସାମଲ ପ୍ରମୁଖ ଯୋଗଦେଇ ଗତ ଶହେବର୍ଷରୁ ଉର୍ଦ୍ଧ ହେବ ଏହି ପଡିଆରେ ଅନୁଷ୍ଠିତ ହୋଇଆସୁଥିବା ବାଗୁଡ଼ି ଖେଳ ସହ ସବୁବର୍ଗର ଜନସାଧାରଣଙ୍କୁ ସାମିଲ କରିବାକୁ ନିଷ୍ପତି ନିଆଯାଇଥିଲା । ବିଶେଷ କରି ମହିଳା ମାନଙ୍କୁ ଏଥିରେ ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ନୃତ୍ୟ , ଝୋଟି, ମେହେନ୍ଦି ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ମାନଙ୍କରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ । ୧୪ତାରିଖରୁ ୧୬ ତାରିଖ ଯାଏ ପ୍ରତ୍ୟେହ ଅପରାହ୍ନ ୩ଟାରୁ ସନ୍ଧ୍ୟା୬ଟା ପର୍ଯ୍ୟନ୍ତ ପୁରୁଷ ମାନଙ୍କ ପାଇଁ ବାଗୁଡି ଖେଳ ପରେ ପରେ ମହିଳା ମାନଙ୍କର ପ୍ରତିଯୋଗିତା ରାତ୍ର ୯ଟା ପର୍ଯ୍ୟନ୍ତ ଚାଲୁରହିବ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି । ୧୩ ତାରିଖ ସୁଦ୍ଧା ମହିଳା ମାନେ ନିଜ ନିଜର ନାମ ପଞ୍ଜିକରଣ କରିବା ନିମନ୍ତେ କମଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧରେ ନିଖିଲ ସ୍ୱାଇଁ, ନରେନ୍ଦ୍ର ସାହୁ , ସତ୍ୟଜିତ ଜେନା, କାହ୍ନୁ ଚରଣ ଖୁଣ୍ଟିଆ, ଅବିନାଶ ଜେନା, ଶାନ୍ତନୁ ସ୍ୱାଇଁ,ଭାବଗ୍ରାହି ନାୟକ, ସଦାଶିବ ଦାସ, ବରଦା ସ୍ୱାଇଁ, ନିକି ଓଝା ,ଆଲୋକ ସ୍ୱାଇଁ, ବାଦଲ କୁମାର ରାଉତ, ଗିରିଶ କୁମାର ପାତ୍ର, ଶିବସୁନ୍ଦର ରାଉତ, ଦେବସ୍ମୃତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ମତାମତ ପ୍ରଦାନ କରିଥିଲେ ।

## ବ୍ରିଜ ଉପରୁ ନଦୀକୁ ଡେଇଁ ମହିଳା ଓ ଶିଶୁକନ୍ୟା ନିଖୋଜ



**ଆଳି,୧୨।୬ (ସଂଚାର ବ୍ୟୁରୋ):** ଚାରି ବର୍ଷର ଶିଶୁ କନ୍ୟା କୁ ନେଇ ବ୍ରହ୍ମଣୀ ନଦୀକୁ ଡେଇଁଲେ ମହିଳା । ଏଭଳି ଏକ ଅଭାବନୀୟ ଘଟଣା ଗୁରୁବାର ଘଟିଯାଇଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ । ଆଳି ଓ ପଟ୍ଟାମୁଣ୍ଡାଇକୁ ସଂଯୋଗ କରୁଥିବା ପତ୍ରପୁର ସେତୁ ଉପରେ ଚପଲ ଓ ମୋବାଇଲ ଫୋନ ରଖି ଜଣେ ମହିଳା ୪ ବର୍ଷର ଶିଶୁ କନ୍ୟାକୁ ନେଇ ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକ ପହଞ୍ଚି ଖୋଜା ଖୋଜି କରିବା ସହ ଦମକଳକୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ମହିଳା ଜଣକ ଆଳି ଥାନା ଅନ୍ତର୍ଗତ ସିଙ୍ଗିରି ମହାସାହାଣୀ ଗ୍ରାମର କାଜଲ ମହାନ୍ତି ବୋଲି ସୂଚନା ମିଳିଛି । ନଦୀକୁ କେଉଁ କାରଣରୁ ମହିଳା ଡେଇଁଛନ୍ତି ତାହା ଜଣାପଡିନଥିବା ବେଳେ ପାରିବାରିକ କଳହ ଯୋଗୁ ଏ ଭଳି ଘଟଣା ହୋଇ ଥିବ ବୋଲି କୁହାଯାଉଛି । ଘଟଣା ସ୍ଥଳରେ ଆଳି ପୁଲିସ ଓ ଦମକଳ ବାହିନୀ ପହଞ୍ଚିଛି ଖୋଜିବା ଆରମ୍ଭ କରିଛନ୍ତି । ଖବର ସଂଗ୍ରହ ଶେଷସୁଦ୍ଧା ଏପର୍ଯ୍ୟନ୍ତ ମା ଓ ଶିଶୁ କନ୍ୟାଙ୍କ ନଦୀ ମଧରୁ କୌଣସି ପତ୍ତା ମିଳିନାହିଁ।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ରାସନକାର୍ଡ ବଣ୍ଟନ



**କେନ୍ଦ୍ରାପଡ଼ା,୧୨।୬ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କେନ୍ଦ୍ରାପଡ଼ା ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ପାତ୍ର ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ସହିତ ସଫଳତାକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ ଅନୁରୋଧ କରିଛନ୍ତି । ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ବ୍ଲକ, କେନ୍ଦ୍ରାପଡ଼ା ପୌରପରିଷଦ, ଡେରାବିଶ ଏବଂ ମହାକାଳପଡ଼ା ବ୍ଲକର ମୋଟ ୪୦ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରେସନ କାର୍ଡ ମନ୍ତ୍ରୀ ବଣ୍ଟନ କରିଥିଲେ । ଏହି ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ବିଜେପି ସାଭାପତି ଶଶାଙ୍କ ଶେଖର ସେଠୀ, କେନ୍ଦ୍ରାପଡା ବିଜେପି ନେତ୍ରୀ ଗିତାଞ୍ଜଳି ସେଠୀ, ପାଟକୁରା ନେତା ତେଜେଶ୍ୱର ପରିଡା, ରାଜନଗର ନେତା ଲଳିତ ବେହେରା, ଆଳି ନେତା କୃଷ୍ଣ ଚନ୍ଦ୍ର ପଣ୍ଡା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଉପିନ ରାଉତ,କୃଷକନେତା ବିକ୍ରମ ରାଉତରାୟ ପ୍ରମୁଖ ସାମିଲ ଥିଲେ ।

## ତେରଗାଁ ପଞ୍ଚାୟତରେ ୫ଦିନ ହେବ ପାଣି ପାଉନାହାନ୍ତି ଲୋକେ




**ମହାକାଳପଡ଼ା,୧୨।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତରେ ୫ ଦିନ ହେବ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ଅଛନ୍ତି। ଯେଉଁଥିପାଇଁ ଲୋକଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ପଞ୍ଚାୟତର ମୋଟ୍ ୨୩ ଗୋଟି ୱାର୍ଡ ମଧରୁ ଟି ୪ଟି ୱାର୍ଡର ଲୋକେ ପାଣି ନପାଇ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଉ ଯେତିକି ଲୋକ ପାଣି ପାଉଛନ୍ତି ତାହା ବେଙ୍ଗ ମୁତିଲା ଭଳି ଆସୁଛି। ତଳ ମୁଣ୍ଡରେ ଲୋକେ ଘରେ ଘରେ ବ୍ୟକ୍ତିଗତ ମଟର ଲଗାଇ ପାଣି ନେବାରୁ ଉପର ମୁଣ୍ଡକୁ ପାଣି ଉଠୁନି। ଏନେଇ ବିଭାଗୀୟ ତତ୍ପରତା ମଧ ଦେଖିବାକୁ ମିଳୁନି। ଯାହାଫଳରେ ଲୋକେ ମନମାନି କରି ପାଣି ନେଉଛନ୍ତି।

ବିଭାଗୀୟ ଯନ୍ତ୍ରୀ ସୁବ୍ରତ କୁମାର ସାହୁ କହିଛନ୍ତି ପଞ୍ଚାୟତର ସରପଞ୍ଚ ପଞ୍ଚାୟତର ଯେତିକି ୱାର୍ଡର ଲୋକେ ପାଣି ପାଉଛନ୍ତି ତାହାର ସ୍ପଷ୍ଟତା ପ୍ରାମାଣିକ ପତ୍ର ଲିଖିତ ଆକାରରେ ଦେଉନାହାନ୍ତି ବୋଲି ଏଲଆଣ୍ଡଟି ସଂସ୍ଥା ପାଣି ଯୋଗାଣ କରିନାହିଁ। ତୁରନ୍ତ ବିଭାଗ ଏଥିପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜୟନ୍ତୀ ବିଦ୍ୟାପୀଠ ୧୯୯୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ନିଶ୍ଚିନ୍ତକୋଇଲି,୧୨।୬ (ସଂଚାର ବ୍ୟୁରୋ):** ବନ୍ଧୁତ୍ୱର ନିବିଡ ସମ୍ପର୍କ ହୃଦୟର ଗଭିର କୋଣ ଅନୁକୋଣରେ ସମୟର ତାଳେ ତାଳେ ଆଜକୁ ୩୦ବର୍ଷ ବିତି ଯାଇଥିଲେ ମଧ ଉଦ୍‌ଜିବିତ ହୋଇ ରହିଛି ସେହି ପୁରୁଣା ପ୍ରେମଭରା ସ୍ମୃତି। ପରସ୍ପରଙ୍କ ମଧରେ ସେହି ପ୍ରେମ ଭରା ଆବାଗ ଯାହା ଦେଖିବା ପାଇଁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁର ଜୟନ୍ତୀ ବିଦ୍ୟାପିଠ ୧୯୯୬ ମସିହା ଦଶମ ଶ୍ରେଣୀର ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ର ଛାତ୍ରୀଙ୍କ ମଧରେ। ତେବେ ଦୀର୍ଘ ୩୦ବର୍ଷ ପରେ ବିତିଯାଇଥିବା ସେହି ପୁରୁଣା ଦିନକୁ ମନେ ପକାଇ ମହାନଦୀର ଅବବାହିକା ସାହୁଖେତସ୍ଥ ଏକ ପିକନିକ୍ ସ୍ଥଳରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନେ ଯୋଗଦେଇ ଆନନ୍ଦ ଉଲ୍ଲାସର ସହକାରେ ବିତି ଯାଇଥିବା ପ୍ରତିଟି ଅଭୁଲା ସ୍ମୃତିକୁ ଜୀବନ୍ତ ରଖିବାକୁ ପ୍ରୟାସ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ଷଡ଼ଙ୍ଗୀ, ସୁଧାକର ସ୍ୱାଇଁ, ଢୁଲୁ ପରିଡା,ଅନନ୍ତ କିଶୋର ଭୂୟାଁ,ମିହିର ଅନସର ଅଲ୍ଲୀ,ପୁପୁ ଷଡ଼ଙ୍ଗୀ,ମୌଲାନା ପ୍ରମୁଁଖ ଯୋଗଦେଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଛ ଉତ୍ତରୀୟ ପ୍ରଦାନ ସ୍ୱରୁପ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଭୋଜି ଭାତର ଆୟୋଜନ ସହିତ କେକ୍ କାଟି ପରସ୍ପର ମଧରେ ଭାବର ଆଦାନ ପ୍ରଦାନ କରିଥିଲେ।





## ବାଛରା ପଞ୍ଚାୟତରେ ବିକାଶ ରଥ ସଚେତନତା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ,୧୨।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଂଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରଂଜିତା ସାହୁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ସିଆରସିସି ନମିତା ସାହୁ, ସିଏଚ ଓ ସଂଘମିତ୍ରା ସାହୁ, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜିପିଟି ଓ ରଂଜିତ ପରିଡ଼ା, ପିଇଓ କୌଶଲ୍ୟା ଲେଙ୍କା, ଡିଇଓ ମନୋରମା ସାମଲ, ସମାଜସେବୀ ଲିପୁ ରାଉତ ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ତୁଳସୀକ୍ଷେତ୍ର ରଥଯାତ୍ରା ପ୍ରସ୍ତୁତି ବୈଠକ

### ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା



**କେନ୍ଦ୍ରାପଡ଼ା,୧୨।୬ (ସଂଚାର ବ୍ୟୁରୋ):** ଗୁରୁବାର ସ୍ଥାନୀୟ ମୁନିସିପାଲିଟି ଟାଉନ ହଲ ଠାରେ ଚଳିତ ରଥଯାତ୍ରା ୨୦୨୫ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୫ ଘଟିକାରେ ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ ମୁଖ୍ୟତଃ ରଥଗଠନ, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନୀତି ନିର୍ଘନ୍ତ, ରାସ୍ତାଘାଟ ମରାମତି, ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା, ନିଶା ନିବାରଣ, ଅଗ୍ନି ନିରାପକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା,ସୂଚନା କେନ୍ଦ୍ର, ସାଂସ୍କୃତିକ, ଟ୍ରାଫିକ କଟକଣା, କାର୍ଯ୍ୟକ୍ରମ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ରଥଦାଣ୍ଡ ସଫେଇ, ଆପ୍ରଚ ରାସ୍ତା ମରାମତି, ଆମ୍ବୁଲାନ୍ସ ସେବା, ପରିବା ବିକାଳୀଙ୍କୁ ବଡଦାଣ୍ଡରେ ରଥଯାତ୍ରା ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ନବସିବା ପାଇଁ ବାରଣ କରାଯିବ, ବଡଦାଣ୍ଡରେ ଆମିଷ ସମ୍ପୂର୍ଣ ଭାବେ ବିକ୍ରି ବନ୍ଦ ରହିବ । ଏହାଛଡା ସିସି ଟିଭି ଲଗେଇବା, ଠାକୁରଙ୍କ ସାମ୍ନାରେ ସେବାୟତ ମାନେ ଭିଡ଼ ନ କରିବା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲେ ।

ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧରେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ଶସାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ , ପୌରାପରିଷଦ ଅଧକ୍ଷା ସରିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼ ଦେବତ୍ତର ବିଭାଗର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବି, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ ।

## ମହାବିଦ୍ୟାଳୟ ପରିସରରେ ଗୃହ ନିର୍ମାଣ ପାଇଁ ବୃକ୍ଷବଳି, ଜବତ କଲା ବନ ବିଭାଗ

**ନିଶ୍ଚିନ୍ତକୋଇଲି,୧୨।୬ (ସଂଚାର ବ୍ୟୁରୋ):** ସମସ୍ତ ସରକାରୀ ନୀତି ନିୟମକୁ ଖୋଲା ଖୋଲି ଭାବେ ଉଲଂଘନ କରି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସୁଭଦ୍ରା ମହତାବ ମହା ବିଦ୍ୟାଳୟ ପରିସରରେ ଗୃହ ନିର୍ମାଣ ନିମନ୍ତେ ଛୁଟି ଦିନରେ ଠିକାଦାର ତିନୋଟି ଜୀବନ୍ତ ଶାଗୁଆନ ଗଛ କାଟି ଦେଇଥିବାର ଅଭିଯୋଗ ହୋଇଛି। ଖବର ପାଇ ବନ ବିଭାଗ ଫରେଷ୍ଟର ରାକେଶ କୁମାର ସ୍ୱାଇଁ ଘଟଣା ସ୍ଥଳରେ ପହଁଞ୍ଚି ଏକ ଯାନ୍ତ୍ରିକ କାଠ କଟା କରତ ତିନୋଟି ଟାଙ୍ଗିଆ ସହ ଶାଗୁଆନ ଗଛକୁ ଜବତ କରିଛନ୍ତି। ତେବେ ଠିକାଦାର ବିନା ସରକାରୀ ମଞ୍ଜୁରୀରେ କିପରି ଜୀବନ୍ତ ଗଛ କାଟିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ବେଳେ ବିଶେଷ କରି ଶୁଭଦ୍ରା ମହାବିଦ୍ୟାଳୟର ଅଧକ୍ଷଙ୍କ ଉପରେ ସାଧାରଣରେ ଆଙ୍ଗୁଳି ନିର୍ଦ୍ଦେଶ ହୋଇଛି।



# ଜୀବନ ନେଉଛି ଡେଞ୍ଜର ଡାଇଭର୍ସନ

### ● ଜିଲ୍ଲାପାଳଙ୍କ ଦୃଷ୍ଟି ପଡ଼ିବ କେବେ? ● ପୁଲିସର ନିରବତାକୁ ନେଇ ପ୍ରଶ୍ନ



**କେନ୍ଦ୍ରାପଡ଼ା,୧୨।୬ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ଏବଂ ପାରାଦ୍ୱୀପକୁ ସଂଯୋଗ କରୁଥିବା ମୁଖ୍ୟ ବିପଦପୂର୍ଣ୍ଣ ସ୍ଥାନ ସାଜିଛି କେନ୍ଦ୍ରାପଡାର ବିଭିନ୍ନ ସ୍ଥାନ। ୫୩ (କ) ନଂ ଜାତୀୟ ରାଜପଥର ଭୂତମୁଣ୍ଡାଇ ଛକ ଠାରୁ ଡେରାବିଶ ଛତା ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ଯେତିକି ବିପଦପୂର୍ଣ୍ଣ ହୋଇଛି; ତାହାଠାରୁ ଅଧିକ ବିପଜ୍ଜନକ ହୋଇଛି ଡେଞ୍ଜର ଡାଇଭର୍ସନ । ଜାତୀୟ ରାଜପଥ ସମ୍ପ୍ରସାରଣ ନାମରେ ମନଇଛା ଡାଇଭର୍ସନ ତିଆରି କରାଯାଇଥିବାରୁ ଛୋଟ ବଡ଼ ସଡ଼କ ଦୁର୍ଘଟଣା ଘଟି ନିରୀହ ଲୋକମାନଙ୍କର ଜୀବନ ହାନି ହେବା ସହିତ ପ୍ରତିଦିନ ଯାତ୍ରୀମାନେ ବଡ଼ ବିପଦକୁ ସାମ୍ନା କରୁଛନ୍ତି । ଜାତୀୟ ରାଜପଥ କର୍ତ୍ତୃପକ୍ଷ କିମ୍ବା କାର୍ଯ୍ୟ କରୁଥିବା ଠିକାଦାର ଏଥିପ୍ରତି ଗୁରୁତ୍ୱ ନଦେବାରୁ କେନ୍ଦ୍ରାପଡା ଜିଲ୍ଲାର ଏହି ମୁଖ୍ୟ ରାସ୍ତା ଅଞ୍ଚଳରେ ପ୍ରତି ୨/୩ ଦିନ ଅନ୍ତରରେ ଛୋଟ ବଡ଼ ସଡ଼କ ଦୁର୍ଘଟଣା ଘଟୁଛି ।

ସେହିପରି ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ କାମ ଖଣ୍ଡିଆ କରି ରଖାଯାଇଥିବାରୁ ରାତିରେ ଟ୍ରକ୍‌ଗୁଡ଼ିକ ଅଯଥାରେ ଦୁର୍ଘଟଣାକୁ ସାମ୍ନା କରୁଛନ୍ତି । ଜାତୀୟ ରାଜପଥରେ ଏଭଳି ପରିସ୍ଥିତି ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ କେନ୍ଦ୍ରାପଡାର ବିଭିନ୍ନ ଥାନା ପୁଲିସ ମଧ ଏଥିପ୍ରତି ପଦକ୍ଷେପ ନନେବା ଦ୍ୱାରା ସାଧାରଣ ଲୋକେ ହଇରାଣ ହରକତ ହେଉଛନ୍ତି। ଏତଦବ୍ୟତୀତ ଜାତୀୟ ରାଜପଥରେ ଟ୍ରକ୍, ଟ୍ୟାଙ୍କର, କଣ୍ଟେନର, ଟ୍ରକ୍‌ଗୁଡ଼ିକ ବେଆଇନ ଭାବେ ପାର୍କିଂ କରିବା ଯୋଗୁଁ ଦୁର୍ଘଟଣା ଘଟୁଛି । କେତେକ ବ୍ୟବସାୟୀ ରାଜପଥ ପାର୍ଶ୍ୱ ଏବଂ ବାଇପାସ ସ୍ଥାନମାନଙ୍କରେ ବେଆଇନ ଭାବେ ଚିପ୍ସ, ବାଲି ଜମା କରି ବ୍ୟବସାୟ ଚଳାଉଛନ୍ତି। ଯେଉଁଥିପାଇଁ ଗମନାଗମନ ବେଳେ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ, କେନ୍ଦ୍ରାପଡା ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।




## ଆନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ

**ପଟ୍ଟାମୁଣ୍ଡାଇ,୧୨।୬ (ସଂଚାର ବ୍ୟୁରୋ):** ତାଲୁକ ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଯ୍ୟାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷା ଅପୂର୍ବା ଚୌଧୁରୀଙ୍କ ନିର୍ଦ୍ଦେଶରେ ଏକ ସଚେତନତା ଅଭିଯାନ କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବିଚାରପତି ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ପଟ୍ଟାମୁଣ୍ଡାଇ ସି ଡି ପି ଓ ଲକ୍ଷ୍ମୀମଣି ସିଂହ, ପଟ୍ଟାମୁଣ୍ଡାଇ ଫ୍ରଣ୍ଟ ଅଫିସ ରିଟେନର କମ ରିମାଣ୍ଡ ଆଡ଼ଭୋକେଟ ଧୀରେନ୍ଦ୍ରନାଥ ସାହୁ, ବରିଷ୍ଠ ଆଡ଼ଭୋକେଟ ପ୍ରତାପ କୁମାର ପୃଷ୍ଟି, ପ୍ରଫୁଲ୍ଲ କୁମାର ଦାଶ ଅଭିରାମ କୁଣ୍ଡ, ତପନ କୁମାର ନନ୍ଦୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ସିଭିଲ କୋର୍ଟ କର୍ମଚାରୀ ଲିଗାଲ ଏଡ଼ର କର୍ମକର୍ତ୍ତା ଅପର୍ଣ୍ଣା ସାମଲ, ମୋହନ ଦାଶ, ପିଏଲଭି ସଭ୍ୟ ଅମେରେନ୍ଦ୍ର ରାଉତ, ସୌମ୍ୟ ରଞ୍ଜନ ପଣ୍ଡା,ବବିତା ମଳିକ, ସୁବ୍ରତ ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ଶିଶୁ ଶ୍ରମିକ ନିରୋଧ ସପକ୍ଷରେ ସ୍ଲୋଗାନ ଦେଇଥିଲେ ।

## ଚୋରା ମଦ ଜବତ, ୮ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭରତପୁର ସତ୍ୟମ କୁମାର ରାଉତଙ୍କ ଠାରୁ ୩୪ ଲିଟର ଦେଶୀ ମଦ, ପୁରୁଷୋତ୍ତମପୁର ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ୨୯ ଲିଟର ଦେଶୀ ମଦ, କନ୍ତଆ ଗ୍ରାମର ଜିତେନ୍ଦ୍ର କୁମାର ଜେନାଙ୍କ ଠାରୁ ୩୭ ଲିଟର ବିଦେଶୀ ମଦ, କଶଟି ଗ୍ରାମର ଅଲେଖ ମଳିକଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ଦାନପୁର ଗ୍ରାମର ନିର ଜେନାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ହରିଅଙ୍କ ଗ୍ରାମର ଦୋଳଗୋବିନ୍ଦ ମଳିକଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ଓ କଜଳା ଗ୍ରାମର ସୁକାନ୍ତି ଦାସଙ୍କ ଠାରୁ ୩୨ ଲିଟର ଦେଶୀ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୨୩୨ ଲିଟର ଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



## ଲଟେରୀ ନାଁରେ ମହିଳାଙ୍କୁ ଠକେଇ




**ଆଳି,୧୨।୬(ସଂଚାର ବ୍ୟୁରୋ):** ଆପଣଙ୍କ ଲଟେରୀ ଲାଗିଛି। ଆପଣ ଲକି କୁପନ ଜିତିଛନ୍ତି। ଆପଣଙ୍କର ଗଡ଼ରେଜ,ଫ୍ରିଜ ଓ ହୋମଥିଏଟର ଉଠିଛି। ଜିନିଷ ଯଦି ନେବାକୁ ଚାହୁଁଛନ୍ତି ତେବେ ୩୫୦୦ଟଙ୍କା ଦିଅନ୍ତୁ। ଏତିକି କହି ହାତରେ ଟଙ୍କା ପଡ଼ିବା ପରେ ଛୁ ମାରିଥିଲେ ଦୁର୍ବୃତ୍ତ। ହଁ ଆଜ୍ଞା, ମାର୍କେଟିଂ ନାଁରେ ଠକେଇ। ଲଟେରୀ ଉଠିଛି କହି ମହିଳାଙ୍କଠାରୁ ୩,୭୦୦ ଟଙ୍କା ଲେଖାଏଁ ଠକି ନେଲେ ଠକ। ଠକେଇର ଶିକାର ହେବାପରେ ଏବେ ମହିଳାମାନେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ତଗାସ ଗାଁର ୧୦ରୁ ଉର୍ଦ୍ଧ୍ୱ ମହିଳାମାନେ ଏଭଳି ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି। ଗାଁରେ ୪ ଚକିଆ ଗାଡ଼ିରେ ୫/୬ ଜଣ ଲୋକେ ପହଞ୍ଚିଥିଲେ। ମହିଳାଙ୍କୁ ୧୦୦ ଟଙ୍କାର କୁପନ କିଣି ଲାଟେରୀ ଉଠାନ୍ତୁ ଆଉ ଆକର୍ଷଣୀୟ ଉପହାର ପାଆନ୍ତୁ ବୋଲି କହିଥିଲେ। ଲୋଭରେ ପଡ଼ି ମହିଳାମାନେ କୁପନ କିଣି ଉଠାଇବାପରେ ଗଡ଼ରେଜ,ଫ୍ରିଜ, ଓ ହୋମଥିଏଟର ଉଠିଥିଲା। ଏହି ଜିନିଷ ନେବା ପାଇଁ ମହିଳାମାନଙ୍କୁ ଆଉ ୩୫୦୦ ଟଙ୍କା ଦେବାକୁ କହିଥିଲେ ଠକମାନେ। ମହିଳାମାନେ ଟଙ୍କା ଦେବା ପରେ ଜିନିଷ ପଛରେ ଆସୁଛି କହି ୫/୬ ଜଣ ଠକ ଗାଁ ଛାଡି ଫେରାର ହୋଇଯାଇଥିଲେ। ପରେ ମହିଳାମାନେ ସେମାନଙ୍କ ଫୋନରେ କଲ କରିବାରୁ ଠକମାନେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି।

## ରବୀନ୍ଦ୍ର ମଣ୍ଡପରେ 'ଭକ୍ତ ସାଲବେଗ' ପ୍ରଦର୍ଶିତ

**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୁଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପଠାରେ କିମ୍ବଦନ୍ତୀ ସଙ୍ଗୀତଜ୍ଞମାନଙ୍କୁ ସମର୍ପିତ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଏବଂ ଜୟଦେବ ଭବନଠାରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହିସବୁ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜିର ନାଟକ ସନ୍ଧ୍ୟାରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଧାରିତ ନାଟକ ପ୍ରଦର୍ଶିତ ହୋଇଥିଲା। ନାଟ୍ୟକାର ପଞ୍ଚାନନ ଦାଶ ନାଟକ ରଚନା କରିଥିବା ବେଳେ ଅତୀଶ କୁମାର ଶତପଥୀ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଭାବେ କିମ୍ବଦନ୍ତୀ ସଙ୍ଗୀତଜ୍ଞ ନିମାଇଁ ଚରଣ ହରିଚନ୍ଦନ ଓ ଭିକାରୀ ଚରଣ ବଳଙ୍କ ସଙ୍ଗୀତକୁ ନେଇ ଭଞ୍ଜକଳା ମଣ୍ଡପରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜୟଦେବ ଭବନରେ ଆଜି 'ଭକ୍ତ ସାଲବେଗ' ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଆଜି ଆୟୋଜିତ ହୋଇଥିବା ସମସ୍ତ କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ୍ ଉପଭୋଗ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଅହମ୍ମଦାବାଦ ବିମାନ ଦୁର୍ଘଟଣା

## ଉପମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ଶୋକ





**ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ):** ଅହମ୍ମଦାବାଦରେ ଯାତ୍ରୀବାହୀ ବିମାନ ଦୁର୍ଘଟଣା ଖବର ଶୁଣି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ତାଙ୍କ ସହଧର୍ମିଣୀ ତଥା ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ସିଂହଦେଓ କହିଛନ୍ତି ଯେ ଅହମ୍ମଦାବାଦର ମେଘାନୀ ନଗରରେ ଘଟିଥିବା ଦୁଃଖଦ ଯାତ୍ରୀବାହୀ ବିମାନ ଦୁର୍ଘଟଣାରେ ମୁଁ ଗଭୀର ମର୍ମାହତ। ଏହି ବିମାନରେ ୨୪୨ ଜଣ ଯାତ୍ରୀ ଥିଲେ । ଭାରତୀୟଙ୍କ ସହ ଅନ୍ୟ ଦେଶର ନାଗରିକ ମଧ୍ୟ ଏଥିରେ ଯାତ୍ରା କରୁଥିଲେ ।ଏଥିରେ ଏତେ ଭୟଙ୍କର ଭାବରେ ମୂଲ୍ୟବାନ ଜୀବନ ହରାଇବା ପ୍ରକୃତରେ ହୃଦୟ ବିଦାରକ। ଏହି ଦୁଃଖର ମୁହୂର୍ତ୍ତରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା। ଆହତ ଯାତ୍ରୀଙ୍କ ଉଦ୍ଧାର ଏବଂ ଆଶୁ ଆରୋଗ୍ୟ କାମନା କରୁଛି । ଏହି କଷ୍ଟକର ସମୟକୁ ମୁକାବିଲା କରିବା ପାଇଁ ଭଗବାନ ସେମାନଙ୍କ ପରିବାରବର୍ଗଙ୍କୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ଶ୍ରୀ ସିଂହଦେଓ କାମନା କରିଛନ୍ତି। ସେହିପରି ବାଚସ୍ପତି ସୁରମା ପାଢ଼ୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏହା ଏକ ଯନ୍ତ୍ରଣାଦାୟକ ଘଟଣା ବୋଲି କହିଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ସେ ସମସ୍ତ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ରଥଯାତ୍ରାରେ ରେଳବାଇ ଜ୍ୟାକ୍ର ବ୍ୟବହାର ଦିବ୍ୟ ସଂଯୋଗ



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ରଥଯାତ୍ରାରେ ରେଳବାଇ ଜ୍ୟାକଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଏହା ରେଳବାଇ ପାଇଁ ଏକ ଦିବ୍ୟ ସଂଯୋଗ। ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରାୟ ୨ ଶହ ମିଟର ଦୂରରେ ରଥଗୁଡ଼ିକ ନିର୍ମିତ ହୋଇଥାଏ। ମୁଖ୍ୟ ମନ୍ଦିର ସମ୍ମୁଖରେ ୩ଟି ରଥକୁ ସଠିକ ସ୍ଥାନରେ ରଖିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଓ ଏଥିପାଇଁ ବଡ଼ ବଡ଼ ରେଳବାଇ ଜ୍ୟାକ୍ ବ୍ୟବହାର କରାଯାଏ। ରଥଯାତ୍ରା ସମୟରେ ରେଳ ବିଭାଗର ୪୦ ଜଣ କର୍ମଚାରୀଙ୍କ ଏକ ଦଳ ସମସ୍ତ ମରାମତି ଉପକରଣ ସହ ଦୁଇଟି ଟ୍ରକରେ ରଥଗୁଡ଼ିକ ଅନୁସରଣ କରନ୍ତି। ପ୍ରଚଳିତ ପରମ୍ପରା ଅନୁଯାୟୀ ରଥଗୁଡ଼ିକ ଆଗକୁ ବଢ଼ିବା ପରେ ପଛକୁ ହଟନ୍ତି ନାହିଁ। ତେଣୁ ରଥଗୁଡ଼ିକୁ ସୁଗମ ଭାବେ ଚଳାଇବାରେ ରେଳ କର୍ମଚାରୀଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କେତେକ ଘଟଣାରେ ରଥଗୁଡ଼ିକରେ ହୋଇଥିବା ଅତ୍ୟଧିକ କ୍ଷତିକୁ ମରାମତି କରିବା ପାଇଁ ମଞ୍ଚେଶ୍ୱରସ୍ଥିତ କାରଖାନାରୁ ସ୍ୱତନ୍ତ୍ର ଲୁହା କ୍ଲାମ୍ପ ତିଆରି ହେବାର ଉଦାହରଣ ମଧ୍ୟ ଇତିହାସରେ ଲିପିବଦ୍ଧ ରହିଛି। ରେଳ ବିଭାଗ ବିଶାଳ ରଥଗୁଡ଼ିକୁ ସେମାନଙ୍କ ନିର୍ମାଣ ସ୍ଥାନରୁ ମୁଖ୍ୟ ମନ୍ଦିର ଦ୍ୱାରକୁ ପରିବହନ କରିବା, ନିର୍ମାଣ କିମ୍ବା ଯାତ୍ରା ସମୟରେ ରଥଗୁଡ଼ିକରେ ହୋଇଥିବା କ୍ଷତିର ମରାମତି କରିବା, ରଥଗୁଡ଼ିକୁ ଦିଶା ନିର୍ଦ୍ଦେଶ ପ୍ରଦାନ କରିବା, ରଥଗୁଡ଼ିକର ଦିଗ ପରିବର୍ତ୍ତନ କରିବା ଏବଂ ସେଗୁଡ଼ିକୁ ସ୍ଥାନାନ୍ତର କରିବା ଭଳି ସେବା ପ୍ରଦାନ କରିଥାଏ।

## ୨୩ରେ ଗଣଆବେଦନପତ୍ର ଦେବେ ପେନ୍‌ସନ୍‌ଭୋଗୀ



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** 'ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ'ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନରେ ବିକାଶ ମଞ୍ଚର ସଭାପତି ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଅବସରପ୍ରାପ୍ତ ସଂଗଠନ ଓ ଜିଲ୍ଲା ନେତୃବୃନ୍ଦ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଲୋକନାଥ

**ପେନସନ ଭାଲିଡେସନ୍ ରୁଲ୍ସ କାର୍ଯ୍ୟକାରୀ ନ କରିବାକୁ ଦାବି**

ରଥ ପେନସନ୍ ରୁଲ୍ସ ପାରିତ କରାଯାଇଥିବାରୁ କମିଶନରଙ୍କ ସୁପାରିସ୍ କାର୍ଯ୍ୟକାରୀ ହେବା ତାରିଖର ପୂର୍ବ ପେନସନଭୋଗୀଙ୍କ ପେନସନ କେଉଁ ତାରିଖରୁ ଓ କିପ୍ରକାର ସଂଶୋଧନ ହେବ, ଏହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଇଚ୍ଛାଧୀନ ବ୍ୟାପାର ହେବ। ଏହି ନିଷ୍ପତ୍ତି ଅର୍ଥ ବିଲ୍-୨୦୨୫ର ଅଂଶ ଭାବେ ଭାଲିଡେସନ୍ ଅଫ୍ ସେଣ୍ଟ୍ରାଲ୍ ସିଭିଲ୍ ସର୍ଭିସେସ୍ (ପେନସନ୍ ରୁଲ୍ସ)ରେ ଗତ ମାର୍ଚ୍ଚରେ ପାର୍ଲାମେଣ୍ଟରେ ପାରିତ ହୋଇଛି। ଫଳରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ଆଗାମୀ ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ କମିଶନଙ୍କ ସୁପାରିସ୍ କାର୍ଯ୍ୟକାରୀ ହେଲେ ଏହି ତାରିଖ ପରେ ଅବସର ଗ୍ରହଣ କରିବା କର୍ମଚାରୀ ଓ ଶିକ୍ଷକଙ୍କ ପେନସନ୍ ସଂଶୋଧନ କମିଶନଙ୍କ ସୁପାରିସ୍ କ୍ରମେ ହେବ। କିନ୍ତୁ ଏହା ପୂର୍ବରୁ ଥିବା ନିବୃତ୍ତମାନଙ୍କ ପେନସନ ସଂଶୋଧନ କେବେଠୁ ଓ କେଉଁ ଆକାରରେ ହେବ, ତାହା କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରିବ। ସୁପ୍ରିମକୋର୍ଟର ୫ ଜଣ ବିଚାରପତିଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଗତ ୧୯୮୦ର ଡିଏସ୍ ନାକରା କେସ୍‌ରେ ଅବସର ତାରିଖ ଭିତ୍ତିରେ ଭିନ୍ନଭିନ୍ନ ପେନ୍‌ସନ୍ ସଂଶୋଧନ ନିୟମ କରିବା ଅସାମ୍ବିଧାନିକ ବୋଲି ମତ ଦେବା ସହ ପେନସନ୍ ସଂଶୋଧନ ତାରିଖର ପୂର୍ବ ଓ ପର ପେନସନ୍‌ଭୋଗୀଙ୍କ ମଧ୍ୟରେ ସମତା ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ଅନେକ ମକଦ୍ଦମାରେ ସୁପ୍ରିମକୋର୍ଟ ତଥା ଦେଶର ବିଭିନ୍ନ ହାଇକୋର୍ଟ ଏହି ନିଷ୍ପତ୍ତି ଭିତ୍ତିରେ ଆଦେଶ ଦେଇଛନ୍ତି। ସରକାର ମଧ୍ୟ ସେହି ନିଷ୍ପତ୍ତି କାର୍ଯ୍ୟକାରୀ କରିଛନ୍ତି। ଏପରିକି ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଦ୍ୱାରା ସପ୍ତମ ବେତନ କମିଶନରଙ୍କ ସୁପାରିଶ କାର୍ଯ୍ୟକାରୀ ବେଳେ ଉକ୍ତ ସମତା ରକ୍ଷା କରାଯାଇଛି। ଉକ୍ତ ଭାଲିଡେସନ୍ ରୁଲ୍ସ ଦେଶର ଉଚ୍ଚତମ ଅଦାଳତର ଆଦେଶର ଖିଲାଫ କରିବା ସହ ପେନସନ୍ ସଂଶୋଧନରେ ପ୍ରତିଷ୍ଠିତ ଓ ଦୀର୍ଘବର୍ଷର ପ୍ରଚଳିତ ନିୟମର ଉଲ୍ଲଂଘନ କରୁଛି। ଏହାଫଳରେ ପେନସନ୍ ଅଧିକାର ନହୋଇ ଦୟା ଉପରେ ନିର୍ଭର କରିବ। ଫଳରେ ଓଡ଼ିଶା ସମେତ ଯେଉଁସବୁ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଗୃହୀତ ପେନସନ୍ ସଂଶୋଧନ କାର୍ଯ୍ୟକାରୀ ହେଉଛି, ସେଠାକାର ପେନସନ୍‌ଭୋଗୀମାନେ କ୍ଷତି ସହିବେ। ତେଣୁ ଏହା ପ୍ରତିବାଦରେ ସର୍ବଭାରତୀୟ ରାଜ୍ୟ ପେନସନର୍ସ ଫେଡେରେସନ ପକ୍ଷରୁ ଆସନ୍ତା ୨୩ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ ଜରିଆରେ ଗଣଆବେଦନ ପତ୍ର ପ୍ରଦାନ ପାଇଁ ସଭାରେ ନିଷ୍ପତ୍ତି ହୋଇଛି। ବୈଠକରେ ଅମିୟ କୁମାର ମହାନ୍ତି, ହିମାଂଶୁ ଶେଖର ଲେଙ୍କା, ଚିତ୍ତରଞ୍ଜନ ହୋତା, ସୂର୍ଯ୍ୟମଣି ତ୍ରିପାଠୀ, ଅଜୟ ଦାସ, ହରିହର ବରା, ଦୁର୍ଯ୍ୟୋଧନ ପରିଡ଼ା, ନରସିଂହ ଆଚାରୀ, ବିଶ୍ୱନାଥ ପଣ୍ଡା, ଅଜୟ କୁମାର ସାହୁ, ଅଲେଖ ଚରଣ ରାଉତ, ଡମ୍ବରୁଧର କବି, ରାଜେଶ୍ୱର ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ।

## ରଜରେ ଖୋଲା ରହିବ ନନ୍ଦନକାନନ

**ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ):** ନନ୍ଦନକାନନ କର୍ତ୍ତୃପକ୍ଷ ବଡ଼ ନିଷ୍ପତ୍ତି। ସୋମବାର ରଜ ପର୍ବ ତୃତୀୟ ଦିନ ପଡୁଥିବାରୁ ପର୍ଯ୍ୟଟକମାନଙ୍କ ପାଇଁ ନନ୍ଦନକାନନ ଖୋଲା ରହି ମଙ୍ଗଳବାର ବନ୍ଦ ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି । ଓଡ଼ିଶାର ଗଣପର୍ବ ରଜ ୧୪ ତାରିଖ ଠାରୁ ଆରମ୍ଭ ହେଉଛି। ୧୬ ତାରିଖ ସୋମବାର ଶେଷ ରଜ ଓ ରଜ ସଂକ୍ରାନ୍ତି। ରଜ ୩ ଦିନ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ତେଣୁ ସୋମବାର ନନ୍ଦନକାନନର ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରହିବ ।

## ଡକାୟତଙ୍କ ଆକ୍ରମଣରେ ଘରମାଲିକ ଆହତ



**ସୋରୋ, ୧୨।୬ (ସଂଚାର ବ୍ୟୁରୋ) :** ବୁଧବାର ରାତିରେ ଡକାୟତଙ୍କ ଭୁଜାଲି ଆକ୍ରମଣରେ ଘରମାଲିକ ସମେତ ଦୁଇ ଆହତ ହୋଇ ଗୁରୁତର ହୋଇଛନ୍ତି । ଘର ମାଲିକ ଗୁରୁତର ହୋଇଥିଲେ ମଧ୍ୟ ଡକାୟତଙ୍କୁ ଧରିବାକୁ ସକ୍ଷମ ହୋଇଛନ୍ତି । ସ୍ଥାନୀୟ ଲୋକେ ଡକାୟତ ସନ୍ଦେହରେ ଅନ୍ୟ ଜଣକୁ ଧରି ପୋଲିସ ଜିମା ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ନପୂର୍ଣ୍ଣା ରାଇସ ମିଲର ଆୟୁର୍ବେଦିକ ଡାକ୍ତର ତପନ ଦାସ ପରିବାର ସହ ଭଦ୍ରକ ଯାଇଥିଲେ। ରାତି ପ୍ରାୟ ସାଢେ ୧୨ଟା ରେ ଫେରି ଘର ତାଲା ଖୋଲା ଥିବାରୁ ସନ୍ଦେହ କରି ପରିବାର ଘରକୁ ପଶିଥିଲେ । ଘର ଅନ୍ଧାର ସୁଯୋଗ ନେଇ ଜଣେ ଡକାୟତ ଖସିଯିବା ବେଳେ ଡାକ୍ତର ଦାସ ଓ ତାଙ୍କ ପୁତୁରା ଦୀପକ ଡକାୟତକୁ ଧରିବାକୁ ଉଦ୍ୟମ କରିବାରୁ ଡକାୟତ ଦୀପକ ହାତକୁ କାମୁଡିବା ସହିତ ଭୁଜାଲିରେ ଡାକ୍ତର ଦାସଙ୍କ ମୁଣ୍ଡକୁ ଆକ୍ରମଣ କରି ଗୁରୁତର କରିଥିଲେ । ଡ଼ ଦାସ ଓ ପୁତୁରା ଗୁରୁତର ହୋଇ ଡକାୟତକୁ କାବୁ କରି ପଡୋଶୀଙ୍କୁ ଡ଼ାକ ପକାଇବାରୁ ପଡୋଶୀମାନେ ଆସି ଡକାୟତକୁ ଧରି ପୋଲିସ ଜିମା ଦେଇଥିଲେ । ପରେ ଓଭର ବ୍ରିଜ ଉପରୁ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି ।

## ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୭ ଲକ୍ଷରୁ ଅଧିକ ଟଙ୍କା ଲୁଟିନେଲେ

**ଭଦ୍ରକ, ୧୨।୬ (ସଂଚାର ବ୍ୟୁରୋ):** ଭଦ୍ରକରେ ବନ୍ଧୁକ ମୁନ୍‌ରେ ବ୍ୟାଙ୍କରେ ସଶସ୍ତ୍ର ଡକାୟତି ହୋଇଛି। ତିହିଡ଼ି ବଜାରସ୍ଥିତ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍‌ରେ ଲୁଟ୍ ହୋଇଛି। ବ୍ୟାଙ୍କ ମ୍ୟାନେଜରଙ୍କ ମୁଣ୍ଡରେ ବନ୍ଧୁକ ରଖି ୪ ମୁଖାପିନ୍ଧା ଦୁର୍ବୃତ୍ତ ଲୁଟ୍ କରି ଫେରାର ହୋଇଯାଇଛନ୍ତି। ୭ ଲକ୍ଷ ୫୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ତିହିଡ଼ି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପିକକ୍ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମବିରୋଧୀ ଦିବସ




**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ପ୍ରତି ଜୁନ୍ ୧୨ ତାରିଖରେ, ବିଶ୍ୱ ଶିଶୁ ଶ୍ରମ ବିରୋଧୀ ଦିବସ ପାଳନ ପାଳନ କରାଯାଏ । ଏହିବର୍ଷର ବିଷୟବସ୍ତୁ 'ଅଗ୍ରଗତି ସ୍ପଷ୍ଟ, କିନ୍ତୁ ଆହୁରି ଅନେକ କିଛି କରିବାକୁ ଅଛି: ଆସନ୍ତୁ ପ୍ରୟାସକୁ ତ୍ୱରାନ୍ୱିତ କରିବା' ଆନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ୟୁନିସେଫ ଦ୍ୱାରା ଆଜି ପ୍ରକାଶିତ ନୂତନ ଆକଳନ ଅନୁଯାୟୀ,ଗତବର୍ଷ ପ୍ରାୟ ୧୩୮ ନିୟୁତ ଶିଶୁ ଶିଶୁଶ୍ରମରେ ନିୟୋଜିତ ଅଛନ୍ତି, ଯେଉଁଥିରେ ପ୍ରାୟ ୫୪ ନିୟୁତ ବିପଜ୍ଜନକ କାର୍ଯ୍ୟ କରୁଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା କିମ୍ବା ବିକାଶକୁ ବିପଦରେ ପକାଇବାର ଆଶଙ୍କା ରହିଛି। ବିଶ୍ୱ ଶିଶୁ ଶ୍ରମବିରୋଧୀ ଦିବସ ସମସ୍ତ ପ୍ରକାରର ଶିଶୁ ଶ୍ରମକୁ ଦୂର କରିବା ଓ ପ୍ରତ୍ୟେକ ଶିଶୁ ପାଇଁ ଶିକ୍ଷା, ସୁରକ୍ଷା ଓ ଶୋଷଣମୁକ୍ତ ଜୀବନର ଅଧିକାର ଉପଭୋଗ କରିବା ନିଶ୍ଚିତ କରିବା ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ। ଏହି ଦିନଟି ପାଳନ କରିବା ପାଇଁ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ରାଜ୍ୟର କେତେକ ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ ଜିଲ୍ଲା ଓ ଜାତୀୟ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ତୃଣମୂଳ ସ୍ତରରେ ଲୋକଙ୍କୁ ଜଡ଼ିତ କରିବା ଏବଂ ଏହି ସମସ୍ୟା ବିଷୟରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ କରାଯାଇଥିଲା। ଏଥିରେ ସଭା, ର୍ୟାଲି, କାର୍ଟୁନଚିତ୍ର, ସଚେତନତା ବାର୍ତ୍ତା, ପୋଷ୍ଟର ତିଆରି, ମାନବଶୃଙ୍ଖଳ, ସାମାଜିକ ଗଣମାଧ୍ୟମ ଅଭିଯାନ, ରେଡିଓ ସମ୍ପର୍କ ୮୯.୬ ଆଦସ ପ୍ରମୁଖ। ପିକକ୍ ପକ୍ଷରୁ ଗତ ଏପ୍ରିଲ ୩୦ରୁ ଆରମ୍ଭ ହୋଇଥିବା ଏହି ୪୪ଦିନିଆ ଶିଶୁ ଶ୍ରମ ବିରୋଧୀ ଅଭିଯାନ ଆଜି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ପିକକ୍ ଦ୍ୱାରା ଗଠିତ କେଳାସାହି ବସ୍ତିର କିଶୋର କିଶୋରୀ ଗୋଷ୍ଠୀର ନେତ୍ରୀ ଦିୟା ଦାସ କହିଛନ୍ତି ଯେ ସମସ୍ତ ପିଲା ସ୍କୁଲ ଯିବା ଉଚିତ ଏବଂ ସେମାନଙ୍କୁ ସ୍ୱପ୍ନ ଦେଖିବା, ଶିଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ଗଠନ କରିବାର ସୁଯୋଗ ଦିଆଯିବା ଉଚିତ। କୌଣସି ପିଲାକୁ ଜୀବିକା ନିର୍ବାହ ପାଇଁ ନିଜ ଶୈଶବକୁ ବଳିଦାନ ଦେବାକୁ ପଡ଼ିବ ନାହିଁ। ସେହିପରି କେନ୍ଦୁଝରର ଇକୋସେଭର୍ସ ଯୁବ ଗୋଷ୍ଠୀ ସଦସ୍ୟ ସଂଗ୍ରାମ ଦେହୁରୀ କହିଛନ୍ତି ଯେ ପ୍ରତ୍ୟେକ ଶିଶୁ ଶ୍ରମ ନୁହେଁ, ବରଂ ଏକ ସୁନ୍ଦର ଶୈଶବ ପାଇବା ଉଚିତ। ତେଣୁ ଏ ଦିଗରେ ସମସ୍ତେ ପଦକ୍ଷେପ ନେବା ସହ ଶିକ୍ଷା, ସ୍ୱପ୍ନ ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

### ● ବିଜେପି ସରକାରକୁ କଂଗ୍ରେସର ଟାଗେଟ୍


## ପ୍ରତିଶ୍ରୁତି ନୁହେଁ ପ୍ରତାରଣା, ଶାସନ ବାଟବଣା




**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଓଡ଼ିଶାରେ ୨୪ ବର୍ଷର ବିଜେଡି ସରକାରର ପତନ ହୋଇଛି। ମୋହନ ସରକାର ପ୍ରଥମ ବର୍ଷ ପୂରଣ ମଧ୍ୟ ହୋଇଛି। କିନ୍ତୁ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ପ୍ରତିଶ୍ରୁତିରେ ପୋତି ପକାଇଥିବା ମୋହନ ସରକାର ପ୍ରତିଶ୍ରୁତି ନାଁରେ ପ୍ରତାରଣା କରିଛନ୍ତି। ସମନ୍ୱୟ ଅଭାବ ଓ ଅହମିକା ଶାସନ ବ୍ୟବସ୍ଥାକୁ ବାଟବଣା କରିଛି। ପ୍ରଚାରସର୍ବସ୍ୱ ଢଙ୍ଗରେ ବର୍ଷ ପୂର୍ତ୍ତି ପାଳନ କରୁଥିବା ସରକାରରେ ତାଳୁରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତି ଭରିରହିଛି। ଗରିବ ଜନତାର ଟିକସ ପଇସାରେ ସରକାର ଏକ ବର୍ଷର ପୂର୍ତ୍ତି ପାଳନ ଉତ୍ସବ ଏକ ପ୍ରହସନ ବୋଲି ମତ ଦେଇଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସ ସ୍ଥାନୀୟ କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ପ୍ରତିଶ୍ରୁତିର ପ୍ରତାରଣାକୁ ପଦାରେ ପକାଇବା ପାଇଁ 'ବର୍ଷ-୧, ପ୍ରତାରଣା ଅନେକ' ଶୀର୍ଷକ ଏକ ପ୍ରଚାରପତ୍ରକୁ ଉନ୍ମୋଚନ କରିବା ସହ ସମ୍ପର୍କରେ ରାଜ୍ୟରେ ପ୍ରମୁଖ ସହରରେ ବରିଷ୍ଠ ନେତାମାନେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଅସଲମୁଖା ଖୋଲିବେ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଶ୍ରୀ ଦାସ ସୂଚନା ଦେଇଛନ୍ତି ଯେ ଆଗାମୀ ଦିନରେ ବିଜେପି ସରକାରର ଛଳନାପୂର୍ଣ୍ଣ ଆଭିମୁଖ୍ୟର ପୋଲ୍ ଦଳର ପ୍ରମୁଖ ନେତା ଯଥା ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବଲାଙ୍ଗୀରରେ, ନିରଞ୍ଜନ ପଟ୍ଟନାୟକ ଖୋର୍ଦ୍ଧାରେ, ଜୟଦେବ ଜେନା ପୁରୀରେ, ପ୍ରସାଦ ହରିଚନ୍ଦନ ବ୍ରହ୍ମପୁରରେ, ତାରାପ୍ରସାଦ ବାହିନୀପତି ବାଲେଶ୍ୱରରେ, ଜଗନ୍ନାଥ ପଟ୍ଟନାୟକ ସମ୍ବଲପୁରରେ, ଅନନ୍ତ ପ୍ରସାଦ ସେଠୀ କେନ୍ଦ୍ରାପଡ଼ାରେ, ସିଏସ ରାଜନ ଏକ୍କା ରାୟଗଡ଼ାରେ ଖୋଲିବେ। ଏହି ଅବସରରେ ପୂର୍ବତନ ପିସିସି ସଭାପତି ଶ୍ରୀ ହରିଚନ୍ଦନ ବିଜେପି ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି କିଭଳି ପ୍ରତାରଣାରେ ପରିଣତ ହୋଇଛି, ତା'ର ଏକ ସବିଶେଷ ରିପୋର୍ଟ କାର୍ଡ ପିସିସି ସଭାପତିଙ୍କୁ ପ୍ରଦାନ କରିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରର ଦୁର୍ନୀତି ନେଇ ଶ୍ରୀ ଦାସ କହିଥିଲେ ଯେ ରାଜ୍ୟରେ ଦୁର୍ନୀତି ସୀମା ଲଙ୍ଘନ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କଠାରୁ କୋଟି କୋଟି ଟଙ୍କା ଜବତ ହୋଇଛି। ବିଭିନ୍ନ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ନିୟୋଜିତ ଜେଇଠାରୁ ମୁଖ୍ୟ ଯନ୍ତ୍ରୀ ପର୍ଯ୍ୟନ୍ତ ଜଣକ ପରେ ଜଣେ ଦୁର୍ନୀତିରେ ଛନ୍ଦି ହୋଇଥିବା ସାମ୍ନାକୁ ଆସୁଛି। ଜଣେ ଆଇଏସ ଅଫିସର ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀରବତା ଓ ସ୍ଥାଣୁତା ଦୁର୍ନୀତିକୁ ଦ୍ୱିଗୁଣିତ କରିଛି। ମୋଦି ସରକାରଙ୍କ ଶୁଆ ପାଳଟିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଓଡ଼ିଶାରେ ଲାଞ୍ଚ ନେଇ ସିବିଆଇ ହାତରେ ବନ୍ଧା ହୋଇଛନ୍ତି। କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀଙ୍କୁ ଚିହ୍ନଟ କରିବାରେ ମୋହନ ସରକାର ବିଫଳ ହୋଇଛି। ସେହିପରି ଧାନର କଟ୍‌ନୀ ଛଟ୍‌ନୀରେ ସରକାରଙ୍କ ଭାଗ କେତେ ରହିଛି, ତା'ର ତଦନ୍ତ ପାଇଁ ପିସିସି ସଭାପତି ଦାବି କରିଛନ୍ତି। ସେହିପରି ସୁଭଦ୍ରା ଯୋଜନାରେ ସରକାର ମହିଳାଙ୍କୁ ଠକିଛନ୍ତି ବୋଲି ସେ କହିବା ସହ ମିଥ୍ୟାର ସୌଦାଗର ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପ୍ରତାରଣାରେ ରେକର୍ଡ କରିଥିବା ଶ୍ରୀ ଦାସ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ବେକାରୀ ସମସ୍ୟା କେତେ ଉତ୍କଟ ହୋଇଛି, ତା' ବଲାଙ୍ଗିରରେ ହୋମ୍‌ଗାର୍ଡ ଚାକିରି ପାଇଁ ୩ ହଜାର ଲୋକ ଭିଡ଼ ଜମାଇବା ଘଟଣାରୁ ସ୍ପଷ୍ଟ। ସେହିପରି ଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଖୋଲି ଗଣତିମଣତି ନେଇ ଦଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପ୍ରଥମ ବର୍ଷରେ ଏହାର ଚିହ୍ନବର୍ଣ୍ଣ ଦେଖିବାକୁ ମିଳିନାହିଁ। ଆୟୁଷ୍ମାନ୍ ଯୋଜନାରେ ହିତାଧିକାରୀ ନିରାଶ ହେଉଛନ୍ତି। ବାର୍ଦ୍ଧକ୍ୟ ଭତ୍ତା କ୍ଷେତ୍ରରେ ମଧ୍ୟ ସରକାର ୮୦ ବର୍ଷରୁ କମ୍ ବୟସର ହିତାଧିକାରୀଙ୍କୁ ଠକିଛନ୍ତି। ରାଜ୍ୟରେ ବିଜେଡି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି କାମ କରୁଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି।


### ● ଅଭିନବ ଉପାୟରେ ବିଜେଡିର ପ୍ରତିବାଦ

## ପ୍ଲାକାର୍ଡରେ ସରକାରଙ୍କ ବିଫଳତା ପ୍ରଦର୍ଶନ




**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଆଜି ଏକ ବର୍ଷ ପୂରଣ ହୋଇଥିବା ବେଳେ ବିଜେଡି ପକ୍ଷରୁ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକରେ ଅଭିନବ ଉପାୟରେ ରାଜ୍ୟ ସରକାରଙ୍କ ଏକ ବର୍ଷର ବିଫଳତାକୁ ପ୍ରଦର୍ଶନ କରାଯାଇଛି। ଏଥିରେ ବିଜେଡି ବିଧାୟକଙ୍କ ସହ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀର ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତାମାନେ ଯୋଗ ଦେଇଥିଲେ। ଗତ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନରେ ରାଜ୍ୟ ସରକାର କିପରି ବିଫଳ ହୋଇଛନ୍ତି, ତାହାକୁ ହାତଲେଖା ପ୍ଲାକାର୍ଡ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହାଛଡା ଗତ ଏକ ବର୍ଷରେ ଆଇନଶୃଙ୍ଖଳା ପରିସ୍ଥିତି କିପରି ବିପର୍ଯ୍ୟସ୍ତ ହୋଇଛି, ବିଶେଷକରି ଦୁଷ୍କର୍ମ ଓ ମହିଳାଙ୍କ ବିରୋଧରେ ଅପରାଧର ଅହେତୁକ ବୃଦ୍ଧିକୁ କଳାତ୍ମକ ଉପାୟରେ ଦର୍ଶାଯାଇଥିଲା। ରାଜ୍ୟ ସ୍ୱାର୍ଥ ସହ ଜଡିତ ପ୍ରତିଟି ପ୍ରସଙ୍ଗ ଯଥା କେନ୍ଦ୍ରୀୟ ଅନୁଦାନରେ ହ୍ରାସ, ପୋଲାଭରମ, କୋଟିଆ, ମହାନଦୀ ଓ କୋଷ୍ଟାଲ ହାଇୱେ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ଅତ୍ୟାବଶକୀୟ ଜିନିଷର ଅହେତୁକ ଦରଦାମ ବୃଦ୍ଧି, ଶ୍ରୀମନ୍ଦିରରେ ଅବ୍ୟବସ୍ଥା, ଓବିସି, ଏସଟି ଏସସି ବର୍ଗର ଲୋକଙ୍କ ସ୍ୱାର୍ଥ ପ୍ରତି ଅଣଦେଖା, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ, ବିଏସ୍‌କେୱାଇ ବଦଳରେ ଆୟୁଷ୍ମାନରୁ ଯନ୍ତ୍ରଣା ଆଦି ପ୍ଲାକାର୍ଡରେ ସ୍ଥାନ ପାଇଥିଲା। ଏହି ଧାରଣାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଡ. ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ସୁବାଶିଷ ଖୁଣ୍ଟିଆ, ସୁଲତା ଦେଓ, ସୁଶାନ୍ତ ରାଉତ, ସୁଦାମ ମାରାଣ୍ଡି, ରମେଶ ବେହେରା, ଧ୍ରୁବ ସାହୁ, ଶର୍ମିଷ୍ଠା ସେଠୀ, ଗୌତମବୁଦ୍ଧ ଦାସ, ସାରଦା ଜେନା, ଚନ୍ଦ୍ରଶେଖର ସାହୁ, ପ୍ରୀତିରଞ୍ଜନ ଘଡାଇ, ଭୃଗୁ ବକ୍ସିପାତ୍ର, ଡ. ଲେଖାଶ୍ରୀ ସାମନ୍ତସିଂହାର, ରୁଦ୍ର ମହାରଥୀ, ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ମାଡୁଛି କରୋନା, ପର୍ବପର୍ବାଣିରେ ଚିନ୍ତା



**ଭୁବନେଶ୍ୱର,୧୨।୬:** ସପ୍ତାହକ ଭିତରେ ମହାମାରୀ କରୋନା ପୁଣି ତାହାର କରାଳ କାୟା ଓଡିଶା ସମେତ ସମଗ୍ର ଦେଶରେ ବିସ୍ତାର କରି ଚାଲିଥିବାବେଳେ ପବିତ୍ର ରଥଯାତ୍ରା, ରଜ ମହୋତ୍ସବ ଓ ଅନ୍ୟାନ୍ୟ ପର୍ବ ପର୍ବାଣିରେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ସ୍ୱାସ୍ଥ୍ୟ ବିଶାରଦମାନେ ଚିନ୍ତିତ। ଅବଶ୍ୟ ଏଯାବତ୍ ଓଡିଶାରେ କରୋନା ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରିତ ରହିଛି। କିଛିଦିନ ଭିତରେ ରାଜ୍ୟରେ ୪୨ ଜଣ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସାରା ଦେଶରେ ୭ ହଜାରରୁ ଉର୍ଦ୍ଧ୍ୱ କୋଭିଡ ସଂକ୍ରମିତ ବ୍ୟକ୍ତି ଚିହ୍ନିତ ହୋଇଛନ୍ତି। ଏମିତିକି ଇତିମଧ୍ୟରେ କରୋନା ଦେଶରେ ୩ ଜଣଙ୍କ ଜୀବନ ନେଇସାରିଥିବା ସରକାରୀ ଭାବେ କୁହାଯାଉଛି। ତେବେ ଗତଥର ଭଳି କୋଭିଡ ଭୂତାଣୁ ପରୀକ୍ଷା ଏପର୍ଯ୍ୟନ୍ତ ବ୍ୟାପକ ଭାବେ ହୋଇନଥିବାରୁ ଚିହ୍ନଟ ହୋଇନଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ହୋଇପାରେ। ଇତି ମଧ୍ୟରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ଅଧିକାରୀମାନେ ଗଣମାଧ୍ୟମରେ ସାଧାରଣ ଲୋକଙ୍କୁ ବାରମ୍ବାର ସଚେତନ କରୁଛନ୍ତି । ସମସ୍ତେ ମାସ୍କ ପିନ୍ଧିବା ଓ ଗହଳି ସ୍ଥାନକୁ ନଯିବା ଲାଗି କୁହାଯାଉଛି । ଗତଥର ଭଳି ମଧ୍ୟ ହାତ ଧୋଇବାପାଇଁ କେହି କେହି ପରାମର୍ଶ ଦେଉଛନ୍ତି । ଏମିତିକି ଗଣମାଧ୍ୟମରେ ପ୍ରକାଶିତ ଖବର ମୁତାବକ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ହେଲେ କେନ୍ଦ୍ରମନ୍ତ୍ରୀମାନଙ୍କର ବି କରୋନା ପରୀକ୍ଷା କରିବାକୁ ପଡୁଛି ।

ନିକଟରେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉମାନଙ୍କ ସ୍ନାନଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏବେ ଜ୍ୱରାକ୍ରାନ୍ତ ଶ୍ରୀଜୀଉମାନଙ୍କ ବିଗ୍ରହ ସବୁ ଶ୍ରୀମନ୍ଦିରର ଅଣସର ଘର ଭିତରେ ପରମ୍ପରା ଅନୁଯାୟୀ ଚିକିତ୍ସିତ ହେଉଛନ୍ତି। ସ୍ନାନପୂର୍ଣ୍ଣିମାରେ ଭିଡ ନଜମାଇବାପାଇଁ ପ୍ରଶାସନର ବାରମ୍ବାର ତାଗିଦ ସତ୍ତ୍ୱେ ରାଜନେତା, ପ୍ରଶାସକଙ୍କ ସମେତ ଲକ୍ଷାଧିକ ଶ୍ରଦ୍ଧାଳୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସି ପୁରୀରେ ସମବେତ ହୋଇଥିଲେ।। ଏମାନଙ୍କ ଭିତରୁ ଏହି ପର୍ବ ପୂର୍ବରୁ ଓ ପରେ କାହାର କରୋନା ପରୀକ୍ଷା ପୁରୀରେ କରାଯାଇନାହିଁ । ଏବେ କରୋନା ଯେଭଳି ସାରା ଦେଶରେ ବଢ଼ିବାରେ ଲାଗିଛି ସେଥିରୁ ରଥଯାତ୍ରା ବେଳକୁ ପ୍ରତିଷେଧାତ୍ମକ ପଦକ୍ଷେପ ନିଆନଗଲେ ଅବସ୍ଥା ବିଗିଡ଼ିପାରେ ।

ଏହାକୁ ଆଖିଆଗରେ ରଖି ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଭିଡ କମାଇବାପାଇଁ କୁହାଯାଉଛି। ଅଥଚ ଏହି ସରକାରୀ ଉପଦେଶକୁ ସାଧାରଣ ଲୋକେ ତ ଦୂରର କଥା, ସରକାରୀ ବାବୁମାନେ ବି ଖାତିର କରୁନାହାନ୍ତି। କେବଳ ଶ୍ରୀକ୍ଷେତ୍ର ପୁରୀରେ ନୁହେଁ, ଓଡିଶାର କୋଣଅନୁକୋଣ ସମେତ ଦେଶବିଦେଶରେ ମଧ୍ୟ ରଥଯାତ୍ରା ଉତ୍ସବ ପାଳନ କରାଯାଏ। ଏହା ଯେଭଳି ଶାନ୍ତି ଶୃଙ୍ଖଳାର ସହିତ କୋଭିଡମୁକ୍ତ ହୋଇପାରିବ ତାହା ଉପରେ ସମସ୍ତଙ୍କ ନଜର। ବିଶେଷକରି ଲୋକେ କିଭଳି ନିଜ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢାଇ କରୋନାଠାରୁ ଦୂରରେ ରହିବେ, ଅନ୍ତତଃ ପକ୍ଷେ ବିଗତ ବର୍ଷର ଭୟଙ୍କର କରେନା ମହାମାରୀରୁ ଶିକ୍ଷା କରିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କହୁଛନ୍ତି । (ତଥ୍ୟ)

## ଜନଗହଳିପୂର୍ଣ୍ଣ ପଡ଼ିଆରେ ପଡ଼ିଛି ଅର୍ଦ୍ଧଦଗ୍ଧ ମୃତଦେହ

**ରାଉରକେଲା, ୧୨।୬ (ସଂଚାର ବ୍ୟୁରୋ) :** ସେକ୍ଟର ୧୫ଥାନା ଅନ୍ତର୍ଗତ ସେକ୍ଟର ୭/୧୭ଛକ ପଛରେ ଗୁରୁବାର ପୂର୍ବାହ୍ନରେ ଜଣେ ଅପରିଚିତ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ଏହାର ସୂଚନା ପାଇ ପୋଲିସ ଓ ଫରେନ୍‌ସିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ଅନୁଧ୍ୟାନ କରିଥିଲେ ଜନଗହଳି ପୂର୍ଣ୍ଣ ପଡ଼ିଆରେ ଏପରି ଦରପୋଡ଼ା ମୃତଦେହ ପଡ଼ିଥିବା କେହି ଜାଣି ନ ପାରିବା ସନ୍ଦେହ ସୃଷ୍ଟି କରିଛି। ତେବେ ଏହା ହତ୍ୟା ବୋଲି ସନ୍ଦେହ କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଓଁ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିନୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶୁକ୍ରବାର ୧୩ ଜୁନ ୨୦୨୫, ଭୁବନେଶ୍ୱର
Friday 13 June 2025, Bhubaneswar


# ଉତ୍ପାଦନ ବୃଦ୍ଧିର ଆବଶ୍ୟକତା

ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତର ଅଭିବୃଦ୍ଧି ହାର ବିଶ୍ୱରେ ସର୍ବାଧିକ ରହିଛି। ଲଗାତର କିଛି ବର୍ଷ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତରୁ ଅଧିକ ରହିଛି। ଏହାର ମୁଖ୍ୟ କାରଣ ହେଲା ଭାରତର କୃଷି ଉତ୍ପାଦନ। ଭାରତର କୃଷି ଉତ୍ପାଦନ ହେଉଛି ଏହାର ଶକ୍ତି ଏବଂ ସାମର୍ଥ୍ୟ। ସତୁରୀ ଦଶକରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ପ୍ରଭାବରୁ ଭାରତରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଏହା ଆଭ୍ୟନ୍ତରୀଣ ଚାହିଦା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ନଚେତ ଆମେ କୃଷି ଉତ୍ପାଦିତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ବି ଆମେ ଖାଦ୍ୟ ଉତ୍ପାଦନରେ ଶତ ପ୍ରତିଶତ ସ୍ୱାବଲମ୍ବୀ ହୋଇପାରିନାହୁଁ। ତେଣୁ ଦେଶରେ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି ବୋଲି ଅନେକ ମତପ୍ରକାଶ କରୁଛନ୍ତି। ଗତ ୭୮ ବର୍ଷ ଭିତରେ ଆମର ଖାଦ୍ୟ ଉତ୍ପାଦନ ବହୁଗୁଣ ବୃଦ୍ଧି ପାଇଛି। କିନ୍ତୁ ଏହା ଆମ ଜନସଂଖ୍ୟା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ସ୍ୱାଧୀନତା ପରେ ଭାରତରେ ଜନସଂଖ୍ୟା ୪ଗୁଣ ବୃଦ୍ଧି ପାଇଛି। ୧୯୪୭ରେ ଦେଶର ଜନସଂଖ୍ୟା ଥିଲା ୩୫ କୋଟି। ଏବେ ଏହା ୧୪୦ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ ଖାଦ୍ୟ ଯୋଗାଇବା ବାସ୍ତବରେ ଏକ କଠିନ ବ୍ୟାପାର। ଆମେ ଗହମ ଓ ଚାଉଳ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛୁ। କିନ୍ତୁ ଡାଲିଜାତୀୟ ଫସଲ ଏବଂ ତୈଳବୀଜ ଉତ୍ପାଦନରେ ଆମେ ସ୍ୱାବଲମ୍ବୀ ହୋଇପାରିନୁ। ଫଳ ଓ ପନିପରିବା ଉତ୍ପାଦନ ୧୪୦ କୋଟି ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଆମକୁ ଅନେକ ସମୟରେ ଏହାର ଆବଶ୍ୟକତା ପୂରଣ ନିମନ୍ତେ ବିଦେଶରୁ ଏସବୁ ସାମଗ୍ରୀ ଆମଦାନୀ କରିବାକୁ ପଡ଼ିଥାଏ। ବିଦେଶରୁ ଆମଦାନୀ ନହୋଇପାରିଲେ ଏଠାରେ ଅଭାବ ଓ ଦର ବୃଦ୍ଧି ହୋଇଥାଏ। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରେ ଖାଇବା ତେଲର ଅଭାବ ଓ ଦରବୃଦ୍ଧି ଏହାର ଏକ ଉଦାହରଣ। ଗତ ଏପ୍ରିଲ ମାସରେ ଭାରତରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ଯୋଗୁ ଗହମ ଉତ୍ପାଦନ ୨୦% ହ୍ରାସ ପାଇଛି। ସେହିପରି ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବିଳମ୍ବରେ ଆସିବା ସହ ଅନେକ ସ୍ଥାନରେ ସ୍ୱଳ୍ପ ବୃଷ୍ଟିପାତ ବା ବର୍ଷାରେ ଅନିୟମିତତା ଦେଖା ଦେଇଛି। ତେଣୁ ଏଥର ଧାନଚାଷ ୬ ପ୍ରତିଶତ କମ ଜମିରେ ହୋଇଛି। ସେପଟେ କେତେକ ସ୍ଥାନରେ ବନ୍ୟା ଯୋଗୁ ଫସଲ ନଷ୍ଟ ହୋଇଛି। ଏସବୁକୁ ବିଚାର କଲେ ଚଳିତ ବର୍ଷ ଦେଶରେ ଖରିଫ ଫସଲ ବିଶେଷ କରି ଧାନ ଉତ୍ପାଦନ ଅତି କମରେ ୧୦ ପ୍ରତିଶତ କମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଗତ ମେ' ମାସରେ ଗହମ ଏବଂ ଜୁଲାଇରେ ଅଟା ଓ ସିମେଇ ରପ୍ତାନୀ ଉପରେ କଟକଣା ଲାଗୁ କରିଛନ୍ତି। ସେହିପରି ଭଙ୍ଗା ଚାଉଳ ରପ୍ତାନୀକୁ ମଧ୍ୟ ବନ୍ଦ କରାଯାଇଥିବା ବେଳେ ଅଣବାସମତି ଚାଉଳ ରପ୍ତାନୀ ଉପରେ ୨୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ତେଣୁ ଭାରତରୁ ଚାଉଳ ରପ୍ତାନୀ ହ୍ରାସ ପାଇଛି। ତତ୍ପୃଷ୍ଠିରେ ଭାରତର ଏହି ପଦକ୍ଷେପକୁ ସମାଲୋଚନା କରାଯାଇଛି। ଭାରତ ଭଳି ଏକ କୃଷି ପ୍ରଧାନ ଦେଶ ଖାଦ୍ୟ ରପ୍ତାନୀ ଉପରେ କଟକଣା ଜାରି କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଆହୁରି ଜଟିଳ ହେବ ବୋଲି ଅନେକ ଆଶଙ୍କା ବ୍ୟକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ଭାରତକୁ ଦୋଷ



ଦେବା ଅନ୍ୟାୟ ହେବ। ଭାରତ ସରକାର ନିଜ ଦେଶର ନାଗରିକଙ୍କ ସ୍ୱାର୍ଥ ବିଷୟରେ ପ୍ରଥମେ ଚିନ୍ତା କରିବାରେ କିଛି ଭୁଲ ନାହିଁ। ୧୪୦ କୋଟି ଲୋକଙ୍କୁ ଖାଇବାକୁ ଦେବା ଏତେ ସହଜ ନୁହେଁ। ଆମେରିକା ଭଳି ଏକ ଧନୀ ରାଷ୍ଟ୍ର ମଧ୍ୟ ଏଭଳି ପରିସ୍ଥିତିରେ ନିଜ ଦେଶରୁ ରପ୍ତାନୀ ବନ୍ଦ କରିଥାନ୍ତା। ତେଣୁ ରପ୍ତାନୀ ବନ୍ଦ ପାଇଁ ଭାରତକୁ ଦୋଷ ଦିଆଯାଇପାରିବ ନାହିଁ। ଭାରତ ସରକାରଙ୍କ କହିବା କଥା ହେଲା ଦେଶରେ ଗହମ ଓ ଚାଉଳ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେଣୁ ବ୍ୟସ୍ତ ବିବ୍ରତ ହେବାର କିଛି କାରଣ ନାହିଁ। କିନ୍ତୁ ଅନ୍ୟ ପକ୍ଷରେ ଭାରତ ଗହମ, ଚାଉଳ ଓ ଅନ୍ୟ କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ପ୍ରଚୁର ବୈଦେଶିକ ମୁଦ୍ରା ଅର୍ଜନ କରିଥାଏ। ଏହା ବି ଜରୁରୀ। କାରଣ ଏହି ଅର୍ଥରେ ଆମକୁ ଅଶୋଧିତ ତୈଳ ଏବଂ ପ୍ରତିରକ୍ଷା ସାମଗ୍ରୀ କିଣିବାକୁ ପଡ଼ୁଛି। ଔଷଧ, ସାର, କୋଇଲା କିଣିବାକୁ ପଡ଼ୁଛି। ଏହା ବି ଜରୁରୀ। ମୋଟ ଉପରେ କହିଲେ ନିଜର ଆବଶ୍ୟକତା ପୂରଣ କରି ଭାରତକୁ କିଛି ଖାଦ୍ୟ ସାମଗ୍ରୀ ରପ୍ତାନୀ କରିବାକୁ ପଡ଼ିବ। ସାଉଦୀଆରବ, ୟୁଏଇ, ଓମାନ, କାତାର ଭଳି ଅନେକ ରାଷ୍ଟ୍ର ଯେଉଁଠି ଖାଦ୍ୟ ଉତ୍ପାଦନ କମ ରହିଛି ବା ନାହିଁ କହିଲେ ଚଳେ ସେମାନେ ଭାରତକୁ ତେଲ ଦେଉଛନ୍ତି, ପ୍ରତିବଦଳରେ ଖାଦ୍ୟ ନେଉଛନ୍ତି। ଏହା ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଲାଗି ଜରୁରୀ। ଅନ୍ୟ ରାଷ୍ଟ୍ର ସହ ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ ରକ୍ଷା କୂଟନୈତିକ ଓ ଆର୍ଥିକ ଦୃଷ୍ଟିରୁ ଜରୁରୀ। ନିଜ ପଡ଼ୋଶୀ ଏବଂ ବନ୍ଧୁ ରାଷ୍ଟ୍ରଙ୍କୁ ସହାୟତା କରିବା ମଧ୍ୟ ଜରୁରୀ। ଏଭଳି ପରିସ୍ଥିତିରେ ଭାରତକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଜରୁରୀ। ଭାରତର ୧୪୦ କୋଟି ଲୋକ ହୋଇଥିବା ବେଳେ ଆମକୁ ଦେଢ଼ଶହ କୋଟି ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। ତା ଛଡ଼ା ଭାରତରେ ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ବା ରିହାତିରେ ଚାଉଳ ଏବଂ ଗହମ ଦିଆଯାଉଛି। ଏଥିପାଇଁ ମଧ୍ୟ ପ୍ରଚୁର ପରିମାଣରେ ଖାଦ୍ୟ ଶସ୍ୟର ଆବଶ୍ୟକତା ରହିଛି। ଏସବୁକୁ ବିଚାର କଲେ ଆମକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ନିହାତି ଆବଶ୍ୟକ। ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହେଲା କୃଷି। ପ୍ରାକୃତିକ ବିପର୍ଯ୍ୟୟ, ଅସ୍ୱାଭାବିକ ପାଣିପାଗ ସବୁ ବର୍ଷ ହେବା ଏହା ସତ୍ତ୍ୱେ ଆମକୁ ବଳକା ହେଲା ଭଳି ଖାଦ୍ୟ ଉତ୍ପାଦନ କରିବାକୁ ପଡ଼ିବ। କେବଳ ଉତ୍ପାଦନ କରିଦେଲେ ହେବ ନାହିଁ, ଏହାର ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରିବାକୁ ପଡ଼ିବ। ଭାରତରେ ଅନେକ ଗରିବ ଅଛନ୍ତି, ଧନୀ ମଧ୍ୟ ଅଛନ୍ତି। ତେଣୁ ଖାଦ୍ୟର ସୁଷମ ବଣ୍ଟନ ସହିତ ଗୋଟିଏ ହେଲେ ଦାନା ଯେପରି ନଷ୍ଟ ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଭାରତରେ ପ୍ରତିବର୍ଷ ଯେତିକି ଖାଦ୍ୟ ସାମଗ୍ରୀ ନଷ୍ଟ ହୁଏ ତାହା ପୁରା ଅଷ୍ଟ୍ରେଲିଆର ଅଧିବାସୀଙ୍କ ଖାଦ୍ୟ ବ୍ୟବହାରଠାରୁ ଅଧିକ। ଏସବୁ ଲାଗି ତତ୍କାଳ ଏବଂ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। କେବଳ ଉତ୍ପାଦନ ବୃଦ୍ଧି ଯଥେଷ୍ଟ ନୁହେଁ, ଏହାର ସୁଷମ ବଣ୍ଟନ ମଧ୍ୟ ଆବଶ୍ୟକତା ରହିଛି। ସୁଷମ ବଣ୍ଟନ ଅଭାବରୁ ଆମର ବିପୁଳ ପରିମାଣରେ ଖାଦ୍ୟ ନଷ୍ଟ ହେଉଛି ଏବଂ ଅନେକ ଅନାହାରରେ ରହୁଛନ୍ତି। ଯଦି ଉତ୍ପାଦିତ ଖାଦ୍ୟର ସୁଷମ ବଣ୍ଟନ ହୋଇପାରନ୍ତା ତେବେ ଆଉ କେହି ଦେଶରେ ଅନାହାରରେ ରହନ୍ତେ ନାହିଁ। ଏହା ସହିତ ଦରବୃଦ୍ଧିକୁ ମଧ୍ୟ ରୋକାଯାଇପାରନ୍ତା। ଏ ଦିଗରେ ଯୋଜନାକାରୀମାନେ ଦୃଷ୍ଟି ଦେବେ ବୋଲି ଆଶା।

# ଭାରତରେ ବେସରକାରୀ ବିନିଯୋଗ ବଢ଼ିବ କି?



**ସୁବାସ ଷଡଙ୍ଗୀ**

ଦେଶରେ ଅର୍ଥନୀତି ସମ୍ପର୍କୀୟ କେତେକ ଖବର ଏବେ ବେଶ ଆଲୋଡନ ସୃଷ୍ଟି କରିଛି। ସବୁଠାରୁ ପ୍ରକାଶିତ ସଦ୍ୟ ରିପୋର୍ଟ ହେଲା, ବିଶ୍ୱ ବ୍ୟାଙ୍କ ରିପୋର୍ଟ। ଏଥିରେ ଦର୍ଶାଯାଇଛି, ଭାରତରେ ଦାରିଦ୍ର୍ୟ ହାର ଅନେକ ପରିମାଣରେ କମିଛି। ଏଥିରେ ଦିଆଯାଇଥିବା ପରିସଂଖ୍ୟାନରେ କୁହାଯାଇଛି, ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ ୨୬.୯ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାର ଉପରକୁ ଉଠିଛନ୍ତି। ଦେଶରେ ଅତି ଦାରିଦ୍ର୍ୟ ହାର ୨୭ ଶତାଂଶରୁ କମି ୫.୩ ଶତାଂଶରେ ପହଂଚିଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ପ୍ରକାଶିତ ହେବାର କିଛିଦିନ ପୂର୍ବରୁ ପ୍ରକାଶିତ ହୋଇଛି, ଜିଡିପି ସଂକ୍ରାନ୍ତୀୟ ଏକ ରିପୋର୍ଟ। ୨୦୨୫ ମସିହା ମାର୍ଚ୍ଚ ୩୧ ତାରିଖ ସୁଧା ଶେଷ ହୋଇଥିବା ଆର୍ଥିକ ବର୍ଷରେ ଭାରତରେ ଜିଡିପି ବୃଦ୍ଧିର ହାର କିଛିଟା କମିଯାଇଛି। ଏବେ ଏହା ୬.୫ ଶତାଂଶରେ ପହଂଚିଛି। କୋଭିଡ ମହାମାରୀ ପରେ ଆର୍ଥିକ ବୃଦ୍ଧିହାର ସେତେଟା ବଢ଼ିନି। ଭାରତରେ ଆର୍ଥିକ ବୃଦ୍ଧିହାର କିଛି ପରିମାଣରେ କମିବାର କାରଣ ହେଲା, ଉତ୍ପାଦନ ଶିଳ୍ପରେ ମାନ୍ଦାବସ୍ଥା ଦେଖାଦେବା। ଏହା ଭିତରେ କୃଷି କ୍ଷେତ୍ରରେ କିଛଇଟା ଉନ୍ନତି ପରିଲକ୍ଷିତ ହୋଇଛି। ଗତ ୍ରାର୍ଥିକ ବର୍ଷରେ କୃଷି କ୍ଷେତ୍ରରେ ବୃଦ୍ଧିର ହାର ଥିଲା ୫.୪ ଶତାଂଶ। ପରିସେବା କ୍ଷେତ୍ରରେ ଆର୍ଥିକ ବୃଦ୍ଧିହାର ସାତ ଶତାଂଶରୁ ଅଧିକ। କିନ୍ତ କଥା ହେଉଛି, ଶିଳ୍ପ ପ୍ରତିଷ୍ଠା ନହେଲେ ଆର୍ଥିକ କାରବାର ବଢ଼ିପାରିବ ନାହିଁ। ଶିଳ୍ପରେ ଅନେକ ଲୋକ ଚାକିରି କରନ୍ତି। ଏକ ନିର୍ଦ୍ଦିଷ୍ଟ ରୋଜଗାର କରନ୍ତି। ସେଇ ଅନୁସାରେ ଖର୍ଚ୍ଚ ମଧ୍ୟ କରନ୍ତି। ଯାହା ଆର୍ଥିକ କାରବାରକୁ ଗତିଶୀଳ କରିବାରେ କିଛିଟା ସହାୟକ ହୋଇଥାଏ। କିନ୍ତୁ ଏବେ ଉତ୍ପାଦନ ଶିଳ୍ପ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ସେବା କ୍ଷେତ୍ରରେ ବିଶେଷ ପ୍ରଭାବ ପଡି ପାରି ନାହିଁ। ଜିଡିପି ପରିସଂଖ୍ୟାନକୁ ଆଧାର କରି ରିଜର୍ଭ ବ୍ୟାଙ୍କ ଏବେ ରେପୋ ରେଟ ହ୍ରାସ କରିଛନ୍ତି। ରିଜର୍ଭ ବ୍ୟଶଙ୍କ ମୁଦ୍ରାନୀତି ସମ୍ପର୍କୀୟ କମିଟି ସେମାନଙ୍କ ସର୍ବଶେଷ ବୈଠକରେ ରେପୋରେଟ ୫୦ ବେସିସ ପଏଂଟ କମାଇଛନ୍ତି। ପ୍ରତି ଦୁଇମାସରେ ଥଷଣ ରିଜର୍ଭ ବ୍ୟଶଙ୍କର ମୁଦ୍ରା ସଂକ୍ରାନ୍ତୀୟ କମିଟିର ବୈଠକ ବସିଥାଏ। ଜୁନ ମାସ ପୂର୍ବରୁ ଏପ୍ରିଲ ଓ ଫେବୃୟାରୀ ମାସରେ ରିଜର୍ଭ ବ୍ୟଶଙ୍କର ବୈଠକ ବସିଥିଲା। ଏଇ ଦୁଇ ବୈଠକରେ ରେପୋରେଟ ୨୫ ପଏଂଟ କମା ଯାଇଥିଲା। ,ସବୁ କଥା ବିଚାରକୁ ନେଲେ ଦେଖାଯିବ ରିଜର୍ଭ ବ୍ୟଶଙ୍କ ୨୦୨୫ ମସିହାରେ ରେପୋରେଟ ୧୦୦ ବେସିସ ପଏଂଟ କମାଇଛନ୍ତି। ରିଜର୍ଭ ବ୍ୟାଙ୍କ ଯେଉଁ ସୁଧହାରରେ ବାଣିଜ୍ୟିକ ବ୍ୟଶଙ୍କମାନଙ୍କୁ ଟଙ୍କା ଋଣ ଦିଏ, ତାହାକୁ କୁହାଯାଏ 'ରେପୋରେଟ'।ଏଣୁ କୁହାଯାଇପାରେ ୨୦୨୫ ମସିହାରେ ରିଜର୍ଭ ବ୍ୟାଙ୍କ ଶତକଡା ଏକ ଭାଗ ସୁଧ କମାଇଛନ୍ତି। ରିଜର୍ଭ ବ୍ୟଶଙ୍କ ସୁଧର ହାର କମାଇଥିବାରୁ ବାଣିଜ୍ୟିକ ବ୍ୟାଙ୍କମାନେ ମଧ ଋଣ ଦେଲାବେଳେ କମ ସୁଧହାରରେ ଋଣ ଦେବେ। ସୁଧର ହାର କମିଲେ ସବୁଠୁ ଅଧିକ ଲାଭବାନ ହୁଅନ୍ତି, ଶିଳ୍ପପତିମାନେ। ସେମାନେ ଅଧିକ ବିନିଯୋଗ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ସୁଧ କମିଲେ ସେମାନଙ୍କ ଖର୍ଚ୍ଚ କମେ। ଏଣୁ ବେସରକାରୀ ବିନିଯୋଗକାରୀମାନଙ୍କୁ ସାହାଯ୍ୟ କରିବା ପାଇଁ ରିଜର୍ଭ ବ୍ୟାଙ୍କ ସୁଧର ହାର କମାଇଛନ୍ତି। ଆଶା କରାଯାଉଛି, ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବ। ବାଣିଜ୍ୟିକ ବ୍ୟାଙ୍କମାନେ ସେମାନଙ୍କ ମୋଟ ଅମାନତର ଏକ ଅଂଶ ରିଜର୍ଭ ବ୍ୟଶଙ୍କରେ ଜମା କରନ୍ତି। ଏଇ ଟଙ୍କାକୁ ସେମାନେ ଋଣ ଦେଇ ପାରନ୍ତି ନାହିଁ। ଏହାକୁ କୁହାଯାଏ ' ନଗଦ ଜମା ଅନୁପାତ'। ବ୍ୟଶଙ୍କ ଗୁଡିକ ସେମାନଙ୍କ ନଗଦ ଜମାର ଚାରି ଶତାଂଶ ରିଜର୍ଭ ବ୍ୟଶଙ୍କରେ ଜମା ଦିଅନ୍ତି। ଏଥରକ ରିଜର୍ଭ ବ୍ୟାଙ୍କର ବୈଠକରେ ସ୍ଥିର ହୋଇଛି ନଗଦ ଜମାର ଅନୁପାତକୁ ତିନି ଶତାଂଶକୁ କମାଇ ଅଣାଯିବ। ଯଦି ଏହା ସମ୍ଭବ ହୁଏ, ତେବେ ଡିସେମ୍ବର ଶେଷ ସୁଧା ବ୍ୟାଙ୍କ ଗୁଡିକ ଅଢେଇଲକ୍ଷ କୋଟି ଟଙ୍କା ନଗଦ ଆକାରରେ ପାଇପାରିବେ। ଏଇ ଟଙ୍କାକୁ ସେମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ ଦେଇ ପାରିବେ। କିନ୍ତୁ ଏହା ଦ୍ୱାରା କଣ ଭାରତରେ ବେସରକାରୀ ପଂଜି ବିନିଯୋଗ ବଢ଼ିବ କି? ୨୦୧୯ ମସିହାରେ ସରକାର କର୍ପୋରେଟ କର ହ୍ରାସ କରିଥିଲେ। ଲକ୍ଷ୍ୟ ଥିଲା ବେସରକାରୀ ପୁଂଜି ବିନିଯୋଗ ବଢ଼ିବ। ମାତ୍ର ତାହା ହେଲା ନାହିଁ। ଅନେକ କହନ୍ତି, ସରକାରୀ ପୁଂଜି ବିନିଯୋଗ ଅଧିକ ହେଲେ ବେସରକାରୀ ପୁଂଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ପାଏ। କିନ୍ତୁ ସେଭଳି ପରିସ୍ଥିତି ଯେ ଦେଖାଦେବ, ତାହା ଜଣା ପଡୁ ନାହିଁ।

ସରକାରଙ୍କ ପକ୍ଷରୁ ଆୟ କରରେ ରିହାତି ଘୋଷଣା କରାଯାଇଛି। ଏବେ ୧୨ ଲକ୍ଷ ଆୟ ପର୍ଯ୍ୟନ୍ତ ୍ରାୟ କର ଦେବାକୁ ପଡିବ ନାହିଁ। ଏଣୁ ଆଶା କରାଯାଉଛି ମଧ ବିତ ଶ୍ରେଣୀର ଲୋକମାନଙ୍କ ହାତକୁ ଅଧିକ ଟଙ୍କା ଆସିବ। ଗାଡି ଘର କିଣିବାକୁ ସେମାନେ ଆଗ୍ରହ ପ୍ରକାଶ କରିବେ। ରପ୍ତାନୀ ବୃଦ୍ଧି ପାିଲେ ବେସରକାରୀ ପୁଂଜି ଅଧିକ ବିନିଯୋଗ ହୁଏ। କିନ୍ତୁ ଆମେରିକାର ଟ୍ରମ୍ପ ସରକାର ଏବେ ଯେଉଁ ନୀତି ଘୋଷଣା କରିଛନ୍ତି, ସେଥିରେ ରପ୍ତାନୀ କଥା ନ କହିବା ଭଲ। ଏପରି ପରିସ୍ଥିତିରେ ବିନିଯୋଗ କଣ ଓ କିପରି ହେବ, ତାହା କେବଳ ସମୟ କହିବ। ଅଥନୀତି ଉପରେ ନିର୍ଭର କରୁଛି, ଦରଦାମ। ଏଣ ସରକାରୀ ଭାବେ ବିନିଯୋଗ ବଢାଇବା ପାଇଁ ଉଦ୍ୟମ ହେବା ଦରକାର। ନହେଲେ ଆମେରିକା ,ଯଭଳି ଭାବରେ ଶୁଳ୍କର ଭେଳିକି ଚଲାଇଛି,କଣ ହେବ କହିହେବ ନାହିଁ। ସବୁ କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ହେବ।

**ମୋବାଇଲ୍: ୯୪୩୯୬୫୨୩୨୨**

# ମାଟି ଓ ମୌସୁମୀ ମିଳନର ପର୍ବ ରଜପର୍ବ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆର୍ଦ୍ର ହୋଇ ଉଠେ ପୃଥିବୀ। ଶୀତଳତା ଭରିଯାଏ ସବୁଆଡେ। ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ। ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ। ମାଟି ଓ ମୌସୁମୀର ମିଳନର ପର୍ବ ରଜାପୃଥିବୀର ମାତୃତ୍ୱ କାମନା କରି ସୃଷ୍ଟିର ଜୟ ଗୀତଗାନ କରେ କୃଷକ। ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବ ମୁଖର ହୋଇ ଉଠେ ସବୁଆଡେ। ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ। ଦୋଳିରେ ଦୋଳିରେ ଛୁଟେ କୁଆଁରୀଙ୍କ ରଜଗୀତର ଲହରା ସ୍ୱର। ପୋଡପିଠା ଖାଇ , ପୁଅମାନଙ୍କ ତାସ ବାଗୁଡି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତାଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବାର ଏଇ ଏକ ଭିନ୍ନ ମଉକା। ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ। ଆର୍ଦ୍ର ହୋଇଛି ମାଟି। ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି-ଗାଁ ଭୁଇଁ। ହଳଦୀ ମୁଖା ନିରିମାଖୀ ଦେହରେ ସରଲା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି। ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳା। ଏବେ ଭୁଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା। ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା। ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି , ଫେରି ଆସିଥାନ୍ତି ଘରକୁ। ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକକ ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ। ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳଛୁଆଁ ଶିହିରିତ କରେ ମତୀକୁ। ବାସୁମତି ବନ୍ଦନାର ଋତୁ ଇଏ। କ୍ଲାନ୍ତ ଧୂସର ଆକାଶରେ ପଇଁତରା ମରୁଛି ବାଦଲ। ଗଛର ସବୁଜିମା ଉପରେ ଆସ୍ତରଣ ଜମାଇଥିବା ବହଳ ଧୂଳି ଟୋପା ଟୋପା ମେଘରେ ଧୋଇ ହୋଇଯାଉଛି। ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି।

ଅତଏବ ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃକ୍ଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ। ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରାନୁସାରେ କୌଣସି ନାଇର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ। ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ। ତେଣୁ ରଜ ପର୍ବ ଭାବେ ମଧ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି। ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ। ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ। ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ। ଆଉ ନାଚଗୀତରେ ପୁଅଝିଅମାନେ ନାଚିଥାନ୍ତି। ବର୍ଷା ହିଁ ସୃଜନ ଓ ଶୃଙ୍ଗାର ଋତୁ। ନବଯୌବନପ୍ରାପ୍ତ ଝିଅଟିଏ ଅନ୍ୟ ଘରକୁ କନିଆଁ ହୋଇଯିବାର ସ୍ୱପ୍ନ ଦେଖେ ଏଇ ରଜ ଅବସରରେ। ସେଥିପାଇଁ ହିଁ ତାର ମନର ଭାବ ପ୍ରକାଶ ଲାଗି ଦୋଳିରେ ଆୟୋଜନ- ନିଆରା ସୁଯୋଗ ହୋଇଥାଏ। ରଜପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଏ। ରଜର ପୂର୍ବ ଦିନକୁ ମାସନ୍ତ ବା ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ରଜ ସଂକ୍ରାନ୍ତି, ଶେଷ ରଜ ଓ ଶେଷ ରଜ ପରଦିନ ବସୁମତୀ ସ୍ନାନ ବା ବାସି ରଜ କୁହାଯାଏ। ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁତ ରୁହେ ସେପରି ବସୁଧା ମାତା କୁ ଅକ୍ଷତ ଓ ଅସ୍ପୃର୍ଶ୍ୟ ରଖାଯାଏ। ଧରିତ୍ରୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢ଼ାଏ। ରଜ ହେଉଛି ଏକମାତ୍ର ପର୍ବ ଯାହା ୩ଦିନ ପାଳିତ ହେବା ସହ ପ୍ରଥମ ରଜର ପୂର୍ବ ଦିନ ଓ ଶେଷ ରଜର ପର ଦିନ ମଧ ଏହି ପର୍ବ ପାଳିତ ହୋଇଥାଏ। ଅନ୍ୟ କୌଣସି ପର୍ବପର୍ବାଣିରେ ପ୍ରାୟତଃ ଏପରି ହୋଇ ନଥାଏ।

ରଜ ପର୍ବର ଉତ୍ପତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ଯଥାର୍ଥ ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଗବେଷଣାତ୍ମକ ପଦ୍ଧତିରେ ନିର୍ଣ୍ଣୟ ହୋଇ ନଥିଲେ ହେଁ କିମ୍ବଦନ୍ତୀ ରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ। ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉଡ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ସତ୍ତ୍ୱପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇ ମହାର୍ଘ ପରିବେଶ ମଧ୍ୟରେ ଗୌରବାନ୍ୱିତ ହୋଇଛି ପ୍ରାଚୀନ ଉତ୍କଳୀୟ ପର୍ବର୍ବାଣିସବୁ। ରଜ ଓଡ଼ିଶାର ଏକ ଗୌରବୋଜ୍ୱଳ ସାଂସ୍କୃତିକ ମହୋତ୍ସବ। ଏହି ଗୌରବୋଜ୍ୱଳ ମହୋତ୍ସବର ଐତିହ୍ୟରେ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି ଲୁକ୍କାୟିତ ହୋଇ ରହିଛି। ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଉଦ୍ଦିପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି। ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଥାଆନ୍ତି।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ। କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ। ଲଙ୍କାରେ ରାକ୍ଷସମାନଙ୍କର ମହା ପ୍ରତାପୀ ରାଜା ରାବଣ ରାଜୁତି କରୁଥିବାବେଳେ ମୟଦାନବ ନାମରେ ମଧ ଆଉ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ। ଉଭୟେ ରାକ୍ଷସମାନଙ୍କର ରାଜା ହୋଇଥିବା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ଼ ଥିଲା। ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା। ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା। ରାବଣ ସୁନ୍ଦର, ପ୍ରତିଭାବାନ ଓ ବୀରଥିବାରୁ ସେମାନେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତସତ୍ତ୍ୱା ହେଲେ। ମନ୍ଦୋଦରୀଙ୍କଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା। ଅବିବାହିତ କନ୍ୟା ଜନନୀ ହେବା ବାସ୍ତବିକ ଲୋକ ଲଜ୍ଜା ଓ କଳଙ୍କ। ଏଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଇଜକୁ (ମିଥିଳା ନଗର)କୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ। ଏହି ଶିଶୁ କନ୍ୟାଟିକୁ ମିଥିଳା ରାଜ୍ୟରେ ପୋତି ଦେଇଥିବା କାରଣରୁ ମିଥିଳାରେ ଅକାଳ ପଡ଼ିଲା। ବର୍ଷା ହେଲା ନାହିଁ। ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ। ମିଥିଳା ରାଜ୍ୟର ଜଣେ ପ୍ରଜାବତ୍ସଳ ରାଜାଥିଲେ ରାଜା ଥିଲେ ଜନକ। ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶା ଦେଖି ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ। ଜ୍ୟୋତିଷମାନଙ୍କର ମତ ଅନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ। "ର' ଅର୍ଥ ସଂସାର ଓ "ଜ' ଅର୍ଥ ଯୋଚିବା। ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା। ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ। ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା। ପୌରାଣିକ ମତାନୁଯାୟୀ ସେହି ଦିନଠୁଁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ।

ରଜ ଓଡ଼ିଶାର ଏକ ବିଶେଷ ପର୍ବ ହେଲେ ହେଁ ଏହା କେବଳ ଝିଅ ଭୁଆସୁଣୀମାନଙ୍କ ପର୍ବ ରୂପେ ପାଳନ କରାଯାଏ। ରାଜା ଜନକ ହଳ ଯୋଚି ଏକ କନ୍ୟାକୁ ଭୂମିରୁ ପାଇଥିବାରୁ ମିଥିଳାବାସୀ ଏହି ପର୍ବକୁ ନାରୀମାନଙ୍କ ପର୍ବ ରୂପେ ସ୍ୱୀକୃତି ଦେଇଥିଲେ ବୋଲି ଅନୁମାନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃକ୍ଷରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ। ମୃଗଶିରା ନକ୍ଷେତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରାନୁସାରେ କୌଣସି ନାଇର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ, ଓ ରଜକୀ ହୋଇଥାଏ। ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ। ତେଣୁ ରଜ ପର୍ବ ଭାବେ ମଧ ପାଳନ କରାଯାଏ। ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠ ପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା ଉପରେ ହଳଦୀ ପାଣି ଢାଳି ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି। ଏହା ପରେ ହିଁ ପବିତ୍ର ଓ ଉତ୍ପାଦନ କ୍ଷମ ହୁଏ ମାଟି। ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ। ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ। ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ।

ଆଉ ଏକ ଲୋକକଥା ହେଲା- "ଯେଉଁ ମାଟିରେ ଆମେ ବସବାସ କରି ରହିଛୁ ସେହି ମାଟି ହେଲା ଆମ ମା'। ରଜସ୍ୱଳା ହେବା ନାରୀର ଯେମିତି ଏକ ଧର୍ମ ଠିକ ସେମିତି ଏଇ ମାଟି ମା' ମଧ ବର୍ଷକୁ ଥରେ ରଜସ୍ୱଳା ହୋଇଥାଏ। ସାଧାରଣତଃ ନାରୀମାନେ ଗୃହକାର୍ଯ୍ୟରେ ବର୍ଷସାରା ବ୍ୟସ୍ତ ଥାଆନ୍ତି। ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ଭିତରେ ଶାରୀ ପରି ସେମାନେ ଜୀବନ ଅତିବାହିତ କରି ଥାଆନ୍ତି। ତେଲ ଲୁଣ ସଂସାରରେ ସୁଖ ଦୁଃଖକୁ ନେଇ ସେମାନେ କାଳାତିତ କରୁଥିଲେ ସୁଦ୍ଧା ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ସେମାନେ ସଦାସର୍ବଦା ତତ୍ପର ହୋଇଉଠନ୍ତି। ରଜପର୍ବ ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ତାଙ୍କର ମଧ ସମନ୍ୱୟ ସମ୍ପର୍କ ଗଢ଼ିଉଠେ। ତନ, ମନ, ଭାବର ଆଦାନ ପ୍ରଦାନ ମଧ ହୋଇଥାଏ। ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ। ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥ ରତାକୁ ତ୍ୟାଗକରି ସମସ୍ତେ ହୋଇ ଉଠନ୍ତି ଏକାକାର। ସମୟର କଷଟି ପଥରରେ ଘୋରି ହୋଇ ଲୁପ୍ତ ହେବାକୁ ବସିଲାଣି ପୁରାତନର ମଧୁମୟ ସଂସ୍କୃତି। ଆଧୁନିକତାର କୃତ୍ରିମ ମହକରେ ବିମୋହିତ ହୋଇ ଭୁଲି ଗଲୁଣି ବୈଦିକ ପରମ୍ପରାର ମୌଳିକତା ଓ ଆତ୍ମୀୟତାକୁ। ଗ୍ରହଣ କରି ନେଲୁଣି ପାଶ୍ଚାତ୍ୟର ରଙ୍ଗରସର ରଙ୍ଗିନ ସଂସ୍କୃତିକୁ। ସମୟ ଆସିଛି ପୁଣି ସେହି ପାରମ୍ପରିକ ରଜ ମହୋତ୍ସବକୁ ଆମ ପର ପିଢି ପାଇଁ ଉଜ୍ଜୀବିତ କରିବା ପାଇଁ। ଆମକୁ ସବୁଦିନ ପାଇଁ ମନେରଖିବାକୁ ପଡ଼ିବ ଯେ ଆମ ସଂସ୍କୃତିର ସ୍ୱତନ୍ତ୍ରତା, ସ୍ୱାବଲମ୍ବନତା ଓ ପ୍ରାଚୀନତାକୁ ଓ ସେ ହିଁ ଆମ ଗର୍ବ ଓ ଗୌରବ

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ମଣିପୁର ଶାନ୍ତି, ସ୍ଥିରତା ଆବଶ୍ୟକ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ଜାତିଆଣ ଦଙ୍ଗା, ଗ୍ରସ୍ତ ମଣିପୁରରେ ବିଜେପି ନେତୃତ୍ୱାଧୀନ ଏନଡିଏର ୪୦ ଜଣ ବିଧାୟକ ସରକାର ଗଢିବା ପାଇଁ ଦାବି କରୁଥିବାବେଳେ ରାଜ୍ୟର କଠୋରପନ୍ଥୀ ଗୋଷ୍ଠୀ ଅରାମ୍ବାଇ ଟେଙ୍ଗୋଲ(ଏଟି)ର ମୁଖ୍ୟ କାନନ ସିଂହ ସହତା'ର ଚାରିଜଣ ସହଯୋଗୀଙ୍କୁ ସିବିଆଇ ଗିରଫ କରିବା ଯୋଗୁଁ ରାଜ୍ୟ ପୁଣି ଅଶାନ୍ତ ମଧକୁ ଠେଲି ହୋଇଯାଇଛି। ମଣିପୁରରେ ପ୍ରଭାବଶାଳୀ ମୈତ୍ରେଇ ସମ୍ପ୍ରଦାୟର କଠୋରପନ୍ଥୀଙ୍କୁ ନେଇ ଏଟି ଗଠିତ ହୋଇଥିବାବେଳେ ରାଜ୍ୟରେ ଗତ ୨୦୨୩ ମେ ମାସ ଠାରୁ ଲାଗି ରହିଥିବା ଜାତିଆଣ ଦଙ୍ଗାରେ ବହୁ ହିଂସାକାଣ୍ଡରେ ଜଡିତ ଥିବା କୁହାଯାଏ। ମୈତ୍ରେଇ ସମ୍ପ୍ରଦାୟର ବିକ୍ଷୋଭ, ହିଂସାକାଣ୍ଡ ଯୋଗୁଁ ପରିସ୍ଥିତି ଅଣାୟତ ହୋଇପଡିଥିବାବେଳେ ରାଜ୍ୟର କେତେକ ଅଂଚଳରେ ସାନ୍ଧ୍ୟା ଆଇନ ଜାରି କରାଯିବା ସହ ଇଂଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଆହୁରି ମଧ କେନ୍ଦ୍ରୀୟ ବାହିନୀର ଯବାନ ବହୁ ଉତେଜନା ପ୍ରବଣ ଅଂଚଳରେ ଫ୍ଲାଗମାର୍ଚ କରୁଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଗତ ୨୦୨୩ମେ' ମାସରୁ ଲାଗିଥିବା ଜାତିଆଣ ଦଙ୍ଗାକୁ ନିୟନ୍ତ୍ରଣ କରିବାରେ ବିଫଳ ହେବା ଯୋଗୁଁ ଚଳିତ ବର୍ଷ ଆରମ୍ଭରେ ମୁଖ୍ୟମନ୍ତ୍ରୀ ପଦରୁ ଏନ.ବିରେନ ସିଂହ ଇସ୍ତଫା ଦେଇଥିଲେ। ନୂତନ ବିଧାୟକ ଦଳ ମନୋନୟନ କରିବାରେ ବିଜେପି ହାଇକମାଣ୍ଡ ବିଫଳ ହେବା ପରେ ବିଧାନସଭାକୁ ସସପେଣ୍ଡ କରିବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିଥିଲେ। ଗତ କିଛି ମାସ ଧରି ରାଜ୍ୟରେ କ୍ରମଶଃ ସ୍ୱାଭାବିକ ଅବସ୍ଥା ପ୍ରତ୍ୟାବର୍ତନ କରୁଥିବାବେଳେ ହଠାତ୍ ମୈତ୍ରେଇ ସମର୍ଥିତ ଉଗ୍ରପନ୍ଥୀ ଗୋଷ୍ଠୀ ଏଟିର ମୁଖ୍ୟ ଓ ଚାରିଜଣଙ୍କୁ ଗିରଫ ନିଶ୍ଚିତ ଭାବେ ସିବିଆଇର ଅପରିଣାମଦର୍ଶୀ ପଦକ୍ଷେପ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ରାଜ୍ୟରେ ଜାତିଆଣ ହିଂସାକାଣ୍ଡ ସୃଷ୍ଟି ହେବା ପରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଏବଂ କୁକି ଆତ୍ମରକ୍ଷା ଲାଗି ନିଜସ୍ୱ କଠୋର ପନ୍ଥୀ ଗଠନ କରିଥିଲେ। ଯେଉଁମାନେ କି ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଛନ୍ତି। ଜାତିଆଣ ଦଙ୍ଗା ଉଗ୍ରରୂପ ନେବା ସମୟରେ ରାଜ୍ୟରେ ବହୁ ପୋଲିସ ଅସ୍ତ୍ରାଭଣ୍ଡାର ଲୁଟ ହୋଇଥିଲା। ଲୁଟ ଅସ୍ତ୍ରଶସ୍ତ୍ରର ଉଭୟ ସମ୍ପ୍ରଦାୟର ଉଗ୍ରବାଦୀ ଗୋଷ୍ଠୀ ପରସ୍ପର ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିଥିଲା। ଯାହାର ପରିଣତି ସ୍ୱରୂପ ୨୬୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ପୋଡାଜଳା ବ୍ୟାପକ ଧନସମ୍ପତି କ୍ଷୟକ୍ଷତି ହୋଇଥିଲା। ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଲାଗି ସେବା ଓ କେନ୍ଦ୍ରୀୟ ବାହିନୀ ରାଜ୍ୟବ୍ୟାପୀ ପଇଁତରା ସହ ବ୍ୟାପକ ତଲାସୀ ଅଭିଯାନ ଜାରି ରଖିଛନ୍ତି। ନିକଟରେ କେନ୍ଦ୍ରୀୟ ବାହିନୀ କଠୋରପନ୍ଥୀ ଗୋଷ୍ଠୀର ୨୩ଜଣ ସଦସ୍ୟଙ୍କୁ ଗିରଫ କରିବା ସହ ଅସ୍ତ୍ରଭଣ୍ଡାରରୁ ଲୁଟ ହୋଇଥିବା ୪୦ ପ୍ରକାରର ଅସ୍ତ୍ରଶସ୍ତ୍ର ତଥା ବନ୍ଧୁକ, ରାଇଫଲ, ଗେନେଡ, ଗୁଳିଗୋଳା ଆଦି ଜବତ କରିଥିଲା। କହିବା ବାହୁଲ୍ୟ ଯେ, ରାଜ୍ୟରେ ସକ୍ରୀୟ ଅବା ଲଢୁଆ ଗୋଷ୍ଠୀଗୁଡିକ ନିରସ୍ତ୍ର କରିବା ପାଇଁ ସେନା ଓ କେନ୍ଦ୍ରୀୟ ବାହିନୀ ଅଭିଯାନ ଆରମ୍ଭ କରିବା ଜରୁରୀ। ଉଲ୍ଲେଖଯୋଗ୍ୟ ଜାତିଆଣ ଦଙ୍ଗା ପୂର୍ବରୁ ମଣିପୁର ଉଗ୍ରପନ୍ଥୀ ଏବଂ ବିଦ୍ରୋହୀ ଗୋଷ୍ଠୀର ହିଂସାକାଣ୍ଡର ଇତିହାସ ରହିଛି। ଯେଉଁଥିପାଇଁ କି ଏବେ ବି ରାଜ୍ୟରେ ଏନ୍ଏଫ୍ଏସ୍ଏ ଆଇନ ବଳବତର ରହିଛି। ରାଜ୍ୟରେ ଉଭୟ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଓ କୁକିର ୟୁନାଇଟେଡ ନ୍ୟାଶନାଲ ଲିବରେସନ ଫ୍ରଂଟ, ପିପୁଲସ ଲିବରେସନ ଆର୍ମୀ, କୁକି ନ୍ୟାଶନାଲ ଆର୍ମୀ ଏବଂ ଯୋମୀ ରିଭୋଲେସୁନାରୀ ଆର୍ମୀ ବାହିନୀ ସକ୍ରୀୟ ରହିଛି। ସେହିପରି ଉତର ମଣିପୁରରେ ନ୍ୟାଶନାଲ ସୋସିଆଲଇଷ୍ଟ କାଉନସିଲ ଅଫ ନାଗାଲାଣ୍ଡ ମଧ ତାର ଉପସ୍ଥିତି ଜାହିର କରିଛି। ରାଜ୍ୟରେ ୨୦୨୩ରେ ଜାତିଗତ ଦଙ୍ଗା ଆରମ୍ଭ ହେବା ପରେ ଏହି ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ପୁନର୍ବାର ସକ୍ରୀୟ ହୋଇପଡିଥିବା ଜଣାଯାଏ। ବିଜେପି ସାଂସଦ ତଥା ତିତୁଲାର ରାଜା ଲେଇସିମ୍ବା ସାଂଜେଓବାଙ୍କ ଦ୍ୱାରା ପ୍ରତିଷ୍ଠିତ ଏଟି ପ୍ରାଥମିକ ଅବସ୍ଥାରେ ଏକ ସାମାଜିକ-ଧାର୍ମିକ ଅନୁଷ୍ଠାନ ଭାବେ କାର୍ଯ୍ୟ କରିଥିଲା। କିନ୍ତୁ ଜାତିଆଣ ଦଙ୍ଗା ପରେ ଏହା ଏକ ଲଢୁଆ ସଂଗଠନରେ ପରିଣତ ହୋଇଯାଇଛି। ଏପରିକି ଏଟି ୨୦୨୪ ଜାନୁୟାରୀରେ ରାଜ୍ୟର ମୈତ୍ରେଇ ସମ୍ପ୍ରଦାୟର ସମସ୍ତ ନିର୍ବାଚିତ ବିଧାୟକ ଓ ଏପରିକି ମନ୍ତ୍ରୀମାନଙ୍କୁ ଏକ ବୈଠକକୁ ସମନ କରିଥିଲା। ଏଥିରୁ ଏଟିର କେତେ ଦବଦବା ରହିଛି, ତାହା ସଂକେତ ପ୍ରଦାନ କରେ। ଏହି ସଂଗଠନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେତେବେଳେ ମୁଖ୍ୟମନ୍ତ୍ରୀ ବିରେନ ସିଂହ କଂଗ୍ରେସର ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ରାଜ୍ୟରେ ଏବେ ରାଷ୍ଟ୍ରପତି ଶାସନ ବଳବତର ଥିବାରୁ କେନ୍ଦ୍ର ସରକାର ଉଭୟ ଗୋଷ୍ଠୀର ବୈଠକ ଡକାଇ ଶାନ୍ତି ସ୍ଥିରତା ବଜାୟ ରଖିବା ସହ ଉଗ୍ରପନ୍ଥୀ ଗୋଷ୍ଠୀଗୁଡିକ ନିରସ୍ତ୍ରକରଣ କରି ସାମାଜିକ ମହାସ୍ରୋତରେ ସାମିଲ କରିବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# କାହାକୁ ବଞ୍ଚାଇବାକୁ ସୁଯୋଗ ନଥିଲା: ଶାହ

## ମେଡିକାଲରେ ଆହତଙ୍କୁ ଭେଟିଲେ



**ଅହମ୍ମଦାବାଦ,୧୨।୬:** ଅହମଦାବାଦ ବିମାନ ଦୁର୍ଘଟଣାର ଗୋଟିଏ ଘଣ୍ଟା ପରେ ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ଭେଟିଥିଲେ। ଏହି ଦୁର୍ଘଟଣା ନେଇ ଶାହ ଗଭୀର ଦୁଃଖ ପ୍ରକାଶ କରିଥିଲେ। ସେ କହିଛନ୍ତି ଯେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରୁ ଲୋକଙ୍କୁ ବଞ୍ଚାଇବାର ପ୍ରୟାସ ବିଫଳ ହୋଇଥିଲା। ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଜଳିଯିବାରୁ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇଥିଲା। ତେଣୁ ନିଆଁର ପ୍ରଖରତା ଏତେ ଥିଲା ଯେ ଲୋକଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିଲା ନାହିଁ। ଶାହଙ୍କ ସହ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହିତ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା



ପରେ ଗଣମାଧ୍ୟମ ସହିତ କଥା ହୋଇଥିଲେ।

ମୁଁ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛି। ପ୍ରାୟ ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି। ଆମେ ପୀଡିତଙ୍କ ପରିବାର ସଦସ୍ୟଙ୍କ ଡିଏନଏ ସଂଗ୍ରହ ପ୍ରକ୍ରିୟାରେ ଅଛୁ। ଏହି ପ୍ରକ୍ରିୟା କିଛି ଘଣ୍ଟା ମଧ୍ୟରେ ସମାପ୍ତ ହେବ। ଆମେ ବିଦେଶରେ ରହୁଥିବା ସମସ୍ତ ଯାତ୍ରୀଙ୍କ ପରିବାରକୁ ସୂଚନା ଦେଉଛୁ। ଯଥାଶୀଘ୍ର ଆମେ ସେମାନଙ୍କର ଡିଏନଏ ନମୁନା ମଧ୍ୟ ସଂଗ୍ରହ କରିବୁ ବୋଲି ଶାହ କହିଛନ୍ତି। ଏହାସହ ସରକାର ପୀଡିତଙ୍କ ପରିବାର ସହ ରହିଛନ୍ତି, ସବୁ ପ୍ରକାର ସାହାଯ୍ୟ କରାଯିବ ବୋଲି କହିଥିଲେ। ସେ ସର୍ବପ୍ରଥମେ, ଭାରତ ସରକାର, ଗୁଜରାଟ ସରକାର, ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ, ମୁଁ ପୀଡିତଙ୍କ ପ୍ରତି ମୋର ଗଭୀର ସମବେଦନା ପ୍ରକାଶ କରୁଛି। ସେ କହିଛନ୍ତି, ଏହି ଘଟଣା ପାଇଁ ସାରା ଦେଶ ଦୁଃଖିତ। ମୁଁ ଦୁର୍ଘଟଣାରୁ ବଞ୍ଚିଯାଇଥିବା ଯାତ୍ରୀଙ୍କୁ ଭେଟିଛି। ଡିଏନଏ ପରୀକ୍ଷା ପରେ ମୃତକଙ୍କୁ ଚିହ୍ନଟ କରାଯିବ। ସାରା ଦେଶ ପୀଡିତଙ୍କ ପରିବାର ସହିତ ଠିଆ ହୋଇଛି। ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଥିଲା। ନିଆଁ ଏତେ ଦ୍ରୁତ ଗତିରେ ଲାଗିଥିଲା ଯେ ସେମାନଙ୍କୁ ବଞ୍ଚାଇବାର କୌଣସି ସୁଯୋଗ ନଥିଲା। ଗୁଜରାଟରେ ପ୍ରାୟ ୧୦୦୦ ଡିଏନଏ ନମୁନା ପରୀକ୍ଷା କରାଯିବ। ତଦନ୍ତ ଦ୍ରୁତ ଗତିରେ ଆଗକୁ ବଢ଼ିବା ପାଇଁ ବିମାନ ମନ୍ତ୍ରୀ ମଧ୍ୟ ସୂଚନା ଦେଇଛନ୍ତି। ବିମାନ ବିଭାଗ ଏହାର ତଦନ୍ତ ଆରମ୍ଭ କରିଛି। ଏଥିସହ ଶାହ ଗୁଜରାଟ ସରକାରୀ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ କରିଥିଲେ। ଉଦ୍ଧାର କାର୍ଯ୍ୟ, ଆହତଙ୍କୁ ସବୁ ପ୍ରକାର ଚିକିତ୍ସା ସୁବିଧା ଓ ତଦନ୍ତ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ ଶାହ।

# ଭାରତରେ ଘଟିଥିବା ବଡ଼ ବିମାନ ଦୁର୍ଘଟଣା

### ● ଇତିହାସରେ ଭୟଙ୍କର ଦୁର୍ଘଟଣା ୧୯୯୬ରେ ଘଟିଥିଲା ● ୩୪୯ ଜଣ ମୃତ୍ୟୁବରଣ କରିଥିଲେ

**ନୂଆଦିଲ୍ଲୀ,୧୨।୬:** ଗୁଜରାଟର ଅହମଦାବାଦରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ ଲାଇନର ଫ୍ଲାଇଟ ସଂଖ୍ୟା ଏଆଇ ୧୭୧ ଟେକଅଫର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଅହମଦାବାଦରୁ ଲଣ୍ଡନ ଯାଉଥିଲା। ବିମାନରେ ୧୨ଜଣ ଚାଳକ ଦଳ ସଦସ୍ୟଙ୍କ ସହ ମୋଟ ୨୪୨ ଜଣ ଯାତ୍ରୀ ଥିଲେ। ଏହି ବିମାନ ଦୁର୍ଘଟଣା ଦେଶରେ ପୁଣି ଥରେ ବିମାନ ଯାତ୍ରା ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲଗାଇଛି। ବିଶେଷଜ୍ଞଙ୍କ କହିବା କଥା ହେଉଛି ଟେକଅଫ ଓ ଲ୍ୟାଣ୍ଡିଂ କାଳରେ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଭିଏସନ ସେଫ୍ଟି ତଥ୍ୟ ଅନୁସାରେ ୨୦୨୩ରେ ସାରା ବିଶ୍ୱରେ ୧୦୯ଟି ବିମାନ ଦୁର୍ଘଟଣା ହୋଇଥିଲା। ଏଥିରୁ ୩୭ଟି ଟେକଅଫ କାଳରେ ହୋଇଥିଲା। ଭାରତରେ ବିମାନ ଦୁର୍ଘଟଣାର ଇତିହାସ ବେଶ୍ ଦୀର୍ଘ, କିନ୍ତୁ ଏହା ସହ କିଛି ଦୁଃଖଦ ଘଟଣା ମଧ୍ୟ ରହିଛି। ତେବେ ଆସନ୍ତୁ ଏପର୍ଯ୍ୟନ୍ତ ଭାରତରେ ହୋଇଥିବା ବଡ଼ ବିମାନ ଦୁର୍ଘଟଣା ଉପରେ ନଜର ପକାଇବା। ୧୯୬୨ ମସିହା ଜୁଲାଇ ୭ ତାରିଖରେ ଅଲିଟାଲିଆ ଫ୍ଲାଇଟ ୭୭୧ ମୁମ୍ବାଇର ଉତ୍ତରପୂର୍ବାଞ୍ଚଳର ଏକ ପାହାଡରେ ଧକ୍କା ଖାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ୯୪ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୧୯୬୩ ମସିହା ଜୁଲାଇ ୨୮ ତାରିଖରେ ୟୁନାଇଟେଡ ଆରବ ଏୟାରଲାଇନ୍ସର ଫାଇଟ ୮୬୯ ମୁମ୍ବାଇ ଏୟାରପୋର୍ଟରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲା। ଏଥିରେ ଥିବା ସମସ୍ତ ୬୩ ଜଣ ମୃତ୍ୟୁବରଣ କରିଥିଲେ। ୧୯୭୨ ମସିହାରେ ଜୁନ ୧୪ ତାରିଖରେ ନୂଆଦିଲ୍ଲୀର ପାଲାମ ଏୟାରପୋର୍ଟ ନିକଟରେ ଜାପାନ ଏୟାରଲାଇନ୍ସ ଫ୍ଲାଇଟ୍ ୪୭୧ ଲ୍ୟାଣ୍ଡିଂ କରିବା ପୂର୍ବରୁ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୮୨ ଜଣଙ୍କ ମୃତ୍ୟୁ ହୋଇଥିଲା, ଏହା ସହ ବିମାନଟି ଯେଉଁଠାରେ ପଡିଥିଲା ସେଠାରେ ୩ ଜଣ ସାଧାରଣ ନାଗରିକ ମଧ୍ୟ ପ୍ରାଣ ହରାଇଥିଲେ। ୧୯୭୩ ମସିହା ମେ ୩୧ରେ ନୂଆଦିଲ୍ଲୀ ପାଲାମ ଏୟାରପୋର୍ଟରେ ଲ୍ୟାଣ୍ଡିଂ କରୁଥିବା ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ ୪୪୦ଦୁର୍ଘଟଣାରେ ଧ୍ୱସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଥିବା ୬୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୪୮ ଜଣଙ୍କର ମୃତ୍ୟୁ ହୋଇଥିଲା। ୧୯୭୬ ଅକ୍ଟୋବର ୧୨ରେ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ ୧୭୧ମଝି ଆକାଶରେ ଉଡୁଥିବା ବେଳେ ଇଞ୍ଜିନ ଅଚଳ ହୋଇଯାଇଥିଲା। ଏଣୁ ବିମାନରେ ଭୟାନକ ନିଆଁ ଲାଗିଯାଇଥିଲା। ଫଳରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଯାତ୍ରା କରୁଥିବା ସମସ୍ତ ୯୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ୧୯୭୮ ମସିହା ଜାନୁଆରି ୧ ତାରିଖରେ ଏୟାର ଇଣ୍ଡିଆ ଫ୍ଲାଇଟ ୮୫୫ ମୁମ୍ବାଇର ବାନ୍ଦ୍ରା ଉପକୂଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ପାଇଁ ପାଇଲଟଙ୍କ ଭୁଲ ଓ ବିମାନ ଇଞ୍ଜିନରେ ତ୍ରୁଟିକୁ ଦାୟୀ କରାଯାଇଥିଲା। ୧୯ ଅକ୍ଟୋବର ୧୯୮୮ ମସିହା ଅକ୍ଟୋବ ୧୯ ତାରିଖରେ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ୍ ଆଇସି-୧୧୩ ଅହମଦାବାଦର ସର୍ଦ୍ଦାର ଭଲ୍ଲଭଭାଇ ପଟେଲ ଏୟାରପୋର୍ଟରୁ ଟେକ୍ଅଫ କରିବାର ୨ କିଲୋମିଟର ପରେ କ୍ରାସ ହୋଇଯାଇଥିଲା। ଏଥିରେ ୧୩୦ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୯୯୦ ଫେବୃଆରି ୧୪ ତାରିଖରେ ଇଣ୍ଡିଆନ ଏୟାରଲାଇନ୍ସ ଫ୍ଲାଇଟ ୬୦୫ ବେଙ୍ଗାଲୁରୁ ଏୟାରପୋର୍ଟରୁ ଟେକଅପ କରିବାର କିଛି ସମୟ ପରେ କ୍ରାସ ହୋଇଥିଲା। ଏଥିରେ ୯୨ ଜଣ ମୃତ୍ୟୁବରଣ କରିଥିଲେ। ୧୯୯୧ ମସିହା ଅଗଷ୍ଟ ୧୬ ତାରିଖରେ ଇଣ୍ଡିଆନ ଏୟାର ଲାଇନ୍ସ ଫ୍ଲାଇଟ ୨୫୭ ମଣିପୁର ଇମ୍ଫାଲ ବିମାନ ବନ୍ଦରରେ ଲ୍ୟାଣ୍ଡିଂ କରିବା ସମୟରେ ପାଇଲଟଙ୍କ ଭୁଲ ଯୋଗୁଁ କ୍ରାସ କରିଥିଲା। ଏଥିରେ ୬୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୯୯୩ ମସିହା ଏପ୍ରିଲ ୨୬ ତାରିଖରେ ଇଣ୍ଡିଆ ଏୟାର ଲାଇନ୍ସ ଫ୍ଲାଇଟ ୪୯୧ ମହାରାଷ୍ଟ୍ରର ଔରଙ୍ଗାବାଦ ବିମାନ ବନ୍ଦରରୁ ଉଡାଣ ଭରୁଥିବା ବେଳେ ରନୱେ ଶେଷରେ ଥିବା ଏକ ଟ୍ରକରେ ଧକ୍କା ହୋଇ କ୍ରାସ କରିଥିଲା। ଏଥିରେ ୫୫ ଜଣଙ୍କ ମୃତ୍ୟୁ ହୋଇଥିଲା। ୧୯୯୬ ମସିହା ନଭେମ୍ବର ୧୨ ତାରିଖରେ ଇତିହାସର ସବୁଠୁ ବଡ ଆଉ ଭୟଙ୍କର ମଝି ଆକାଶ ଦୁର୍ଘଟଣା ପଶ୍ଚିମ ଦିଲ୍ଲୀର ଶହେ କିମି ଦୂର ଚରଖି ଦାଦ୍ରି ସହର ଉପରେ ଘଟିଥିଲା।

**ପ୍ରମୁଖ ବିମାନ ବିପର୍ଯ୍ୟୟ**

| | | |
|---|---|---|
| ୧୯୬୨ | ମୁମ୍ବାଇ | ୯୪ |
| ୧୯୬୩ | ମୁମ୍ବାଇ | ୬୩ |
| ୧୯୭୨ | ନୂଆଦିଲ୍ଲୀ | ୮୨ |
| ୧୯୭୩ | ନୂଆଦିଲ୍ଲୀ | ୪୮ |
| ୧୯୭୬ | ମୁମ୍ବାଇ | ୯୫ |
| ୧୯୭୮ | ମୁମ୍ବାଇ | ୨୧୩ |
| ୧୯୮୮ | ଅହମଦାବାଦ | ୧୩୦ |
| ୧୯୯୦ | ବେଙ୍ଗାଲୁରୁ | ୯୨ |
| ୧୯୯୧ | ଇମ୍ଫାଲ | ୬୯ |
| ୧୯୯୩ | ଔରଙ୍ଗାବାଦ | ୫୫ |
| ୧୯୯୬ | ଦିଲ୍ଲୀ | ୩୪୯ |
| ୨୦୦୦ | ପାଟନା | ୬୦ |
| ୨୦୧୦ | ମାଙ୍ଗାଲାରୋ | ୧୫୮ |



## ବିଶ୍ୱ ନେତାଙ୍କ ଶୋକ ପ୍ରକାଶ

ଅହମଦାବାଦରେ ଗୁରୁବାର ହୋଇଥିବା ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଦେଶଠୁ ଆରମ୍ଭ କରି ବିଶ୍ୱବ୍ୟାପୀ ଏହି ଭୟଙ୍କର ବିମାନ ଦୁର୍ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି। ଦେଶର ଫିଲ୍ମ ଶିଳ୍ପଠୁ ଆରମ୍ଭ କରି ଖେଳାଳୀ ଓ ରାଜନେତାମାନେ ଗଭୀର ଦୁଃଖ ପ୍ରକଶ କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ କେନ୍ଦ୍ରର ସବୁ ମନ୍ତ୍ରୀ, ସୋନିଆ ଗାନ୍ଧି, ରାହୁଲ, ପ୍ରିୟଙ୍କାଙ୍କ ସମେତ ସମସ୍ତ ବିରୋଧୀ ଦଳ ନେତା, ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ, ବିରୋଧୀ ଦଳ ନେତା, ଫିଲ୍ମ ଅଭିନେତା ଶାହରୁଖ ଖାନ, କରୀନା କପୁର ଖାନ, ଅକ୍ଷୟ କୁମାର, କୃତି ସାନନ, କାଜୋଲ, ଅଜୟ ଦେବଗନ, ସାହିଦ କପୁର, ମାଧୁରୀ ଦୀକ୍ଷିତ, କିଆରା ଆଡଭାନୀ, ସିଦ୍ଧାର୍ଥ ମାଲହୋତ୍ରା ଏବଂ ଅନ୍ୟାନ୍ୟ ସେଲିବ୍ରିଟିମାନେ ନିଜ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏହି ଘଟଣା ପାଇଁ ନିଜର ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ପାକିସ୍ତାନ, ନେପାଳ, ବାଙ୍ଗଲାଦେଶ, ମାଲଦ୍ୱୀପ, ମାଲେସିଆ, କାନାଡା, ଇଟାଲୀ, ଫିଲିପାଇନସ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଇରିଶ, ଭୁଟାନ, ଋଷିଆ, ୟୁକ୍ରେନ, ଆମେରିକା, ବ୍ରିଟେନ ଆଦି ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ୫୦ରୁ ଅଧିକ ବ୍ରିଟିଶ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏହି ଦୁର୍ଘଟଣାକୁ ନେଇ ବ୍ରିଟେନର ରାଜା ଚାର୍ଲ୍ସ ତୃତୀୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଆଜି ଅହମଦାବାଦରେ ଘଟିଥିବା ଭୟଙ୍କର ଘଟଣା ପାଇଁ ମୁଁ ଏବଂ ମୋ ପତ୍ନୀ ମର୍ମାହତ। ଏହି କଷ୍ଟକର ସମୟରେ ସାହାଯ୍ୟ କରୁଥିବା ସମସ୍ତ ଜରୁରୀକାଳୀନ କର୍ମୀ ଏବଂ ରିଲିଫ୍ କର୍ମୀଙ୍କୁ ଆମେ ସାଲ୍ୟୁଟ୍ କରୁଛୁ।

## ମୃତକଙ୍କ ପରିବାରକୁ ୧ କୋଟି ଦେବ ଟାଟା

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୧ କୋଟି ଲେଖାଏଁ ସହାୟତା ରାଶି ଘୋଷଣା କରିଛି ଟାଟା ଗ୍ରୁପ। ଏନେଇ ଟାଟା ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହ ଆହତଙ୍କ ମେଡିକାଲ ଖର୍ଚ୍ଚ ମଧ୍ୟ ବହନ କରିବାକୁ ପ୍ରତିଶୃତି ଦେଇଛି ଟାଟା । କ୍ଷତିଗ୍ରସ୍ତ ମେଡିକାଲ କଲେଜ କୋଠା ସଜାଡ଼ିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଅନ୍ୟପଟେ ଆଜି ଅପରାହ୍ନରେ ଗୁଜରାଟର ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବୋଇଂ ୭୮୭-୮ ଡ୍ରିମଲାଇନର୍ ବିମାନ ଏଆଇ୧୭୧ ଉଡ଼ାଣ ଭରିବାର କିଛି ମିନିଟ୍ ପରେ ମେଘାନୀ ନଗର ନିକଟସ୍ଥ ଏକ ଆବାସିକ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଯେଉଁଥିରେ ଥିଲେ ୨୪୨ ଜଣ ଲୋକ। କୁହାଯାଉଛି ଏହି ଦୁର୍ଘଟଣାରେ ମାତ୍ର ଜଣେ ଯାତ୍ରୀ ଜୀବିତ ଅଛନ୍ତି। ତାଙ୍କର ହସ୍ପିଟାଲରେ ଚିକିତ୍ସା ଚାଲିଛି।

## ପରିବାରର ସୁନ୍ଦର ସ୍ୱପ୍ନ ଚୂରମାର



ଆଖିରେ ଆଖିଏ ସ୍ୱପ୍ନ ଥିଲା। ଖୁସିର ଲହରୀରେ ମନ ହେଉ ଥିଲା ଆନ୍ଦୋଳିତ । ପୂରା ପରିବାର ଅହମ୍ମଦାବାଦରୁ ଯାଉଥିଲେ ଲଣ୍ଡନ। ବିମାନରେ ବସି ସେଲ୍ଫି ଉଠାଇ ଥିଲେ। ଏହି ଫଟୋରେ ଥିଲା ଖୁସିରେ ଭରା ଓ ସ୍ୱପ୍ନରେ ସଜ୍ଜିତ ୫ଟି ସୁନ୍ଦର ଭିନ୍ନ ଚେହେରା। ଡା. କୋମି ବ୍ୟାସ, ତାଙ୍କର ସ୍ୱାମୀ ପ୍ରତୀକ ଯୋଶୀ ଓ ତାଙ୍କର ତିନି ଜଣ ପିଲା। ଏହି ସେଲ୍ଫି ତାଙ୍କର ନୂଆ ପ୍ରାରମ୍ଭର ସାକ୍ଷୀ ଥିଲା, ଲଣ୍ଡନରେ ଏକାଠି ଜୀବନ ବିତେଇବାର ଥିଲା ଏକ ଅଭିନବ ପ୍ରତିଶ୍ରୁତି। କିନ୍ତୁ କାହାକୁ ଜଣା ଥିଲା ଯେ, ଏହା ତାଙ୍କର ଶେଷ ଫଟୋ ହେବ ଏବଂ ସେହି ଉଡ଼ାଣ ତାଙ୍କର ହୋଇଯିବ ଶେଷ ଯାତ୍ରା। ଅହମଦାବାଦ ବିମାନ ଦୁର୍ଘଟଣାରେ ଚାଲିଯାଇଛି ୫ଜଣଙ୍କ ଜୀବନ।

# ବିମାନ ନିର୍ମାଣରେ ତ୍ରୁଟି ନେଇ ପୂର୍ବରୁ ସୂଚାଇଥିଲେ ଇଞ୍ଜିନିୟର



**ନୂଆଦିଲ୍ଲୀ, ୧୨।୬:** ଅହମଦାବାଦରେ ବିମାନ ଦୁର୍ଘଟଣାର ବର୍ଷକ ପୂର୍ବରୁ ସତର୍କ କରାଇ ଦେଇଥିଲେ ଇଞ୍ଜିନିୟର୍ । କହିଥିଲେ ବୋଇଂ ୭୮ ଡ୍ରିମଲାଇନରରେ ନିର୍ମାଣରେ ରହିଛି ତ୍ରୁଟି। ଏହି ବିମାନର ତିଆରି ବେଳେ ସର୍ଟକଟରେ ଗୋଟିଏ ଗୋଟିଏ ପାର୍ଟ ଯୋଡାଯାଉଛି । ଆସେମ୍ବଲି ପାଇଁ ଏହା ବିପଦଜନକ ଅଭ୍ୟାସ ବୋଲି କହିଥିଲେ । ଏବେ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଇଞ୍ଜିନିୟରଙ୍କ ଏହି ସତର୍କ ସୂଚନାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।୨୦୨୪ରେ ବୋଇଂ ଇଞ୍ଜିନିୟର୍ ସାମ୍ ସାଲେହପୁର ହ୍ୱିସିଲ୍ ବ୍ଲୋୟର୍ ସାଜିଥିଲେ। ବୋଇଂ ବିମାନକୁ ନେଇ ଉଠାଇଥିଲେ ଗୁରୁତର ପ୍ରଶ୍ନ । ସେ କହିଥିଲେ ଆମେରିକାରେ ତିଆରି ହେଉଥିବା ଏହି ବିମାନକୁ ତିଆରି କଲାବେଳେ ଠିକ୍ ଭାବେ କାର୍ଯ୍ୟଶୈଳୀ ପାଳନ କରାଯାଉନାହିଁ। ସମୟକ୍ରମେ ଏହା ବିଫଳତାରେ ପରିଣତ ହେବ ବୋଲି ସେ ସତର୍କ କରାଇଦେଇଥିଲେ। ତାଙ୍କର ଏହି ଅଭିଯୋଗ ପରେ ଆମେରିକାର ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ ପକ୍ଷରୁ ତଦନ୍ତ କରାଯାଉଛି ।

ଏହି ଅଭିଯୋଗର ଠିକ୍ ବର୍ଷକ ପରେ ଅହମଦାବାଦରେ ଘଟିଛି ଭୟଙ୍କର ବିମାନ ଦୁର୍ଘଟଣା। ଅହମଦାବାଦରୁ ଇଂଲଣ୍ଡ ଅଭିମୁଖେ ଯାଉଥିବା ବୋଇଂ ବିମାନ ଉଡାଣ ଭରିବାର ମାତ୍ର ୫ ମିନିଟ୍ ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡିଜିସିଏ ଏବେ ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଛି । ଇଞ୍ଜିନିୟର୍ ସାମ୍ ସାଲେହପୁର ଉଠାଇଥିବା ଅଭିଯୋଗ ସହ ଏହାର ସଂପର୍କ ଥିବାର କିଛି ସ୍ପଷ୍ଟ ହୋଇନାହିଁ । ତେବେ ତାଙ୍କ ଅଭିଯୋଗକୁ ଅଧିକ ବଳଶାଳୀ କରିଛି ଏହି ଦୁର୍ଘଟଣା । ନିର୍ମାଣକାରୀ କଂପାନୀ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛି । ଏୟାର ଇଣ୍ଡିଆକୁ ସବୁ ପ୍ରକାର ସହାୟତା ପ୍ରଦାନ କରିବ ବୋଲି କହିଛି ।

ଇଞ୍ଜିନିୟର ଜଣକ କହିଥିଲେ, ଏହାର ନିର୍ମାଣ ଶୈଳୀରେ ତ୍ରୁଟି ରହିଛି। ଏହି ବିମାନ ହଜାରେ ଟ୍ରିପ କଲା ପରେ ମଝି ଆକାଶରେ ଖରାପ ହୋଇଯାଇପାରେ। କର୍ମଚାରୀମାନେ ଏହି ବିମାନର ବିଭିନ୍ନ ଅଂଶକୁ ଯୋଡିବା ବେଳେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଡେଉଁଛନ୍ତି। ବିମାନ ଉପରେ ଡେଇଁଲେ ନଟ୍ ବୋଲ୍ଟ ଫିଟିଂ ସ୍ଥାୟୀ ଭାବେ ହୋଇପାରିନଥାଏ । ବୋଇଂ କଂପାନୀ ପକ୍ଷରୁ କୁହାଯାଇଥିଲା ଯେ, ଏହି ବିମାନଗୁଡିକ ନିରାପଦ ଓ ସେଭଳି କୌଣସି ଆଶଙ୍କା ନାହିଁ ।

## ସ୍ୱାମୀଙ୍କୁ ଭେଟିପାରିଲେନି ନବ ବିବାହିତା



ରାଜସ୍ଥାନ ବାଡମେରା ଜିଲ୍ଲା ବାଲୋତରା ତହସିଲ ଅରାବା ଗାଁର ନବବିବାହିତା ଖୁସବୁ ରାଜପୁରୋହିତ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅହମଦାବାଦ ଏୟାରପୋର୍ଟରୁ ଉଡାଣ କରିବାର କିଛି ମିନିଟ୍ ପରେ ବିମାନଟି ଖସିପଡି ଜଳି ଯାଇଛି। ଖୁସବୁଙ୍କ ସ୍ୱାମୀ ମଁଫୁଲ ସିଂହ ଲଣ୍ଡନରେ ରହି ପାଠ ପଢ଼ନ୍ତି। ଗତ ଜାନୁୟାରି ମାସରେ ଖୁସବୁଙ୍କ ସହ ତାଙ୍କର ବିବାହ ହୋଇଥିଲା। ବିବାହ ପରେ ଖୁସବୁ ପ୍ରଥମ ଥର ତାଙ୍କ ସ୍ୱାମୀଙ୍କୁ ଭେଟିବାକୁ ଲଣ୍ଡନ ଯାଉଥିଲେ। ହେଲେ ଭାଗ୍ୟରେ କିଛି ଅଲଗା ଲେଖାଥିଲା। ଏହି ଭୀଷଣ ଦୁର୍ଘଟଣାରେ ରାଜସ୍ଥାନର ୧୧ ଜଣ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣ ବ୍ରିଟେନରେ ସେଫ ଚାକିରି କରିବାକୁ ଯାଉଥିଲେ। ସେହିପରି ଏହି ଯାତ୍ରାରେ ଜଣେ ମାର୍ବଲ ବ୍ୟବସାୟୀଙ୍କ ପୁଅ ଓ ଝିଅ ମଧ୍ୟ ଯାତ୍ରା କରୁଥିଲେ। ଏହା ଛଡା ଏକ ଡାକ୍ତରଙ୍କ ପରିବାର ମଧ୍ୟ ଏହି ଦୁର୍ଘଟଣାରେ ଉଜୁଡି ଯାଇଛି।


## ମୃତକଙ୍କ ହେବ ଡିଏନ୍ଏ ପରୀକ୍ଷା

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିଚୟ ନିଶ୍ଚିତ କରାଇବା ପାଇଁ ସେମାନଙ୍କ ଡିଏନ୍ଏ ପରୀକ୍ଷା ଆରମ୍ଭ ହୋଇଛି ବୋଲି ଗୁଜରାଟର ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଡିଏନ୍ଏ ନମୁନା ସଂଗ୍ରହ ପାଇଁ ଅହମଦାବାଦ ସିଭିଲ୍ ହସ୍ପିଟାଲରେ ବ୍ୟବସ୍ଥା କରାଯାଇଛି। ମୃତକଙ୍କ ମା'-ବାପା କିମ୍ବା ପିଲାମାନେ ସିଭିଲ୍ ହସ୍ପିଟାଲର ବିଜେ ମେଡିକାଲ କଲେଜର କସୋଟି ଭବନରେ ଡିଏନ୍ଏ ନମୁନା ଦେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ ଧନଞ୍ଜୟ ଦ୍ୱିବେଦୀ କହିଛନ୍ତି। ତେବେ ଦୁର୍ଘଟଣାରେ କେତେଜଣଙ୍କ ମୃତ୍ୟୁ ଘଟିଛି, ତାହା କହିବାକୁ ସେ ମନା କରିଦେଇଛନ୍ତି। ୫୦ ଜଣ ଆହତ ହୋଇ ସିଭିଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସେ ସୂଚନା ଦେଇଛନ୍ତି।

### କାହିଁକି ଗୁରୁତ୍ୱପୂର୍ଣ୍ଣ ବ୍ଲାକ୍ ବକ୍ସ

ଅହମ୍ମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ପରେ ଉଦ୍ଧାରକାରୀ ଦଳ ବ୍ଲାକ ବାକ୍ସ ଖୋଜୁଛନ୍ତି। କାରଣ ଏହି ବ୍ଲାକ ବାକ୍ସ ବିମାନ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ କରିବ। ତେଣୁ ବିମାନ ଦୁର୍ଘଟଣା ପରେ ବ୍ଲାକ ବାକ୍ସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ମଧ୍ୟରୁ ଗୋଟିଏ। ଏହାର ସାହାଯ୍ୟରେ ଦୁର୍ଘଟଣାର ତଦନ୍ତ କରାଯାଏ ଯେ ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା। ଏହା ପଛରେ କ'ଣ କାରଣ ଥିଲା? କକପିଟରେ ପାଇଲଟ ଏବଂ ଅନ୍ୟମାନେ କ'ଣ କରୁଥିଲେ? ବ୍ଲାକ ବାକ୍ସ ସର୍ବଦା ଉଡ଼ାଣ ସହିତ ଜଡିତ ଯେକୌଣସି ଦୁର୍ଘଟଣା ଚିହ୍ନଟ କରିବା ପାଇଁ ବ୍ୟବହୃତ ହୁଏ। ଏହା ବିମାନ ଉଡ଼ାଣ ସମୟରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପକୁ ରେକର୍ଡ କରେ। ଏହି କାରଣରୁ ଏହାକୁ ଫ୍ଲାଇଟ ଡାଟା ରେକର୍ଡର ଏଫଡିଆର ମଧ୍ୟ କୁହାଯାଏ। ବ୍ଲାକ ବାକ୍ସଟି ଟାଇଟାନିୟମ ଧାତୁରେ ତିଆରି, ଯାହା ଦ୍ୱାରା ଏହା ସୁରକ୍ଷିତ ରହିଥାଏ। ଏହା ସହିତ, ଭିତର କାନ୍ଥଗୁଡ଼ିକ ଏପରି ଭାବରେ ତିଆରି କରାଯାଇଛି ଯେ ଦୁର୍ଘଟଣା ଘଟିଲେ ମଧ୍ୟ ବ୍ଲାକ ବାକ୍ସ ସୁରକ୍ଷିତ ରହିଥାଏ ଏବଂ ଦୁର୍ଘଟଣା ପରେ ସମସ୍ତ ସୂଚନା ଏଥିରୁ ମିଳିଥାଏ।

## କାର୍‌ରୁ ମିଳିଲା ଇନ୍‌ଫ୍ଲୁଏନ୍ସର କମଲଙ୍କ ମୃତଦେହ



**ନୂଆଦିଲ୍ଲୀ,୧୨।୬:** ପାର୍କିଂରୁ ମିଳିଲା ଇନ୍‌ଫ୍ଲୁଏନସରଙ୍କ ମୃତଦେହ। ପଞ୍ଜାବ ହସ୍ପିଟାଲର ପାର୍କିଂରୁ ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସରଙ୍କ ମୃତଦେହ ମିଳିଛି। ପାର୍କିଂ ହୋଇଥିବା କାର୍ ଭିତରୁ ତାଙ୍କର ମୃତଦେହ ମିଳିଛି। ମୃତକ ହେଉଛନ୍ତି ଲୁଧିଆନାର କମଲ କୌର ଭାବୀ। ସୋସିଆଲ ମିଡିଆରେ ବିବାଦୀୟ ବୟାନ ଓ ତାଙ୍କର ଆକ୍ଟିଭିଟି ପାଇଁ ସେ ପ୍ରସିଦ୍ଧ। ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି। ସେପଟେ ମୃତଦେହର ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ କହିବା ଅନୁଯାୟୀ, କମଲ କୌରଙ୍କ ମୃତଦେହ ବହୁ ଦିନ ଧରି କାରର ଟ୍ରଙ୍କରେ ବନ୍ଦ ଥିଲା । ଦୁର୍ଗନ୍ଧ ହେବା ପରେ ପୁଲିସକୁ ଖବର ଦିଆଯାଇଥିଲା । କାରର ଟ୍ରଙ୍କ ଖୋଲିବାରୁ ମିଳିଥିଲା ତାଙ୍କର ମୃତଦେହ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, କମଲ କୌର ଭାବୀଙ୍କୁ ପୂର୍ବରୁ ହତ୍ୟା ଧମକ ମିଳିଥିଲା । କମଲ କୌର ଲୁଧିଆନାର ବାସିନ୍ଦା ଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ତାଙ୍କର ଲକ୍ଷ ଲକ୍ଷ ଫଲୋଅର୍ସ ଅଛନ୍ତି। ଘଟଣା ବିଷୟରେ ଏସପି ସିଟି ନରିନ୍ଦ୍ର ସିଂହ କହିଛନ୍ତି ଯେ, ଆଦେଶ ହସ୍ପିଟାଲର ପାର୍କିଂରେ ପାର୍କ ହୋଇଥିବା କାର୍‌ରୁ ଦୁର୍ଗନ୍ଧ ଆସୁଥିବା ନେଇ ଆମକୁ ଫୋନ କଲ୍ ମାଧ୍ୟମରେ ସୂଚନା ମିଳିଥିଲା । ସୂଚନା ପାଇ ଆମ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲା । ପୁଲିସ ପହଞ୍ଚି ଯାଞ୍ଚ କରିବା ପରେ କାର୍ ଭିତରୁ ମହିଳାଙ୍କ ମୃତଦେହ ମିଳିଥିଲା । ପ୍ରଥମେ ମୃତଦେହ ଚିହ୍ନଟ ହୋଇପାରିନଥିଲେ ବି ପରେ ମୃତକର ନାମ କାଞ୍ଚନ କୁମାରୀ ଓରଫ କମଲ କୌର ବୋଲି ଜଣାପଡ଼ିଥିଲା । ତାଙ୍କ ବୟସ ପ୍ରାୟ ୩୦ବର୍ଷ ହୋଇଥିବା ବେଳେ ଭଟିଣ୍ଡାକୁ ଏକ ପ୍ରମୋସନାଲ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛି କହି ସେ ଜୁନ୍ ୯ ତାରିଖରେ ତାଙ୍କ ଘରୁ ବାହାରିଥିଲେ। ଏହା ପରେ ତାଙ୍କ ପତ୍ତା ମିଳିନଥିଲା।

## ଦୁର୍ଘଟଣାର ପୂର୍ବରୁ କାହିଁକି ପାଇଲଟ କରନ୍ତି ମେଡେ କଲ

**ଅହମ୍ମଦାବାଦ,୧୨।୬:** ଗୁଜରାଟର ଅହମ୍ମଦାବାଦ ବିମାନବନ୍ଦରରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି। ଏୟାର ଇଣ୍ଡିଆର ଲଣ୍ଡନ ଯାଉଥିବା ବିମାନ ଏଆଇ-୧୭୧ ଉଡ଼ାଣ କରିବାର କିଛି ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବିମାନଟି ଏକ ବୋଇଂ ୭୮୭ ଡ୍ରିମଲାଇନର ଥିଲା। ବିମାନ ଉଡ଼ାଣ ଆରମ୍ଭ କରିବା ମାତ୍ରେ ପାଇଲଟ ଏଟିସି (ଏୟାର ଟ୍ରାଫିକ କଣ୍ଟ୍ରୋଲ)କୁ ଏକ ମେଡେ କଲ କରିଥିଲେ। କିନ୍ତୁ ଏହା ପରେ ବିମାନ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ତେବେ ଏହି ମେଡେ କଲ କ'ଣ? ଯେତେବେଳେ ବିମାନର ଜଣେ ପାଇଲଟ କିମ୍ବା କ୍ୟାପ୍ଟେନ ବହୁତ ଗମ୍ଭୀର ସମସ୍ୟାରେ ପଡ଼ିଥାନ୍ତି, ଯେପରିକି ଯାନ୍ତ୍ରିକ ବିଫଳତା, ଅଗ୍ନିକାଣ୍ଡ କିମ୍ବା ଦୁର୍ଘଟଣାର ଆଶଙ୍କା, ସେତେବେଳେ ସେ ରେଡିଓରେ 'ମେଡେ, ମେଡେ, ମେଡେ' କୁହନ୍ତି। ଏହି କଲ ଅନ୍ତର୍ଜାତୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଛି, ଯାହା ଦର୍ଶାଏ ଯେ ଜୀବନ ପ୍ରତି ବିପଦ ଅଛି ଏବଂ ତୁରନ୍ତ ସାହାଯ୍ୟ ଆବଶ୍ୟକ। ଏହି ଶବ୍ଦଟି ୧୯୨୦ ମସିହାରେ ଲଣ୍ଡନର କ୍ରୋଏଡନ ବିମାନବନ୍ଦରରୁ ଆରମ୍ଭ ହୋଇଥିଲା। ସେଠାକାର ଜଣେ ରେଡିଓ ଅଧିକାରୀ ଫ୍ରେଡେରିକ ଷ୍ଟେନଲେ ମକଫୋର୍ଡ ଏହାକୁ ଆରମ୍ଭ କରିଥିଲେ। ସେ ଏହାକୁ ଫରାସୀ ଶବ୍ଦ ଏମ'ଏଡରରୁ ନେଇଥିଲେ, ଯାହାର ଅର୍ଥ ହେଉଛି- 'ମୋତେ ସାହାଯ୍ୟ କରନ୍ତୁ!' ଏହା ୧୯୨୩ ମସିହା ସୁଦ୍ଧା ପାଇଲଟ୍ ଏବଂ ନାବିକମାନଙ୍କ ପାଇଁ ଅନ୍ତର୍ଜାତୀୟ ରେଡିଓ ଯୋଗାଯୋଗର ଏକ ଅଂଶ ହୋଇଗଲା ଏବଂ ୧୯୨୭ ମସିହାରେ ମୋର୍ସ 'ଏସଓଏସ'ସହିତ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇଥିଲା। ପରେ ୧୯୪୮ ମସିହାରେ ଏହାକୁ ଅନ୍ତର୍ଜାତୀୟ ନିୟମରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ପ୍ରତ୍ୟେକ ଦେଶର ପାଇଲଟ ଜରୁରୀକାଳୀନ ସ୍ଥିତିରେ ସମାନ ଶବ୍ଦ ବ୍ୟବହାର କରିପାରିବେ। ମେଡେ କେବଳ ବିମାନ ପାଇଁ ନୁହେଁ। ଅନେକ ଦେଶର ସିପ୍ଲେନ, ଅଗ୍ନିଶମ ବାହିନୀ, ପୁଲିସ ଏବଂ ସଡ଼କ ପରିବହନ ସଂସ୍ଥା ମଧ୍ୟ ଏହାକୁ ବ୍ୟବହାର କରନ୍ତି। କେତେକ ସମୟରେ ଏହା ମଧ୍ୟ ଘଟେ ଯେ ସମସ୍ୟାରେ ଥିବା ବିମାନ କିମ୍ବା ଜାହାଜର ରେଡିଓ କାମ କରୁନାହିଁ। ତା'ପରେ ଅନ୍ୟ ଏକ ବିମାନ କିମ୍ବା ଜାହାଜ ତାଙ୍କ ପକ୍ଷରୁ ମେଡେ ରିଲେ କଲ କରେ।

## ପେଶାୱାରରେ ଭୂକମ୍ପର ଝଟକା ତୀବ୍ରତା ୪.୭

**ପାକିସ୍ତାନ,୧୨।୬:** ବୁଧବାର ପାକିସ୍ତାନର ପେଶାୱାରରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୪.୭ । ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ ହିନ୍ଦୁସ୍ଥଳରେ ପର୍ବତରେ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୨୧୧କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଭୂକମ୍ପ ହେବା ମାତ୍ରେ ଲୋକ ଭୟରେ ଘର ବାହାରୁ ଦୌଡିଥିଲେ । କିନ୍ତୁ ଏହି ଭୂକମ୍ପରେ କାହାର କ୍ଷୟକ୍ଷତି ହୋଇଥିବା ଏପର୍ଯ୍ୟନ୍ତ ସୂଚନା ନାହିଁ । ଇସଲାମାବାଦ ଏବଂ ଖାଇବର ପଖତୁନଖ୍ୱାର ମର୍ଦାନ, ସ୍ୱାତ, ନୌଶେରା, ସ୍ୱାବି ଏବଂ ଉତ୍ତର ୱାଜିରିସ୍ତାନର କିଛି ସ୍ଥାନରେ ୫.୩ ତୀବ୍ରତାର ଭୂମିକମ୍ପ ଆସିବାର ପ୍ରାୟ ଏକ ମାସ ପରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି । ଏକ ରିପୋର୍ଟ ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ହିନ୍ଦୁକୁଶ ଅଞ୍ଚଳରେ ୨୩୦ କିଲୋମିଟର ଗଭୀରତାରେ ଥିଲା ।

● ଆଗାମୀ ଲୋକସଭା ନିର୍ବାଚନ

## ୩୩% ମହିଳା ସଂରକ୍ଷଣ ଲାଗୁ କରିବେ ସରକାର

**ନୂଆଦିଲ୍ଲୀ,୧୨।୬:** ନୂଆ ରୂପରେ ହୋଇପାରେ ଆସନ୍ତା ୨୦୨୯ ଲୋକସଭା ନିର୍ବାଚନ। କାରଣ ନିର୍ବାଚନରେ ମହିଳାଙ୍କ ପାଇଁ ସିଟ୍ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିପାରନ୍ତି ମୋଦି ସରକାର। ଆସନ୍ତା ଲୋକସଭା ନିର୍ବାଚନରୁ ଦେଶରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଲାଗୁ କରିବାକୁ ଯୋଜନା ଚାଲିଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଆଉ ଯଦି ଏମିତି ହୁଏ ତେବେ ଲୋକସଭା ସହିତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସିଟ୍ ସଂରକ୍ଷଣ କରାଯିବ। ଯେଉଁଥିରେ ମହିଳାମାନେ ନିର୍ବାଚିତ ହୋଇ ଲୋକସଭା ଏବଂ ବିଧାନସଭାରେ ପ୍ରତିନିଧିତ୍ୱ କରିବେ। ୨୦୨୩ ମସିହା ସେପ୍ଟେମ୍ବର ମାସରେ ପାରିତ ହୋଇଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ଅନୁସାରେ ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସିଟ୍ ସଂରକ୍ଷିତ ହୋଇରହିବ। ଜନଗଣନା ପରେ ପରେ ଏନେଇ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଜନଗଣନା ପରେ ଦେଶରେ ଲୋକସଭା ସହିତ ରାଜ୍ୟମାନଙ୍କରେ ବିଧାନସଭା ସିଟ୍ ସଂଖ୍ୟା ବୃଦ୍ଧି ପାଇପାରେ । ତେଣୁ ଏହାକୁ ଦୃଷ୍ଟିରେ ରଖି ମହିଳାମାନଙ୍କ ପାଇଁ ଏହି ସିଟ୍ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ।

ଗ୍ଲୋବାଲ୍ ଜେଣ୍ଡର ଗ୍ୟାପ୍ ଇଣ୍ଡେକ୍ସ

## ୧୪୬ରୁ ୧୩୧ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ, ୧୨।୬:** ବିଶ୍ୱ ଅର୍ଥନୈତିକ ଫୋରମର ଗ୍ଲୋବାଲ୍ ଜେଣ୍ଡର ଗ୍ୟାପ୍ ରିପୋର୍ଟ ୨୦୨୫ରେ ଭାରତ ୧୪୬ ଦେଶ ମଧ୍ୟରୁ ୧୩୧ ତମ ସ୍ଥାନରେ ରହିଛି। ଗତ ବର୍ଷ ଥିବା ସ୍ଥାନରୁ ଦୁଇ ସ୍ଥାନ ତଳକୁ ଖସି ଆସିଛି। ଗୁରୁବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମାତ୍ର ୬୪.୧ ପ୍ରତିଶତ ସମତା ସ୍କୋର ସହିତ ଭାରତ ଦକ୍ଷିଣ ଏସିଆର ସବୁଠାରୁ ନିମ୍ନ ସ୍ଥାନିତ ଦେଶମାନଙ୍କ ମଧ୍ୟରେ ଅଛି।ବିଶ୍ୱ ଜେଣ୍ଡର ଗ୍ୟାପ୍ ସୂଚକାଙ୍କ ଚାରୋଟି ପ୍ରମୁଖ ଦିଗକୁ ନେଇ ଜେଣ୍ଡର ସମତା ମାପେ। ଅର୍ଥନୈତିକ ଅଂଶଗ୍ରହଣ ଏବଂ ସୁଯୋଗ, ଶିକ୍ଷାଗତ ସଫଳତା, ସ୍ୱାସ୍ଥ୍ୟ ଓ ଜୀବନ ଏବଂ ରାଜନୈତିକ ସଶକ୍ତିକରଣ। ଭାରତୀୟ ଅର୍ଥନୀତିର ସାମଗ୍ରିକ ପ୍ରଦର୍ଶନ ସମ୍ପୂର୍ଣ୍ଣ ଭାବରେ ଯୁକ୍ତ ୦.୩ ପଏଣ୍ଟ ଉନ୍ନତ ହୋଇଛି। ଭାରତ ଯେଉଁ ଦିଗକୁ ସମତା ବୃଦ୍ଧି କରେ ତାହା ହେଉଛି ଅର୍ଥନୈତିକ ଅଂଶଗ୍ରହଣ ଏବଂ ସୁଯୋଗ, ଯେଉଁଠାରେ ଏହାର ସ୍କୋର ଯୁକ୍ତ ପଏଣ୍ଟ ୯ ପ୍ରତିଶତ ବୃଦ୍ଧି କରି ୪୦.୭ ପ୍ରତିଶତ ବୃଦ୍ଧି ପାଇଛି। ଅଧିକାଂଶ ସୂଚକ ମୂଲ୍ୟ ସମାନ ରହିଥିବା ବେଳେ ଆନୁମାନିକ ଉପାର୍ଜିତ ଆୟରେ ସମତା ୨୮.୬ ପ୍ରତିଶତରୁ ୨୯.୯ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ସବଇଣ୍ଡେକ୍ସ ସ୍କୋରକୁ ସକାରାତ୍ମକ ଭାବରେ ପ୍ରଭାବିତ କରୁଥିବା ରିପୋର୍ଟରେ କୁହାଯାଇଛି। ଶ୍ରମଶକ୍ତି ଅଂଶଗ୍ରହଣ ହାରରେ ସ୍କୋର ଗତ ବର୍ଷ ପରି ସମାନ ୪୫.୯ ପ୍ରତିଶତ ରହିଛି। ଯାହା ଆଜି ପର୍ଯ୍ୟନ୍ତ ଭାରତ ସର୍ବାଧିକ ହାସଲ କରିଛି। ଶିକ୍ଷାଗତ ପ୍ରାପ୍ତିରେ ଭାରତ ୯୭.୧ ସ୍କୋର କରିଛି। ଭାରତ ମଧ୍ୟ ସ୍ୱାସ୍ଥ୍ୟ ଏବଂ ବଞ୍ଚିବାରେ ଉଚ୍ଚ ସମାନତା ରେକର୍ଡ କରିଛି, ଯାହା ଜନ୍ମ ସମୟରେ ଲିଙ୍ଗ ଅନୁପାତ ଏବଂ ସୁସ୍ଥ ଜୀବନ ଆଶାରେ ଉନ୍ନତ ସ୍କୋର ଦ୍ୱାରା ପରିଚାଳିତ। ତଥାପି ଅନ୍ୟ ଦେଶମାନଙ୍କ ପରି ପୁରୁଷ ଏବଂ ମହିଳାଙ୍କ ଜୀବନ ଆଶାରେ ସାମଗ୍ରିକ ହ୍ରାସ ସତ୍ତ୍ୱେ ସୁସ୍ଥ ଜୀବନ ଆଶାରେ ସମାନତା ହାସଲ କରାଯାଇଛି ବୋଲି ରିପୋର୍ଟରେ କୁହାଯାଇଛି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍

# ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୨୧୨ ରନ୍‌ରେ ଅଲ୍‌ଆଉଟ୍

### ୪ ୱିକେଟ୍ ହରାଇ ଦ.ଆଫ୍ରିକାର ୪୩ ରନ୍

**ଲଣ୍ଡନ,୧୨।୬:** ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଛି ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ମୁକାବିଲା। ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଜାରି ରହିଛି ଓ ୧୪ଟି ୱିକେଟ୍‌ର ପତନ ଘଟିଛି। କାଗିସୋ ରାବାଡ଼ାଙ୍କ ଘାତକ ବୋଲିଂର ମୁକାବିଲା କରିନପାରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାତ୍ର ୨୧୨ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪ ୱିକେଟ୍ ହରାଇ ୪୩ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ତେମ୍ବା ବଭୁମା ୩ ଓ ଡେଭିଡ୍ ବେଡିଂହାମ ୮ ରନ କରି ଅପରାଜିତ ରହିଛନ୍ତି।




ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଆଜି ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାବାଡ଼ା ନୂଆ ବଲ୍‌ରେ ଘାତକ ସୁଇଂ ବୋଲିଂ କରିଥିଲେ। ସପ୍ତମ ଓଭରରେ ସେ ଉସମାନ ଖୱାଜା(୦) ଓ କାମେରନ ଗ୍ରୀନ(୪)ଙ୍କୁ ଆଉଟ୍ କରିଥିଲେ। ଅନ୍ୟ ଓପନର ମାର୍ନସ ଲାବୁସାନ ସତର୍କତାର ସହ ଖେଳିଥିଲେ ହେଁ ଶେଷରେ ୧୭ ରନ କରି ମାର୍କୋ ଜାନସେନଙ୍କ ବଲ୍‌ରେ ପାଭିଲିୟନ ଫେରିଥିଲେ। ଟ୍ରେଭିସ୍ ହେଡ୍(୧୧)ଙ୍କୁ ମଧ୍ୟ ଆଉଟ୍ କରିଥିଲେ ଜାନସେନ। ୬୭ରନ୍‌ରେ ଅଷ୍ଟ୍ରେଲିଆ ୪ଟି ୱିକେଟ୍ ହରାଇ ସଂକଟରେ ପଡ଼ିଯାଇଥିଲା। ମାତ୍ର ଏହାପରେ ଷ୍ଟିଭେନ ସ୍ମିଥ ଲଢୁଆ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ। ବ୍ୟୁ ୱେବଷ୍ଟରଙ୍କୁ ସାଥୀ କରି ସ୍ମିଥ୍ ପଞ୍ଚମ ୱିକେଟ୍‌ରେ ୭୯ ରନ୍ ଯୋଗ କରିଥିଲେ। ଦଳୀୟ ସ୍କୋର ୧୪୬ରେ ପହଞ୍ଚିଥିଲା। ସ୍ମିଥ୍ ଅର୍ଦ୍ଧଶତକ ଅର୍ଜନ କରିସାରିଥିଲେ। ଆଡେନ ମାରକ୍ରମ ୪୨ତମ ଓଭରରେ ସ୍ମିଥ୍‌ଙ୍କୁ ଆଉଟ୍ କରି ଉନ୍ମାଦନା ଖେଳାଇ ଦେଇଥିଲେ। ସ୍ମିଥ୍ ୬୬ ରନ କରିଥିଲେ। ଦ୍ୱିତୀୟ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ୱେବଷ୍ଟର ଓ ଆଲେକ୍ସ କ୍ୟାରୀ ଲଢେଇ ଜାରି ରଖି ୪୬ ରନ ଯୋଗ କରିଥିଲେ। ତୃତୀୟ ଅଧିବେଶନ ଆରମ୍ଭ ହେବା ସହ ଅଷ୍ଟ୍ରେଲିଆ ପୁଣିଥରେ ବିପର୍ଯ୍ୟୟର ସାମ୍ନା କରିଥିଲା। କ୍ୟାରୀ ୨୩ ରନ କରି କେଶବ ମହାରାଜଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ରାବାଡ଼ା ପୁଣିଥରେ ବିପର୍ଯ୍ୟୟ ଘଟାଇଥିଲେ। ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କ ୧ରନ ଲେଖାଏଁ କରି ଆଉଟ୍ ହୋଇଥିଲେ। ୱେବଷ୍ଟର ଲଢୁଆ ୭୨ ରନ କରି ଶେଷରେ ରାବାଡ଼ାଙ୍କ ପଞ୍ଚମ ଶିକାର ସାଜିଥିଲେ। ନାଥାନ ଲାୟନଙ୍କୁ ଜାନସେନ ଆଉଟ୍ କରିଥିଲେ ଓ ଅଷ୍ଟ୍ରେଲିଆ ଇନିଂସ ୨୧୨ରେ ସୀମିତ ରହିଥିଲା।

ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଅନୁରୂପ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଆଡେନ ମାରକ୍ରମ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ର୍‌ୟାନ ରିକେଲଟନ ସତର୍କତାର ସହ ଖେଳି ୧୬ ରନ ସଂଗ୍ରହ କରିଥିଲେ ହେଁ ଶେଷରେ ଷ୍ଟାର୍କଙ୍କ ବଲ୍‌ରେ ସ୍ଲିପ୍‌କୁ କ୍ୟାଚ ଟେକି ଦେଇଥିଲେ। ୱିଆନ ମୁଲ୍ଡରଙ୍କୁ ବୋଲ୍ଡ କରିଥିଲେ ପ୍ୟାଟ୍ କମିନ୍ସ। ୨୫ ରନ୍‌ରେ ଦଳ ୩ଟି ୱିକେଟ୍ ହରାଇଥିଲା। ବଭୁମା ଓ ଟ୍ରିଷ୍ଟନ ଷ୍ଟବ୍ସ ସତର୍କତାର ସହ ବ୍ୟାଟିଂ କରୁଥିବାବେଳେ ଜୋସ ହାଜେଲଉଡ୍ ୨୧ତମ ଓଭରରେ ଯୋଡ଼ି ଭାଙ୍ଗିଥିଲେ। ଷ୍ଟବ୍ସ ୨ ରନ କରି ପାଭିଲିୟନ ଫେରିଥିଲେ। ପରବର୍ତ୍ତୀ ଓଭରରେ ବେଡିଂହାମ୍ ୨ଟି ଚୌକା ମାରି ଦଳୀୟ ସ୍କୋରକୁ ୪୩ରେ ପହଞ୍ଚାଇଥିଲେ।

## ରୋନାଲ୍ଡୋଙ୍କୁ ପଛରେ ପକାଇଲେ ବିରାଟ କୋହଲି

**ନୂଆଦିଲ୍ଲୀ, ୧୨।୬:** ଭାରତୀୟ କ୍ରିକେଟ ଦଳର ସୁପରଷ୍ଟାର ବିରାଟ କୋହଲି ଇନଷ୍ଟାଗ୍ରାମରେ କମାଲ୍ କରିଛନ୍ତି। ପଡ଼ିଆରେ ତାଙ୍କ ବ୍ୟାଟିଂକୁ ନେଇ ସବୁଠି ଆଲୋଚନା ହେଉଥିବା ବେଳେ, ସେ ଏବେ ସୋସିଆଲ ମିଡିଆରେ ବିଶ୍ୱର ବଡ଼ ବଡ଼ ଷ୍ଟାରମାନଙ୍କୁ ପଛରେ ପକାଇ ଦେଉଥିବା ଦେଖାଯାଉଛି। ବିଶେଷକରି ଇନଷ୍ଟାଗ୍ରାମ ପୋଷ୍ଟରେ ମିଳିଥିବା ଲାଇକ୍ ଦୃଷ୍ଟିରୁ, କୋହଲି ଫୁଟବଲର ବଡ଼ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି।

୨୦୨୪ ମସିହାରେ ବିରାଟ କୋହଲିଙ୍କର ତିନୋଟି ଇନଷ୍ଟାଗ୍ରାମ ପୋଷ୍ଟ ଆସିଛି ଯାହାକୁ ୨ କୋଟି ଲୋକ ଲାଇକ୍ କରିଛନ୍ତି। ଟି-୨୦ ବିଶ୍ୱକପ୍ ଜିତିବା ପରେ କୋହଲି ଯେଉଁ ପୋଷ୍ଟରେ ତାଙ୍କ ଫଟୋ ସେୟାର କରିଛନ୍ତି ତାହା ସର୍ବାଧିକ ଲାଇକ୍ ପାଇଛି। ଏହି ପୋଷ୍ଟକୁ ଏପର୍ଯ୍ୟନ୍ତ ୨ କୋଟି ୨୦ ଲକ୍ଷରୁ ଅଧିକ ଲୋକ ଲାଇକ୍ କରିଛନ୍ତି। ଦ୍ୱିତୀୟ ଫଟୋଟି ସେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହିତ ମେ ୧ ତାରିଖରେ ପୋଷ୍ଟ କରିଥିଲେ। ଏହି ସୁନ୍ଦର ଫଟୋଟି ମଧ୍ୟ ୨୦ ମିଲିୟନ ଅତିକ୍ରମ କରିଛି। ତୃତୀୟ ପୋଷ୍ଟଟି ଆରସିବିର ଐତିହାସିକ ବିଜୟ ବିଷୟରେ ଥିଲା, ଯେଉଁଥିରେ ଦଳ ୧୮ ବର୍ଷ ପରେ ପ୍ରଥମ ଥର ପାଇଁ ଆଇପିଏଲ ଟ୍ରଫି ଜିତିଥିଲା। କୋହଲି ଏହି ଉତ୍ସବର ଏକ ଝଲକ ତାଙ୍କ ଇନଷ୍ଟାଗ୍ରାମ ଫଲୋଅର୍ସଙ୍କ ସହିତ ସେୟାର କରିଥିଲେ ଏବଂ ଏହାକୁ ମଧ୍ୟ ୨୦ ମିଲିୟନରୁ ଅଧିକ ଲାଇକ୍ ମିଳିଥିଲା। ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଫୁଟବଲ୍ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଦୁଇଟି ପୋଷ୍ଟ ୨୦ ମିଲିୟନରୁ ଅଧିକ ଲାଇକ୍ ପାଇଛି।



**ଇନଷ୍ଟାଗ୍ରାମ ଫଟୋରେ ମିଳିଲା ୨ କୋଟିରୁ ଅଧିକ ଲାଇକ୍**

## ମହେନ୍ଦ୍ର ସିଂହ ଧୋନୀଙ୍କୁ ମିଳିଲା ବଡ଼ ସମ୍ମାନ

## ଆଇସିସି ହଲ୍ ଅଫ ଫେମ୍‌ରେ ସାମିଲ

**ନୂଆଦିଲ୍ଲୀ, ୧୨।୬:** କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରିଛି। ମହେନ୍ଦ୍ର ସିଂହ ଧୋନୀ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହେବାରେ ୧୧ତମ ଭାରତୀୟ କ୍ରିକେଟର। ଧୋନୀଙ୍କ ପୂର୍ବରୁ ବିଶନ ସିଂହ ବେଦୀ, କପିଲ ଦେବ, ସୁନୀଲ ଗାଭାସ୍କର, ଅନିଲ କୁମ୍ବଲେ, ସଚିନ ତେନ୍ଦୁଲକର, ଭିନୁ ମଙ୍କଡ, ବୀରେନ୍ଦ୍ର ସେହ୍ୱାଗ, ରାହୁଲ ଦ୍ରାବିଡ, ନୀତୁ ଡେଭିଡ୍ ଏବଂ ଡାଏନା ଏଡୁଲଜିଙ୍କୁ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ମହେନ୍ଦ୍ର ସିଂହ ଧୋନୀଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ତିନୋଟି ଆଇସିସି ଟ୍ରଫି ଜିତିଥିଲା। ଅଧିନାୟକ ଭାବରେ ଧୋନୀ ୨୦୦୭ ଟି-୨୦ ବିଶ୍ୱକପ୍, ୨୦୧୧ ଦିନିକିଆ ବିଶ୍ୱକପ୍ ଏବଂ ୨୦୧୩ ଚାମ୍ପିଅନ୍ସ ଟ୍ରଫି ଜିତିଥିଲେ। ସେ ବିଶ୍ୱର ପ୍ରଥମ ଅଧିନାୟକ ଯିଏ ତିନୋଟି ଭିନ୍ନ ଆଇସିସି ଟ୍ରଫି ଜିତିଥିଲେ। ଧୋନୀ କେବଳ ଭାରତରେ ନୁହେଁ ବରଂ ବିଶ୍ୱର ସବୁଠାରୁ ସଫଳ ଅଧିନାୟକଙ୍କ ମଧ୍ୟରେ ଅନ୍ୟତମ। ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହେବା ପରେ, ପୂର୍ବତନ ଭାରତୀୟ ଅଧିନାୟକ ଧୋନୀ କହିଛନ୍ତି ଯେ, ଏହି ସମ୍ମାନ ସର୍ବଦା ତାଙ୍କ ସହିତ ରହିବ। ଆଇସିସି ହଲ୍ ଅଫ୍ ଫେମରେ ସାମିଲ ହେବା ଏକ ସମ୍ମାନର ବିଷୟ, ଯାହା ବିଭିନ୍ନ ପିଢ଼ି ଏବଂ ବିଶ୍ୱର କ୍ରିକେଟରଙ୍କ ଅବଦାନକୁ ସ୍ୱୀକୃତି ଦିଏ। ଧୋନୀ ଭାରତ ପାଇଁ ୩୫୦ଟି ଦିନିକିଆ ଖେଳି ୫୦.୫୭ ହାରରେ ୧୦୭୭୩ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୧୦ ଟି ଶତକ ଏବଂ ୭୩ ଟି ଅର୍ଦ୍ଧଶତକ ମଧ କରିଛନ୍ତି। ସେ ୯୦ ଟି ଟେଷ୍ଟ ମ୍ୟାଚ ମଧ ଖେଳିଥିଲେ। ସେ ୬ ଟି ଶତକ ସହିତ ଟେଷ୍ଟରେ ୪୮୭୬ ରନ କରିଛନ୍ତି। ସେ ୨୦୧୯ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ଏବଂ ଅଗଷ୍ଟ ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ। ଧୋନୀଙ୍କ ବ୍ୟତୀତ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟର ମାଥ୍ୟୁ ହେଡେନ୍, ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଡାନିଏଲ୍ ଭିଟୋରି, ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର ହାସିମ୍ ଆମଲା ଏବଂ ଗ୍ରେମ ସ୍ମିଥ୍ ମଧ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି।




### ଭାରତ-ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳା

# ପ୍ରଥମ ଟେଷ୍ଟରେ କିଏ ଖେଳିବେ ନୀତୀଶ ନା ଶାର୍ଦ୍ଦୁଳ ?

**ନୂଆଦିଲ୍ଲୀ, ୧୨।୬:** ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଖେଳିବା ଲାଗି ଇଂଲଣ୍ଡରେ ପହଞ୍ଚି ସାରିଛି। ପ୍ରଥମ ଟେଷ୍ଟ୍ ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ ଲାଗି ଅଙ୍କକଷା ଆରମ୍ଭ ହୋଇଯାଇଛି। ବିଶେଷ କରି ଦୁଇ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ନେଇ ଦଳ ଏବେ ଦ୍ୱନ୍ଦ୍ୱରେ ରହିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦୁଇ ଅନୌପଚାରିକ ଟେଷ୍ଟ୍‌ରେ ଉଭୟ ଖେଳାଳି ନିଜ ନିଜର ଦମ୍ ଦେଖାଇଥିଲେ। ତେବେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଟେଷ୍ଟ୍ ପଦାର୍ପଣ କରିଥିବା ବ୍ୟାଟିଂ ଅଲ୍‌ରାଉଣ୍ଡର ନୀତୀଶ ଚମତ୍କାର ଖେଳିଥିଲେ। ସେଠାରେ ୫ ଟେଷ୍ଟ୍ ଖେଳିଥିବା ନୀତୀଶ ଇଂଲିସ୍ ପାଣିପାଗରେ ବାଉନ୍ସ ଓ ସିମ୍ ବୋଲିଂକୁ ମୁକବିଲା କରିବାକୁ ଅସୁବିଧାରେ ପଡ଼ୁଛନ୍ତି। କ୍ୟାଣ୍ଟରବୁରିରେ ନୀତୀଶ ପ୍ରଥମ ପାଳିରେ ବିଫଳ ହୋଇଥିଲା ବେଳେ ଦ୍ୱିତୀୟ ପାଳିରେ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ନର୍ଥହାମ୍ପଟନ୍‌ରେ ନୀତୀଶ ସିମ୍ ବଲ୍‌କୁ ଖେଳିବାରେ କସରତ କରିଥିଲେ। ଏହି ଦୁଇ ଟେଷ୍ଟ୍‌ରେ ବୋଲିଂରେ ମଧ ସେପରି ସଫଳତା ପାଇ ନଥିଲେ।




ଅନ୍ୟପକ୍ଷରେ ଶାର୍ଦ୍ଦୁଳ ମୋଟ ୧୧ ଟେଷ୍ଟ୍ ଖେଳିଥିଲା ବେଳେ ଏହାମଧ୍ୟରୁ ୪ଟି ଇଂଲଣ୍ଡରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଶାର୍ଦ୍ଦୁଳଙ୍କ ବୋଲିଂ ସଫଳତା ଯେପରି ରହିଛି ସେ ଦଳରେ ପଞ୍ଚମ ବୋଲିଂ ବିକଳ୍ପ ଭାବେ ଖେଳିପାରିବେ। ଏଥିସହ ତାଙ୍କ ପାଖରେ ବ୍ୟାଟିଂରେ ପ୍ରଭାବ ପକାଇବାର କଳା ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ନୀତୀଶ ଓ ଶାର୍ଦ୍ଦୁଳଙ୍କ ମଧ୍ୟରୁ କାହାକୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବ, ସେକଥା ଭାରତୀୟ ମ୍ୟାନେଜ୍‌ମେଣ୍ଟ୍‌କୁ ଚିନ୍ତାରେ ପକାଇଛି।

## ଚୂଡ଼ାନ୍ତ ଏକାଦଶକୁ ନେଇ ବଢୁଛି ଚର୍ଚ୍ଚା

**ଗିଲ୍‌ଙ୍କ ଫଟୋ ସୁଟ୍**

ଇଂଲଣ୍ଡ ଗସ୍ତରେ ନିଜ ଖେଳ ଜୀବନର ସବୁଠୁ ବଡ଼ ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି ଭାରତର ସର୍ବକନିଷ୍ଠ ଟେଷ୍ଟ୍ ଅଧିନାୟକ ଶୁବମନ ଗିଲ୍। ଏହି ଶୃଙ୍ଖଳା ଅବସରରେ ଗିଲ୍‌ଙ୍କ ଓପନିଂ ବ୍ୟାଟିଂ ସହ ତାଙ୍କ ନେତୃତ୍ୱ ଶୈଳୀ ଉପରେ ମଧ ସାରା କ୍ରିକେଟ୍ ଦୁନିଆର ନଜର ରହିବ। ତେବେ ଆତ୍ମବିଶ୍ୱାସରେ ଭରପୂର ଗିଲ୍ ପ୍ରଭାବୀ ପ୍ରଦର୍ଶନ ଏବଂ ବଳିଷ୍ଠ ନେତୃତ୍ୱରେ ସମସ୍ତଙ୍କ ମନ ଓ ହୃଦୟ ଜିତିବେ ବୋଲି ପ୍ରଶଂସକ ଦୃଢ଼ ଆଶା ପୋଷଣ କରିଛନ୍ତି। ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ ଭିତରେ କିନ୍ତୁ ଗିଲ୍ ବୁଧବାର ବ୍ୟକ୍ତିଗତ ଭାବେ କିଛି ସମୟ ଫଟୋ ସୁଟ୍ ପାଇଁ କାଢ଼ିଥିଲେ। ୨୫ବର୍ଷୀୟ ଗିଲ୍ ଭାରତୀୟ ଅଧିନାୟକ ଭାବେ ଦଳୀୟ ପୋଷାକ ଓ ବ୍ଲେଜର୍ ପିନ୍ଧି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇଥିଲେ। କିଛି ଫଟୋକୁ ମଧ ବିସିସିଆଇ ତାର ସାମାଜିକ ଗଣମାଧମ ଆକାଉଣ୍ଟ୍‌ରେ ପୋଷ୍ଟ କରିଛି। ଏଥିରେ ଗିଲ୍ ବେଶ୍ ସ୍ମାର୍ଟ ଲାଗୁଛନ୍ତି। ଦୁଇ କିଂବଦନ୍ତି କ୍ରିକେଟର୍ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସହ ବରିଷ୍ଠ ସ୍ପିନର୍ ଆର୍ ଅଶ୍ୱିନ ଅବସର ନେଇ ସାରିଥିବାରୁ ଇଂଲଣ୍ଡ ଶୃଙ୍ଖଳାରେ ଭାରତୀୟ କ୍ରିକେଟ୍‌ର ଏକ ନୂଆ ଯୁଗର ଆରମ୍ଭ ହେବାକୁ ଯାଉଛି। ଯାହାର କେନ୍ଦ୍ରସ୍ଥଳରେ ଗିଲ୍ ହିଁ ରହିବେ।

**ଶାଣିତ କଲେ କ୍ଷେତ୍ରରକ୍ଷଣ ଶୈଳୀ**

ଇଂଲଣ୍ଡ ବିପକ୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳା ଲାଗି ଭାରତୀୟ କ୍ରିକେଟ୍ ଦଳ ସେଠାରେ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛି। ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘରୋଇ ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଥିବା ଯୁବ ଭାରତୀୟ ଦଳ ବେହେନହାମ୍ ଷ୍ଟାଡିୟମ୍‌ରେ କ୍ଷେତ୍ରରକ୍ଷଣ ଶୈଳୀକୁ ଆହୁରି ଶାଣିତ କରିବା ଉପରେ ଜୋର୍ ଦେଇଥିଲା। କ୍ଷେତ୍ରରକ୍ଷଣ ପ୍ରଶିକ୍ଷକ ଟି ଦିଲୀପଙ୍କ ତୀକ୍ଷ୍ଣ ନଜର ତଳେ ଭାରତୀୟ ଖେଳାଳିମାନେ ବୁଧବାର ବିଭିନ୍ନ ଫିଲ୍ଡିଂ ବା କ୍ଷେତ୍ରରକ୍ଷଣ ଅଭ୍ୟାସ କରିଥିଲେ। ସେଥିମଧ୍ୟରେ ରହିଥିଲା କ୍ୟାଚିଂ ଡ୍ରିଲ୍, ଷ୍ଟମ୍ପକୁ ଲକ୍ଷ୍ୟ କରି ବଲ୍ ମାରିବା, ରନ୍‌ଆଉଟ୍ କରିବା ଦକ୍ଷତାକୁ ବଢ଼ାଇବା। ବିସିସିଆଇ ଭିଡିଓ ପ୍ରକାଶ କରି ପ୍ରଶଂସକଙ୍କୁ ଏହି ଅଭ୍ୟାସ ଅଧିବେଶନର ଝଲକ ଦେଖାଇଛି। ସେହିଭଳି ଡ୍ରେସିଂ ରୁମ୍‌ରେ ଭାରତୀୟ ଖେଳାଳିମାନେ ଗମାତ କରୁଥିବାର ଭିଡିଓ ମଧ ବିସିସିଆଇ ଛାଡ଼ିଛି। ଇଂଲଣ୍ଡ ପାଖରେ ବହୁତ ଭଲ ଭଲ ଖେଳାଳି ଥିଲେ ମଧ ଭାରତୀୟ ଦଳ ନିଜ ସ୍ୱାଭାବିକ ଖେଳ ଉପରେ ଅଧିକ ଧ୍ୟାନ ଦେଉଥିବା ଜଣାପଡ଼ିଛି। ମଙ୍ଗଳବାର ବିସିସିଆଇ ପ୍ରକାଶ କରିଥିବା ଆଉ ଏକ ଭିଡିଓରେ ଉପଅଧିନାୟକ ଋଷଭ ପନ୍ତ ଅଭ୍ୟାସ କରୁଥିଲା ବେଳେ ଏକ ବିଶାଳ ଛକା ମାରି ଷ୍ଟାଡିୟମ୍ ଛାତ ଭାଙ୍ଗିବାର ଦୃଶ୍ୟକୁ ମଧ ପ୍ରଶଂସକ ବେଶ୍ ପସନ୍ଦ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪୧ ଜୀବନ୍ତ...

ଧ୍ୱଂସବିଧ୍ୱସ୍ତ କୋଠା। ଆଉ ଏଣେ ହୁତୁହୁତ ହୋଇ ଜଳି ଉଠୁଛି ବିମାନର ଭଗ୍ନାବଶେଷ।ବିମାନଟି ଦୁର୍ଘଟଣାଗ୍ରସ୍ତ ହେବା ସମୟରେ ଏଥିରେ ୧୬୯ ଭାରତୀୟ, ୫୩ ଜଣ ବ୍ରିଟିଶ ନାଗରିକ, ୭ ଜଣ ପର୍ତ୍ତୁଗୀଜ୍ ଓ ଜଣେ କାନାଡ଼ାର ନାଗରିକ ରହିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅନ୍ୟ କେହି ବି ବଞ୍ଚିପାରିନଥିବା ବେଳେ ଜଣେ ବ୍ରିଟେନ୍ ନାଗରିକ ଆଶ୍ଚର୍ଯ୍ୟଜନକ ପରିସ୍ଥିତିରେ ବଞ୍ଚିଯାଇଛନ୍ତି। ସେହିପରି ଦୁର୍ଘଟଣାଗ୍ରସ୍ତ ବିମାନର ବିଜନେସ୍ କ୍ଲାସରେ ଯାତ୍ରା କରୁଥିବା ଶ୍ରୀ ରୂପାନୀ ସିଟ୍ ନମ୍ବର ୨ଡିରେ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଘଟଣାସ୍ଥଳରେ ସିଆଇଏସ୍‌ଏଫ୍ ସହ ବିଭିନ୍ନ ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ବିମାନଟି ଧ୍ୱଂସ ପାଇଯାଇଥିବା ବେଳେ ଏଥିରେ ରହିଥିବା ଯାତ୍ରୀଙ୍କ ଚିହ୍ନଟ ପାଇଁ ଗୁଜରାଟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଧନଞ୍ଜୟ ଦ୍ୱିବେଦୀ ଡିଏନ୍‌ଏ ନମୁନା ଦେବାକୁ ସମ୍ପର୍କୀୟଙ୍କୁ ନିବେଦନ କରିଛନ୍ତି। ଏହି ଡିଏନଏ ସାମ୍ପଲ ସଂଗ୍ରହ ପାଇଁ ଅହମ୍ମଦାବାଦ ସିଭିଲ ହସ୍ପିଟାଲର କସୋଟି ଭବନରେ ଏକ ସେଣ୍ଟର ଖୋଲାଯାଇଛି। ବି.ଜେ. ମେଡିକାଲରେ ଡିଏନଏ ପରୀକ୍ଷା ବ୍ୟବସ୍ଥା ବି କରାଯାଇଛି। ଏଥିପାଇଁ ଦୁଇଟି ହେଲପଲାଇନ ନମ୍ବର ଜାରି କରାଯାଇଛି। ବିମାନ ଯାତ୍ରୀଙ୍କ ପରିବାର ଓ ନିକଟତମ ବ୍ୟକ୍ତି, ବିଶେଷକରି ସେମାନଙ୍କ ପିତାମାତା ଓ ପିଲାମାନଙ୍କୁ ସେମାନଙ୍କର ନମୁନା ଦାଖଲ କରିବାକୁ ନିବେଦନ କରାଯାଇଛି। ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ ପ୍ରାୟ ୫୦ ଜଣ ଆହତଙ୍କୁ ଅହମ୍ମଦାବାଦର ସିଭିଲ ହସ୍ପିଟାଲକୁ ଅଣାଯାଇଛି ଓ ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି। ସେହିପରି ବିମାନ ଦୁର୍ଘଟଣାରେ ମେଡିକାଲ କଲେଜ ୟୁଜି ହଷ୍ଟେଲର ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୫୦ରୁ ଅଧିକ ଡାକ୍ତରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅଧିକନ୍ତୁ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ସରକାରୀ ମେଡିକାଲ କଲେଜ ହଷ୍ଟେଲର ଛାତ୍ରଛାତ୍ରୀମାନେ ମଧ୍ୟାହ୍ନଭୋଜନ କରୁଥିବା ସମୟରେ ଏୟାର ଇଣ୍ଡିଆ ବିମାନଟି ହଠାତ ନିଆଁ ଲାଗି ଖସିପଡ଼ିଥିଲା। କେହି କିଛି ବୁଝିବା ପୂର୍ବରୁ ଘଟିଲା ଦୁର୍ଘଟଣା। ଏଥିରେ ହଷ୍ଟେଲ କ୍ୟାଣ୍ଟିନ ଭାଙ୍ଗିରୁଜି ଯାଇଛି। କ୍ୟାଣ୍ଟିନରେ ପ୍ଲେଟ ଓ ଖାଦ୍ୟ ଏଣେତେଣେ ବିଛାଡ଼ି ହୋଇ ପଡ଼ିଛି। ଡାଇନିଂ ଟେବୁଲରେ ଅଧାଖିଆ ପ୍ଲେଟ ପଡ଼ି ରହିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳକୁ ସିଲ କରିଦିଆଯାଇଛି। ବିଜେ ମେଡିକାଲ୍ କଲେଜ ଗୁଜରାଟର ଏହା ଏକ ପ୍ରମୁଖ ସରକାରୀ ମେଡିକାଲ କଲେଜ ହୋଇଥିବା ବେଳେ ଏଠାରେ ଉଭୟ ଏମବିବିଏସ ଓ ଡାକ୍ତରୀ ପିଜି ପାଠ୍ୟକ୍ରମ ରହିଛି। ସେହିପରି ଏହି ଭୟଙ୍କର ବିମାନ ଦୁର୍ଘଟଣାର ଘଣ୍ଟାକ ଭିତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ଶ୍ରୀ ଶାହ କହିଛନ୍ତି ଯେ ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ଜଳିଯିବାରୁ ତାପମାତ୍ରା ଅତ୍ୟଧିକ ବଢ଼ିଯାଇଥିଲା। ତେଣୁ ନିଆଁର ପ୍ରଖରତା ଯୋଗୁଁ ବିମାନଟି ଜଳିଯାଇଥିଲା। ଶାହଙ୍କ ସହ ଘଟଣାସ୍ଥଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ ଥିଲେ।

### ଲକି ନମ୍ବର...

ଆସୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଶ୍ରୀ ରୂପାନୀ ସେ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପୂର୍ବରୁ ପାଖାପାଖି ୬ ଦଶନ୍ଧି ତଳେ ଗୁଜରାଟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବଲବନ୍ତରାୟ ମେହତା ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ତେବେ ଶ୍ରୀ ରୂପାନୀ ତାଙ୍କ ଜୀବନ କାଳ ମଧ୍ୟରେ ୧୨୦୬କୁ ତାଙ୍କର ଲକି ନମ୍ବର ବୋଲି ମନେ କରିଆସୁଥିଲେ ହେଁ ଶେଷରେ ୧୨।୬ (ତାରିଖ) ତାଙ୍କ ପାଇଁ ସବୁଠାରୁ ବଡ଼ ଅନ୍‌ଲକି ସାବ୍ୟସ୍ତ ହୋଇଛି।

### ଟ୍ରାଫିକ୍ ଭିଡ଼...

ଅହମ୍ମଦାବାଦର ଟ୍ରାଫିକରେ ଭୂମିଙ୍କ ଟ୍ୟାକ୍ସି ଫଶି ରହିଯିବା ଯୋଗୁ ସେ ଏୟାରପୋର୍ଟକୁ ୧୦ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତେବେ ବିମାନ ଉଡାଣ କରିନଥିଲା। ହେଲେ ତାଙ୍କୁ ଆଉ ବୋର୍ଡିଂ ଅନୁମତି ମିଳି ନଥିଲା। ଭୂମି ଲଣ୍ଡନ ଫେରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନେକ କାକୁତି ମିନତି କରିଥିଲେ। ହେଲେ ତାଙ୍କ କଥା କେହି ଶୁଣିନଥିଲେ। ଏଣୁ ମଧ୍ୟାହ୍ନ ପ୍ରାୟ ଗୋଟାଏ ୩୦ ମିନିଟରେ ଏୟାରପୋର୍ଟର ପ୍ରସ୍ଥାନ ଗେଟ୍ ଦେଇ ବାହାରକୁ ବାହାରୁଥିବା ସମୟରେ ସେ ଅହମଦାବାଦ-ଲଣ୍ଡନ ଏୟାରଇଣ୍ଡିଆ ବିମାନ କ୍ରାସ୍ ହୋଇଥିବା ଜାଣିବାକୁ ପାଇଥିଲେ। ଏ କଥା ଶୁଣି ତାଙ୍କ ଦେହ ଥରି ଉଠିଥିଲା ଓ ସେ ହତବାକ୍ ହୋଇପଡିଥିଲେ। ତେବେ ଜୀବନ ବର୍ତ୍ତିଯାଇଥିବାରୁ ଭୂମି ଗଣପତି ବପ୍ପା ମୋତେ ବଞ୍ଚାଇ ଦେଇଥିବା କହିଛନ୍ତି।

### ଲୋକଙ୍କ ନିକଟତର...

ହେଉଛି, ଲୋକଙ୍କ ସହିତ ଯୋଡି ହେବାର ପ୍ରୟାସ। ଏହି ଏକ ବର୍ଷରେ ଅନେକ କ୍ଷେତ୍ରରେ ଓଡ଼ିଶାର କାୟାକଳ୍ପ ହୋଇଛି। ମହିଳା, କୃଷକ, ଆଦିବାସୀ ଓ ଯୁବବର୍ଗର ସଶକ୍ତିକରଣ ସହିତ ଭିତ୍ତିଭୂମି ଓ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି ହୋଇପାରିଛି। ଆଜି ଯେଉଁ ବିକାଶ ବାହନ ଯାତ୍ରା ଆରମ୍ଭ ହେବାକୁ ଯାଉଛି, ତାହା ହେଉଛି ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସାଧାରଣ ମାନଙ୍କୁ ଯୋଡିବାର ଆଉ ଏକ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ ଯେ ଆମେ ଏହି ବର୍ଷେ ମଧ୍ୟରେ ଲାଗୁ କରିଥିବା ସମସ୍ତ ଯୋଜନାର ସଫଳତା ପାଇଁ ଜନଭାଗିଦାରୀର ବ୍ୟାପକ ଆବଶ୍ୟକତା ରହିଛି। ବିଭିନ୍ନ ସୂଚନା ଓ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ପହଞ୍ଚି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ନାଗରିକମାନଙ୍କୁ ସଚେତନ କରାଯାଇ ଲୋକଙ୍କୁ ଯୋଜନା ସହିତ ଯୋଡିବା ଆମର ଲକ୍ଷ୍ୟ। ଏହା ଦ୍ୱାରା ପ୍ରଶାସନ ଲୋକାଭିମୁଖୀ ହୋଇପାରୁଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେଯେ, ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରରେ, ପ୍ରଶାସନକୁ ଜନ ସାଧାରଣଙ୍କ ଦ୍ୱାର ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗଡିବ ସ୍ୱତନ୍ତ୍ର 'ବିକାଶ ବାହନ'। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ 'ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ତଥ୍ୟ ସମ୍ବଳିତ ପୁସ୍ତିକା ମଧ ସମସ୍ତଙ୍କ ପାଖରେ ପହଞ୍ଚିବ। ଏହାଦ୍ୱାରା ଲୋକମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିପାରିବେ । ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ ଦେଖିପାରିବେ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପ୍ରଥମ ଦିନରୁ ଜନତାଙ୍କ ସହିତ ଯୋଡି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଆଜି ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଆହୁରି ଜୋରଦାର କରାଯାଇଛି। ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର, ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ ଲୋକଙ୍କ ଆଶୀର୍ବାଦରେ ଆଜି ଡବଲ ଇଞ୍ଜିନର ସରକାର ଓଡ଼ିଶାର ସାମଗ୍ରିକ ବିକାଶ ଓ ସମୃଦ୍ଧିର ଦାୟିତ୍ୱରେ ଅଛନ୍ତି। କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟରେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନେତୃତ୍ୱରେ ସମୃଦ୍ଧ ଓଡ଼ିଶାର ନିର୍ମାଣ ପାଇଁ ସଂକଳ୍ପବଦ୍ଧ। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି। ଏହି ସମୟ ରାଜ୍ୟର ବିକାଶ ଓ ରାଷ୍ଟ୍ରର ପ୍ରଗତି ପାଇଁ ସ୍ୱପ୍ନ, ସଂକଳ୍ପ ଓ ସମ୍ଭାବନାର ସମୟ ପ୍ରମାଣିତ ହୋଇଛି। ଏହି ବିକାଶ ବାହନର ଶୁଭାରମ୍ଭ ଆମ ସରକାରଙ୍କ ଓଡ଼ିଶାବାସୀଙ୍କ ପ୍ରତି ସମର୍ପଣର ନୂତନ ଅଧ୍ୟାୟ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ କମିଶନର ତଥା ସଚିବ ଗିରୀଶ ଏସଏନ୍ ଧନ୍ୟବାଦ ଦେଇଥିଲେ।

### ବିଜେଡିର ଗୋଠଛଡ଼ା...

ବିଶେଷକରି ରାଜନୈତିକ ବ୍ୟାପାର କମିଟି ଗଠନ ପରେ ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡିର ଏହା ଥିଲା ବଡ଼ ପ୍ରଦର୍ଶନ। ନିଜ ନିଜ ଉପସ୍ଥିତି ଜାହିର କରିବା ସହ ପତିଆରା ପ୍ରଦର୍ଶନ ପାଇଁ ଅନେକ ବିଜୟୀ ଓ ହାରୁନେତା ଏଥିରେ ସାମିଲ ହୋଇଥିଲେ। ଦଳରେ ଖୁବ୍‌ଶୀଘ୍ର ତିନି ଛାମୁଆ ବାହିନୀ ଯୁବ, ଛାତ୍ର ଓ ମହିଳା ଶାଖାରେ ପରିବର୍ତ୍ତନ ହେବାକୁ ଯାଉଥିବାରୁ ନିଜେ ସ୍ଥାନ ପାଇବା କିମ୍ବା ନିଜ ଅନୁଗତଙ୍କୁ ଥଇଥାନ କରିବା ପାଇଁ ଆଶାୟୀମାନେ ଆଜି ଆଗରେ ରହିଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ଖୋଦ ରାଜଧାନୀରେ ଦଳର ଏତେ ବଡ଼ ପ୍ରଦର୍ଶନରେ ଦୁଇ ଟାଣୁଆ ନେତାଙ୍କ ଅନୁପସ୍ଥିତି କିନ୍ତୁ ଦଳକୁ ଅଡୁଆରେ ପକାଇ ଦେଇଛି।

### ମୃତ୍ୟୁକୁ ମାତ୍‌ଦେଲେ...

ବସିଥିବା ଶ୍ରୀ ରମେଶଙ୍କୁ ଜୀବିବାସ୍ଥାରେ ଉଦ୍ଧାର କରାଯାଇଛି। କିନ୍ତୁ ସେ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ମୃତ୍ୟୁକୁ ମାତ୍ ଦେଇଥିବା ଶ୍ରୀ ରମେଶଙ୍କ ବୟସ ୪୦ ବର୍ଷ। ସେ ବ୍ରିଟେନ୍‌ରେ ବସବାସ କରୁଥିବା ବେଳେ ଭାରତ ଭ୍ରମଣରେ ଆସିଥିଲେ। ସେ ତାଙ୍କ ଭାଇ ଅଜୟ କୁମାର ରମେଶଙ୍କ ସହ ଏହି ଅଭିଶପ୍ତ ବିମାନରେ ତାଙ୍କ ଦେଶକୁ ଫେରୁଥିଲେ। କିନ୍ତୁ ତାଙ୍କ ଭାଇଙ୍କ କୌଣସି ଖୋଜ୍‌ଖବର ମିଳିନାହିଁ। ଜୀବନ ବଞ୍ଚାଇପାରିଥିବା ଶ୍ରୀ ରମେଶ କହିଛନ୍ତି, ଉଡ଼ାଣ ଭରିବାର ୩୦ ସେକେଣ୍ଡ ପରେ ଜୋରରେ ଶବ୍ଦ ହୋଇଥିଲା ଓ ତା'ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆଖି ପିଛୁଳାକେ ସବୁକିଛି ଘଟିଯାଇଥିଲା। ଏହାପରେ ମୁଁ ବେହୋସ୍ ହୋଇଯାଇଥିଲି। ପରେ ମୋ ଚାରିପାଖରେ ଖାଲି ମୃତଦେହଗୁଡ଼ିକ ବିଛାଡ଼ି ହୋଇପଡ଼ିଥିଲା। ବିମାନର ଖଣ୍ଡବିଖଣ୍ଡିତ ଅଂଶ ମୋ ଚାରିପାଖରେ ବିଛାଡ଼ି ହୋଇପଡ଼ିଥିଲା। ତେବେ ଏହି ସମୟରେ କେହି ଜଣେ ମୋତେ ଉଦ୍ଧାର କରି ଆମ୍ବୁଲାନ୍ସରେ ହସ୍ପିଟାଲକୁ ନେଇଆସିଥିଲେ। ଶ୍ରୀ ରମେଶଙ୍କ ମୂଳ ଭାରତୀୟ ହୋଇଥିଲେ ହେଁ ସେ ଗତ ୨୦ ବର୍ଷ ଧରି ଲଣ୍ଡନରେ ରହିଆସୁଛନ୍ତି। ତାଙ୍କ ସ୍ତ୍ରୀ ଓ ପିଲାମାନେ ଏବେ ଲଣ୍ଡନରେ ଥିବା ସେ କହିଛନ୍ତି।

### ଯାନ୍ତ୍ରିକ ତ୍ରୁଟି...

ପକେଟରେ ରଖାଯାଇଥିବା ପତ୍ରିକା ବ୍ୟବହାର କରି ନିଜକୁ ପଙ୍ଖା କରୁଥିଲେ। 'ଉଡ଼ାଣରେ ଏସି ସହିତ ଟିଭି ସ୍କ୍ରିନ ଏବଂ କ୍ୟାବିନ କ୍ରୁଙ୍କୁ ଡାକିବା ପାଇଁ ବଟନ ମଧ୍ୟ କାମ କରୁନଥିଲା।' ଏହି ବ୍ୟକ୍ତି ପରେ ଏକ ଟେଲିଭିଜନ ଚ୍ୟାନେଲକୁ କହିଥିଲେ ଯେ ବିମାନର ପାଇଲଟ ଅହମଦାବାଦରେ ଅବତରଣ କରିବା ସମୟରେ ଅସ୍ଥିରତାର ସମ୍ମୁଖୀନ ହେବା ବିଷୟରେ ଘୋଷଣା କରିଥିଲେ।

### ଅବର୍ଣ୍ଣନୀୟ...

ଓ ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି। ଏଥିସହ ଏପରି ଏକ ଅଘଟଣ ସମୟରେ ସମଗ୍ର ଦେଶ ମର୍ମାହତ ବୋଲି ରାଷ୍ଟ୍ରପତି କହିଛନ୍ତି।

### ଆଜି ଆହତଙ୍କୁ...

କରିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଦେଇଥିବା ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଏହା ଏକ ହୃଦୟ ବିଦାରକ ଓ ଆଶ୍ଚର୍ଯ୍ୟଚକିତ କରିବା ଭଳି ଅଘଟଣ। ତେବେ ସହଯୋଗ ପାଇଁ ସେ ମନ୍ତ୍ରୀ ଓ ବିମାନ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ କରୁଥିବା ଶ୍ରୀ ମୋଦି କହିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ସେ ଆସନ୍ତାକାଲି ପ୍ରାତଃ ସାଢ଼େ ୮ଟା ସମୟରେ ଅହମ୍ମଦାବାଦ ଗସ୍ତ କରି ସେଠାରେ ଆହତମାନଙ୍କୁ ଭେଟିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ...

ଚିକିତ୍ସା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିମାନରେ ଥିବା ସବୁ ଯାତ୍ରୀ ଓ କ୍ରିୟୁ ମେମ୍ବରଙ୍କ ପରିବାରକୁ ଭଗବାନ ଏଭଳି ସମୟରେ ଧୈର୍ଯ୍ୟ ରଖିବାକୁ ଶକ୍ତି ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି।

### ଦୁଃଖ ପ୍ରକାଶ...

ଗଭୀର ଦୁଃଖିତ। ଏହି କଷ୍ଟକର ସମୟରେ ସମସ୍ତ ଯାତ୍ରୀ, କ୍ରିୟୁ ସଦସ୍ୟ ଏବଂ ସେମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଗୁଜରାଟର ଜନସାଧାରଣ ଏବଂ ଏହି ଦୁର୍ଭାଗ୍ୟଜନକ ଘଟଣା ଦ୍ୱାରା ପ୍ରଭାବିତ ସମସ୍ତଙ୍କ ସହିତ ଓଡ଼ିଶା ଠିଆ ହୋଇଛି ବୋଲି ସେ କହିଛନ୍ତି। ଏଥିସହିତ ସେ ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ମୃତ୍ୟୁକୁ ନେଇ ମଧ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁରେ ବିଜେପି ଜଣେ ବଳିଷ୍ଠ ନେତାଙ୍କୁ ହରାଇଛି ବୋଲି ସେ କହିଛନ୍ତି।

### ୧୫ ମୃତ୍ୟୁ ଅଭିଯୋଗ...

ଜିଲ୍ଲାରେ ୧୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । କିନ୍ତୁ ସରକାରୀ ଭାବେ ୪ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଜିଲ୍ଲା ପ୍ରଶାସନ କହୁଛି । ମିଳିଥିବା ସୁଚନା ଅନୁଯାୟୀ ବ୍ୟାସନଗର ପୌରାଞ୍ଚଳର ତୋଳାରାମ ଶର୍ମା, ଦାନଗଦି ବ୍ଲକର ସୁଦର୍ଶନ ପାତ୍ର, ବସନ୍ତ ପାତ୍ର ଓ ସନନ୍ତ ପାତ୍ରଙ୍କ ସମେତ ତିଳୋପଦା ଗାଁର ବରଞ୍ଚି ମଲ୍ଲିକ ସମିଆଁ ଗାଁର ମଦନ ମୋହନ ନାୟକ, ଯାଜପୁର ବ୍ଲକର ପବିତ୍ରା ଦାସ ଏବଂ ଦଶରଥପୁର ବ୍ଲକର ସବିତା ମଲ୍ଲିକଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି କିନ୍ତୁ ପ୍ରଶାସନ ଏଯାଏଁ ମୃତକଙ୍କ ସମ୍ପର୍କରେ କିଛି ସ୍ପଷ୍ଟ କରୁନାହିଁ । ଜିଲ୍ଲାର ଦାନଗଦି, ଧର୍ମଶାଳାରେ ସ୍ଥିତି ଅତ୍ୟନ୍ତ ଉଦବେଗ ଜନକ ରହିଛି। ଏହା ସହ ଜିଲ୍ଲାର ୨ ମ୍ୟୁନିସିପାଲଟି ଯାଜପୁର ଓ ଯାଜପୁର ରୋଡ୍ ଏବଂ ୪ଟି ବ୍ଲକ ଦାନଗଦି, କୋରେଇ, ଧର୍ମଶାଳା, ବଡ଼ଚଣାରେ ବି ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଏବେ ଯାଏ ୫ଶହରୁ ଅଧିକ ଆକ୍ରାନ୍ତ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେପଟେ ସ୍ଥିତି ପରଖିବା ପାଇଁ ଗ୍ରାଉଣ୍ଡରେ ପହଞ୍ଚିଛନ୍ତି ନିଜେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି ଏସ୍। ଧର୍ମଶାଳା ଡାକ୍ତରଖାନାରେ ସେ ସ୍ଥିତି ଯାଞ୍ଚ କରିଛନ୍ତି । ଜିଲ୍ଲାରେ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ସବୁ ରୋଗୀଙ୍କ ପାଖରେ ଗୋଟିଏ ଲକ୍ଷଣ ଝାଡାବାନ୍ତି । ଆଗ ପେଟ କାଟୁଛି, ତା ପରେ ବାନ୍ତି-ଝାଡା ହେଉଛି। ମୁଖ୍ୟତଃ ଡିହାଇଡ୍ରେସନ ପାଇଁ ମୃତ୍ୟୁ ହେଉଛି। ଅନ୍ୟପଟେ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ ଗାଁରେ ପହଞ୍ଚି ଜଳ ଓ ଝାଡ଼ା ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ୩ଟି ରାଜ୍ୟସ୍ତରୀୟ ମେଡିକାଲ୍ ଟିମ୍ ଜିଲ୍ଲାର ବିଭିନ୍ନ ହସପିଟାଲ ଓ ପ୍ରଭାବିତ ଅଂଚଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏହି ଟିମରେ ଡାକ୍ତର, ମାଇକ୍ରୋ ବାୟୋଲୋଜିଷ୍ଟ, ଖାଦ୍ୟ ନିରାପତ୍ତା ଅଧିକାରୀ ରହିଛନ୍ତି। ରିପୋର୍ଟ ଆସିଲେ କେଉଁ କାରଣ ପାଇଁ ଏହି ରୋଗ ବ୍ୟାପୁଛି, ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ।

### ବିଜେଡି ବିରୋଧ...

ବିଲ୍ ସପକ୍ଷରେ ବିଜେଡି ବାହାରିବା ପରଠାରୁ ଏହାର ଅସଲ ଚରିତ୍ରକୁ ଓଡ଼ିଶାବାସୀ ଜାଣିସାରିଛନ୍ତି। ଖୋଲାଖୋଲି ନ କହିଲେ ବି ବିଜେଡି ବିଜେପି ସହ ରହିଛି। ଯେଉଁଥି ପାଇଁ 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ସବୁ ବିରୋଧୀଦଳ ଦାବି କରିଥିବା ବେଳେ ବିଜେଡି କିନ୍ତୁ ନିରବ ରହିଥିଲା। ବିଜେପି ମଧ ବିଜେଡିର ଋଣ ଶୁଝିବାରେ ଲାଗିଛି। ବିଜେଡି ସରକାର ଅମଳରେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଜଣେ ହେଲେ ବି ଅଫିସରଙ୍କୁ ବିଜେପି ଦଣ୍ଡିତ କରିନାହିଁ। ବିଜେପି ସହ ବିଜେଡିର ଏହି ସମ୍ପର୍କ କେବଳ ନିର୍ବାଚନ ପରର ନୁହେଁ, ବରଂ ଗତ ପ୍ରାୟ ୧୦ ବର୍ଷ ହେଲା ଉଭୟ ଦଳ ଏଭଳି ସମ୍ପର୍କରେ ରହିଛନ୍ତି। ତେଣୁ ଏବେ ବିଜେଡି ନିଜର ସ୍ଥାୟିତ୍ୱ ପାଇଁ ରାଜଧାନୀରେ ଏଭଳି ଲୋକଦେଖାଣିଆ ନାଟକ କରୁଥିବା ଶ୍ରୀ ହରିଚନ୍ଦନ କହିଛନ୍ତି ।

### ପ୍ରେମ ନେଲା ଜୀବନ

## ପ୍ରେମିକ ସହ କଥାହୋଇ ଘର ଭିତରେ ଝୁଲି ପଡ଼ିଲେ ନାବାଳିକା



**କାକଟପୁର/ଅସ୍ତରଙ୍ଗ, ୧୨।୬ (ସଂଚାର ବ୍ୟୁରୋ) :** ପ୍ରେମ ନେଲା ଜୀବନ। ପ୍ରେମିକ ସହ ଶେଷ ଥର କଥା ହୋଇ ଘର ଭିତରେ ଝୁଲି ପଡ଼ିଥିଲେ ନାବାଳିକା। ପରିବାର ଲୋକ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ। କଟକ ଏସସିବିରେ ନାବାଳିକା ମୃତ୍ୟୁ ହୋଇଯାଇଛି। ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସାଏଙ୍ଗ ପାଟଣା ଗ୍ରାମରେ। ମୃତ ନାବାଳିକାଙ୍କ ମା' ମାନସୀ ସ୍ୱାଇଁ ଯୁବକଙ୍କ ନାମରେ ସାମ୍ବାଦିକ ଅଭିଯୋଗ ଆଣିଛନ୍ତି। ଏ ନେଇ ନାବାଳିକାଙ୍କ ମା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ପରେ ଥାନା କେଶ ନମ୍ବର ୧୧୭/୨୫ରେ ମାମଲା ରୁଜୁ କରି ସହ ପୋକ୍ସ ଆକ୍ଟ ରୁଜୁ କରି ପୁଲିସ ତଦନ୍ତ ଜାରୀ ରଖିଛି ବୋଲି ଅସ୍ତରଙ୍ଗ ଥାନା ଉପନିରୀକ୍ଷିକା ଅନ୍ନପୂର୍ଣ୍ଣା ମଲ୍ଲିକ ସୂଚନା ଦେଇଛନ୍ତି।

## ରାସ୍ତା ପାଇଁ ଦାବି ଜଣାଇଲେ ୧୭ ଖଣ୍ଡ ମୌଜାବାସୀ



**ନୟାଗଡ଼, ୧୨।୬ (ସଂଚାର ବ୍ୟୁରୋ) :** ନୟାଗଡ଼ ସଦରଥାନା ଅନ୍ତର୍ଗତ ମାଳିସାହି, ଡେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରାସ୍ତା ନିର୍ମାଣ ପାଇଁ ଦାବି ଜଣାଇଛନ୍ତି। ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମଧ୍ୟ ସେମାନଙ୍କ ଦାବି ଶୁଣିବା ସହ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଦୀର୍ଘ ୭ ବର୍ଷ ଧରି ୧୭ ଖଣ୍ଡ ମୌଜା ଓ ଗୁଡ଼ୁପାଙ୍ଗୀ ମଧ୍ୟରେ ରାସ୍ତା ପାଇଁ ବିବାଦ ଲାଗି ରହିଛି। ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଆସନ୍ତା ୨୩ ତାରିଖ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରାଯାଇଛି। ନଚେତ୍ ୧୭ ଖଣ୍ଡ ମୌଜାବାସୀ ଜାତୀୟ ରାଜପଥ ଅବରୋଧ କରିବା ସହ ଜେଲଭରା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଶିକ୍ଷା ବିଭାଗର ଆଦେଶକୁ ଅବମାନନା

## ପ୍ରତାଶାସନ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଫିସ କାର୍ଯ୍ୟରେ ବାଧା

**ବାଲିଅନ୍ତା, ୧୨।୬ (ସଂଚାର ବ୍ୟୁରୋ):** ବାଲକାଟି ଅଞ୍ଚଳର ଏକ ସୁନାମଧନ୍ୟ ଶିକ୍ଷା ଅନୁଷ୍ଠାନ ଭାବେ ପରିଚିତ ପ୍ରତାପଶାସନ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଫିସ କାର୍ଯ୍ୟ ଏବେ ଠପ୍ ହୋଇଯାଇଛି। ଏହି ଶିକ୍ଷା ଅନୁଷ୍ଠାନରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ ସମୟ ଧରି କିରାଣି ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ସ୍ୱାଇଁ (ବରିଷ୍ଠ କିରାଣି) ଙ୍କର ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଅଧ୍ୟକ୍ଷ ଉଚ୍ଚ ଶିକ୍ଷା ବିଭାଗକୁ ଜଣାଇବା ପରେ ଡ଼ିଆଲ ପି.ଏନ୍. କଲେଜ, ଗୋଲେଇ, ଖୋର୍ଦ୍ଧାକୁ ବଦଳି ପାଇଁ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଚିଠି ସଂଖ୍ୟା- 29036 HE /Dt 04-06-2025 ପ୍ରକାଶ ପାଇଥିଲା। ଚିଠି ପାଇଲା ପରେ ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରିଲିଭ୍ ଆଦେଶ ଶ୍ରୀ ସ୍ୱାଇଁଙ୍କୁ ପ୍ରଦାନ କରିବା ସହିତ ଅଧ୍ୟକ୍ଷ ବୋଲଗଡ କଲେଜ ଓ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। କିନ୍ତୁ ଶ୍ରୀ ସ୍ୱାଇଁ ଶିକ୍ଷା ବିଭାଗର ନିର୍ଦ୍ଦେଶଙ୍କ ଆଦେଶକୁ ନମାନି ବିଭିନ୍ନ ପ୍ରକାର ଆଳ ଦେଖାଇ ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତାଙ୍କର ଦାୟିତ୍ୱ ହସ୍ତାନ୍ତର କରୁ ନଥିବାରୁ ଏହି ଶିକ୍ଷା ଅନୁଷ୍ଠାନର ଅଫିସ୍ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଅଧ୍ୟକ୍ଷ ଲାଜ ପଟ୍ଟନାୟକ ନିଜର କ୍ଷୋଭ ପ୍ରକାଶ କରିବା ସହ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ଅବଗତ କରାଇବା ପାଇଁ ଜଣାଇଛନ୍ତି। ଏହାର ସମାଧାନ ଦିଗରେ ଶିକ୍ଷା ବିଭାଗର ସଚିବ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବୈଠକ

**କେନ୍ଦ୍ରାପଡ଼ା, ୧୨।୬ (ସଂଚାର ବ୍ୟୁରୋ):** ନନ୍ଦଙ୍କ ପାୟରେ ମା'ମଙ୍ଗଳାଙ୍କ ପୀଠରେ ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍ଦ୍ଧାଣ ପାତ୍ର ସଭାପତିତ୍ୱ କରି ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ। ସହ ସମ୍ପାଦକ ନିକୁଞ୍ଜ ବିହାରୀ ଦୃଷ୍ଟି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ କେନ୍ଦ୍ର ସରକାରଙ୍କ ଅପରେସନ ସିନ୍ଦୁର ପାଇଁ ଭୂୟସୀ ପ୍ରଶଂସା କରାଯିବା ସହ ଭାରତୀୟ ସେନାର ଏହିଭଳି ସାହସିକତା କାର୍ଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ନନ୍ଦଙ୍କ ଓ କୁଲୁଙ୍ଗା ପାୟରେ ଷଣ୍ଢ ଓ ମାଙ୍କଡଙ୍କ ଉପଦ୍ରବ ହେତୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବାରୁ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ବୈଠକରେ କ୍ଷୀରୋଦ ଚନ୍ଦ୍ର ସାମଲଙ୍କ ସମେତ ସଙ୍ଘର ସମସ୍ତ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଖରିଫ ମଣ୍ଡିରେ ବ୍ୟତିକ୍ରମ ଘଟଣା

# ବିଜେଡି ପକ୍ଷରୁ ୮ ଘଣ୍ଟିଆ ବନ୍ଦ ପାଳନ



**ରାଇଘର, ୧୨।୬ (ସଂଚାର ବ୍ୟୁରୋ):** ଖରିପ ମଣ୍ଡିରେ ଧାନ ଦେଇ ପ୍ରାୟ ୩୪୪ ଜଣ ଚାଷୀ ଟଙ୍କା ପାଇ ନଥିବା ଘଟଣାରେ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ବିଜେଡି ପକ୍ଷରୁ ଚାଷୀଙ୍କୁ ସମର୍ଥନ ଜଣାଇ ୮ ଘଣ୍ଟିଆ ବନ୍ଦ ପାଳନ ହେଉଥିବା ଜଣାପଡ଼ିଛି। ଏହି ବନ୍ଦ ପାଳନରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ନବୀନା ନାୟକ, ଉପେନ୍ଦ୍ର ଗଣ୍ଡ, ଚିତ୍ତରଞ୍ଜନ ଗଣ୍ଡ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ପ୍ରାୟ ଶତାଧିକ କର୍ମୀ ଓ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ମୁଖ୍ୟ ବଜାର ସମେତ ଦୋକାନ ଓ ଗାଡ଼ି ମୋଟର ଯାତାୟତ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଥାଉକି ମଣ୍ଡିର ଶେଷ ପର୍ଯ୍ୟାୟରେ ଅର୍ଥାତ ଫେବୃଆରି ମାସରେ ୩୪୪ଜଣ ଚାଷୀ ୧୪ ହଜାର ୨ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଟି.ପି ଦେବାରେ ବିଳମ୍ବ ହେବାରୁ ଫେବୃଆରି ୨୨ ତାରିଖ ଭିତରେ ଧାନ ଦେଇଥିବା ଚାଷୀ ଆଜି ପର୍ଯ୍ୟନ୍ତ ଟଙ୍କା ପାଇ ପାରିନାହାନ୍ତି। ଏବେ ସୁଦ୍ଧା ସେମାନଙ୍କୁ ପ୍ରାୟ ୪ କୋଟି ୪୦ଲକ୍ଷରୁ ଅଧିକ ଟଙ୍କା ମିଳିନଥିବା ଫଳରେ ଶତାଧିକ ଚାଷୀ ନିରାଶ ହୋଇ ବାରମ୍ବାର ଲ୍ୟାମ୍ପ୍ସ କାର୍ଯ୍ୟାଳୟକୁ ଯାଇ ଘେରାଓ କରିବା ସହ ଏଥି ପୂର୍ବରୁ ବିକ୍ଷୋଭ ମଧ ପ୍ରଦର୍ଶନ କରିଥିଲେ। ସରକାରଙ୍କ ପକ୍ଷରୁ କୌଣସି ସୁଫଳ ନମିଳିବାରୁ ଏବେ ଚାଷୀ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଧାରଣା ଦେବା ଜାରି ରଖିଛନ୍ତି। ଏହି ଅବସରରେ ଆଜି ଚାଷୀଙ୍କୁ ସହଯୋଗ କରି ସ୍ଥାନୀୟ ବିଜେଡି ପକ୍ଷରୁ ବନ୍ଦ ପାଳନ ଡାକରା ଦେଇଛି।

ଖରିପ ମଣ୍ଡିରେ ଧାନ ଦେଇ ପ୍ରାୟ ୩୪୪ ଜଣ ଚାଷୀ ଟଙ୍କା ପାଇ ନଥିବା ଘଟଣାରେ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ବିଜେଡି ପକ୍ଷରୁ ଚାଷୀଙ୍କୁ ସମର୍ଥନ ଜଣାଇ ୮ ଘଣ୍ଟିଆ ବନ୍ଦ ପାଳନ ହେଉଥିବା ଜଣାପଡ଼ିଛି।



## ଅସ୍ତରଙ୍ଗରେ ଗଡ଼ିଲା ବିକାଶ ବାହନ

**କାକଟପୁର/ଅସ୍ତରଙ୍ଗ, ୧୨।୬ (ସଂଚାର ବ୍ୟୁରୋ):** ବିଜେପି ସରକାର ଯେଉଁଠି, ସେଇଠି ଗରିବ କଲ୍ୟାଣ ନିଶ୍ଚିତ। ନିର୍ବାଚନ ବେଳର ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ଗୋଟି ଗୋଟି କରି ପୂରଣ କରୁଛନ୍ତି ମୋହନ ସରକାର। ବର୍ଷକ ମଧ୍ୟରେ ବିଜେପି ସରକାର ଅନେକ ଐତିହାସିକ ପଦକ୍ଷେପ ନେଇଛି। ଗୁରୁବାର ପୂର୍ବାହ୍ନରେ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ ଆୟୋଜିତ ବିକାଶ ବାହନ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପସ୍ଥିତ ଥିବା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଏହା କହିଛନ୍ତି। ଏହା ସହ କହିଛନ୍ତି କେନ୍ଦ୍ରର ମୋଦୀ ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଜନକଲ୍ୟାଣୀକାରୀ ଯୋଜନା ନେଇ ଲୋକଙ୍କୁ ସଚେତନ କରିବ ଏହି ବିକାଶ ବାହନ ରଥ। ପ୍ରଥମ ଦିନ ଏହି ରଥ ଅସ୍ତରଙ୍ଗ ଓ ପାଟଳଦା ପଞ୍ଚାୟତ ପରିଭ୍ରମଣ କରିଥିଲା।

## ଗୋପରେ ଗଡ଼ିଲା ବିକାଶ ବାହାନ



**ଗୋପ, ୧୨।୬ (ସଂଚାର ବ୍ୟୁରୋ):** ଗୋପ ବ୍ଲକରେ ବିକାଶ ବାହାନ ରଥ ଶୁଭାରମ୍ଭ ହୋଇଯାଇଛି। ଗୋପ ପରିସରରେ ଗୋପ ବିଡ଼ିଓ ଛବିରାଣୀ ସାହୁ ଏବଂ ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ବିକାଶ ବାହାନ ଗାଡିଟିକୁ ବନ୍ଦାପନା କରି ଶୁଭାରମ୍ଭ କରିଥିଲେ। ଏହି ବିକାଶ ବାହାନ ୧୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଗୋପ ବ୍ଲକର ୩୧ ଗୋଟି ପଞ୍ଚାୟତରେ ବିଭିନ୍ନ ଗ୍ରାମରେ ପୃଥକ ପୃଥକ ତାରିଖରେ ବୁଲିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ 'ବର୍ଷ ଏକ ଉପଲବ୍ଧି ଅନେକ' ଜରିଆରେ ରାଜ୍ୟ ସରକାରଙ୍କ ୧୧ ଗୋଟି ବିକାଶ ମୂଳକ ଯୋଜନା ସଫଳ ରୂପେ ରୂପାୟନ ହୋଇପାରିଛି। ଏହି ଯୋଜନା କିପରି ପ୍ରତ୍ୟକ ଗ୍ରାମରେ ପହଁଚି ଜନସାଧାରଣ ଙ୍କ ଅବଗତ ନିମନ୍ତେ ପହଞ୍ଚି ପାରିବ ଏହି ବିକାଶ ବାହାନର ମୂଳ ଲକ୍ଷ୍ୟ ବୋଲି ବିଡିଓ ଛବିରାଣୀ ସାହୁ କହିଛନ୍ତି। ସେହିପରି ବିକଶିତ ଗାଁ ବିକଶିତ ଓଡିଶାରେ ସରକାରଙ୍କ ବିକାଶ ମୂଳକ ଯୋଜନା ଏହି ବିକାଶ ବାହାନ ଦ୍ୱାରା ଗ୍ରାମାଞ୍ଚଳରେ ସାଧାରଣ ଲୋକମାନେ ଯେଉଁ ସୁବିଧା ସୁଯୋଗ ପାଇଛନ୍ତି ଏବଂ ଯେଉଁମାନେ ଏହି ଯୋଜନର ସୁବିଧା ଉପଲବ୍ଧି ପାଇବାକୁ ଚାହାଁନ୍ତି ତାହା ଏହି ବିକାଶ ବାହାନ ଅବଗତ କରିପାରିବ ବୋଲି ଗୋପ ବ୍ଲକ ଉପାଧାକ୍ଷ ବନରଞ୍ଜନ ପଟନାୟକ କହିଛନ୍ତି।

ଏହି ବିକାଶ ବାହାନ ଶୁଭାରମ୍ଭରେ କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଗୋପ ସରପଞ୍ଚ ସୁଲଚନା ଦାଶ, ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଗୋପ ପଞ୍ଚାୟତ ସଭାପତି ସହଦେବ ସେନାପତି, ବିଜେପି ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ପାଢ଼ୀ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ରାଜ କିଶୋର ନାୟକ ତଥା ବ୍ଲକର ସମସ୍ତ କର୍ମକର୍ତ୍ତା, ଅତାଧିକ ମିଶନ ଶକ୍ତି ମହିଳା ସମେତ ଗୋପ ବ୍ଲକର ଅନେକ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ଼ ବଣ୍ଟନ

**ନୟାଗଡ଼, ୧୨।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ଼ ବଣ୍ଟନ କରାଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୁଷ୍ମାନ ଯୋଜନା



ସମ୍ପର୍କରେ ମନ୍ତ୍ରୀ ତାଙ୍କ ବକ୍ତବ୍ୟ ରଖିଥିବା ବେଳେ ବୟୋଜ୍ୟୋଷ୍ଠ ତଥା ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଜନହିତକର ବୋଲି କହିଥିଲେ। ଏହି ଅବସରରେ ଅନେକ ବୟସ୍କ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ଼ ବଣ୍ଟନ କରାଯାଇଥିଲା। ନୟାଗଡ଼ ଜିଲ୍ଲାରେ ୬୦ ହଜାର ହିତାଧିକାରୀଙ୍କୁ ଏହି କାର୍ଡ଼ ବଣ୍ଟନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ତେବେ ବୟୋ ବନ୍ଦନା କାର୍ଡ ବଣ୍ଟନ ସମୟରେ ଅଚାନକ ଜଣେ ମହିଳା ପଶିଆସିଥିଲେ ଏବଂ ଅତିଥି ବୁଝିବା ପୁର୍ବରୁ ସେ କାର୍ଡ ବଣ୍ଟନ ହାତ ବଢାଇ କାର୍ଡ ବଣ୍ଟନ କରିଥିଲେ। ତେବେ ଏହି ମହିଳା ଜଣଙ୍କ କିଏ ବୋଲି ଚର୍ଚ୍ଚା ଲାଗିରହିଥିବା।

### ● ବିଜେପି ସରକାର ବର୍ଷ ପୂର୍ତ୍ତୀ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ

## ବର୍ଷକ ପରେ ମଧ ୨୫ବର୍ଷକୁ ଭୁଲି ପାରିନାହାନ୍ତି ମନ୍ତ୍ରୀ




**ନୟାଗଡ଼, ୧୨।୬ (ସଂଚାର ବ୍ୟୁରୋ):** ନୟାଗଡ଼ ସର୍କିଟ ହାଉସଠାରେ ଆଜି ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲାର ବିଜେପି ନେତା ରାଘବ ମଲ୍ଲିକ ଉପସ୍ଥିତ ରହିଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ରାଜ୍ୟ ସରକାର ବର୍ଷକ ମଧ୍ୟରେ କରିଥିବା ବିଭିନ୍ନ କାର୍ଯ୍ୟ ଓ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ଋଣ ସୁବିଧା ସହ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ଏକ ବଡ଼ ଉପଲବ୍ଧି ବୋଲି କହିଥିଲେ। ଆୟୁଷ୍ମାନ କାର୍ଡ଼ରେ ୨୯ ହଜାର ଡାକ୍ତରଖାନାରେ ଚିକିତ୍ସା ସୁବିଧା, ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଇ ୮୦ ବର୍ଷ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା, କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିକୁ ତ୍ୱରାନ୍ୱିତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ପୁଞ୍ଜିନିବେଶ ବୃଦ୍ଧି ପାଇଛି, ଶିଶୁ ସୁରକ୍ଷା ଓ ଶିଶୁ ବିକାଶକୁ ଗୁରୁତ୍ୱ, ପ୍ରତି ପଞ୍ଚାୟତରେ ଗୋଦାବରିଶ ବିଦ୍ୟାଳୟ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ବିଜେପି ସରକାର ପ୍ରତିଶୃତି ମୁତାବକ ବର୍ଷକ ମଧ୍ୟରେ ଅନେକ କାର୍ଯ୍ୟ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରଯୁକ୍ତ ମଲ୍ଲିକ ବିଜେପି ସରକାର ବର୍ଷ ପୂର୍ତ୍ତୀ ପାଳନ କରୁଥିବା ବେଳେ ୨୫ବର୍ଷର ଶାସନକୁ ଭୁଲି ପାରୁନଥିବା ମନେ ହେଉଛି।

## ନାଉଗାଁର ୬ଟି ସ୍ଥାନରେ ବିକଶିତ କୃଷି ସଂକଳ୍ପ ଅଭିଯାନ




**ନାଉଗାଁ, ୧୨।୬ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ସମଗ୍ର ଭାରତ ବର୍ଷରେ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ ୨୯ ମେ ଠାରୁ ଆରମ୍ଭ ହୋଇ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ୬ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମେ ଶିଖର ପଞ୍ଚାୟତର ସାରେଇକୂଳ ଠାରେ ବ୍ଲକ କୃଷି ଅଧିକାରିଣୀ ଯୁଗସ୍ମିତା ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ପାଇଁ ଯେଉଁ ସବୁ ଯୋଜନା କରିଛନ୍ତି ସେବିଷୟରେ ଆଲୋକପାତ କରିଥିଲେ। ଏଥି ସହିତ ଚାଷୀମାନେ କିପରି ଉନ୍ନତମାନର ଚାଷ କରିପାରିବେ ଓ ଚାଷ ସମୟରେ ସେମାନଙ୍କ ଉପୁଜୁଥିବା ସମସ୍ୟାକୁ କିପରି ସମାଧାନ କରାଯାଇ ପାରିବ ସେଥିପାଇଁ ଚାଷୀ ଭାଇ ଭଉଣୀମାନେ ସିଧାସଳଖ କୃଷି ବୈଜ୍ଞାନିକଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟାର ସମାଧାନ କରିପାରିବେ ସେବିଷୟରେ ମତବ୍ୟକ୍ତ କରିଥିଲେ। ଉକ୍ତ ବୈଠକରେ ଉଦ୍ୟାନ ବିଜ୍ଞାନର ବୈଜ୍ଞାନିକ ସସ୍ମିତା ପୁରୋହିତ, ମତ୍ସ ବିଜ୍ଞାନର ବୈଜ୍ଞାନିକ ସରିତା ଦାସ, ମୃତିକା ବିଜ୍ଞାନର ବୈଜ୍ଞାନିକ ଡା.ପ୍ରଦୀପ୍ତ ମାଝୀ, ବୈଜ୍ଞାନିକ ଡା.ଯଯାତୀ ମହାପାତ୍ର, ଏଡିଓ ବିଶ୍ୱଜିତ ପଣ୍ଡା, ଏଡିଏଚ ଅନିଲ କୁମାର ସେଠୀ, ଜିଲ୍ଲା ମୃତିକା ସରଂକ୍ଷଣ ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର, ଶିଖର ପଞ୍ଚାୟତ ସରପଞ୍ଚ କବିତା ନାୟକ ପ୍ରମୁଖ ଯୋଗ ଦେଇ ସଂକଳ୍ପ ଅଭିଯାନ ସର୍ମ୍ପକରେ ଆଲୋକପାତ କରିଥିଲେ।

### ଓଡ଼ିଶା ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

## ଦାବି ଦୋହରାଇଲା ଓଡ଼ିଶା ଅମଲା ସଂଘ

**ଜୟପୁର, ୧୨।୬ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ତଥା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଅଧକ୍ଷତାରେ ଜୟପୁର ଯାଦବ ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ କର୍ମଚାରୀ ମାନଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ପୁର୍ବ ସରକାରଙ୍କ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ତ୍ତମାନର ସରକାରଙ୍କୁ ମଧ ରାଜ୍ୟ




ସଂଘ ଓ ବିଭିନ୍ନ ଜିଲ୍ଲା ସଂଘ ର କର୍ମକର୍ତ୍ତା ବାରମ୍ବାର ଦାବି ପ୍ରଦାନ କରିସାରିଛନ୍ତି ତେଣୁ ସରକାର କର୍ମଚାରୀ ମାନଙ୍କର ପ୍ରବେଶିକା ଦରମା ହାରରେ ପରିବର୍ତ୍ତନ କରିବା ସହିତ ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ପୁଣି ଥରେ ଅନୁରୋଧ କରାଯାଇଥିଲା। ଏଥିସହିତ ବିଭିନ୍ନ ବ୍ଲକରେ ବୈଠକ କରିବା ନିମନ୍ତେ ସ୍ଥିର କରାଯିବା ସହିତ ବୋରିଗୁମ୍ମା ବ୍ଲକ୍‌ରେ ଏକ ବିଶାଳ ସମାବେଶ କରିବା ନେଇ ଶ୍ରୀ ଦାଶ୍ ସୂଚନା ଦେଇଥିଲେ।

### ● ବୋରିଗୁମ୍ମା ବ୍ଲକରେ ବିକାଶ ମେଳା ଆରମ୍ଭ

## ପ୍ରତି ପଞ୍ଚାୟତରେ ବୁଲିବ ବିକାଶ ବାହନ



**ବୋରିଗୁମ୍ମା, ୧୨।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ବ୍ୟାପକ ସଚେତନତା କରିବା ନିମନ୍ତେ ଚଳିତ ଜୁନ ମାସ ୧୨ ଠାରୁ ୨୧ ତାରିଖ ମଧ୍ୟରେ ପ୍ରତି ଗ୍ରାମପଞ୍ଚାୟତରେ ବୁଲିବ ବିକାଶ ବାହନ। ଏଥପାଇଁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୨ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ବିକାଶ ବାହନ ୧୦ ଦିନ ଧରି ସରକାର ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ବ୍ଲକ ସାରା ବିଭିନ୍ନ ଜନ ହିତକର ଯୋଜନାର ପ୍ରସାର ପ୍ରସାର କରାଯିବ।

ବ୍ଲକ ସ୍ତରରେ ସଂକଳ୍ପ ରଥକୁ ଲୋକ ପ୍ରତିନିଧିଙ୍କ ସମେତ ଅଧିକାରୀ ଓ ଜନସାଧାରଣ ସ୍ୱାଗତ ଜଣାଇଥିଲେ। ଏଥିରେ ଜଙ୍ଗଲ, ସ୍ୱାସ୍ଥ୍ୟ, ଜୀବିକା ମିଶନ, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆଦି ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଧାର ପଞ୍ଜୀକରଣ, ଇ କେଓ୍ୱାଇସି ସହ ନୂତନ ବ୍ୟାଙ୍କ ଆକାଉଣ୍ଟ ଆଦି ସୁବିଧା ଉପଲବ୍ଧ ନେଇ ଆଲୋଚନା କରାଯାଇଥିଲା। ବୋରିଗୁମ୍ମା ମଣ୍ଡଳ ସଭାପତି ବିଘନେଶ୍ୱର ଷୋଡଙ୍ଗୀ, ରାମକୃଷ୍ଣ ଭତ୍ରା, ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ,ଗ୍ରାମପଞ୍ଚାୟତ ସରପଞ୍ଚ ତୁଷାରକାନ୍ତ କୁମ୍ଭିରିକା ବ୍ଲକ ଜୀବିକା ମିଶନ ସଂଯୋଜକ ପ୍ରମୁଖ ସମସ୍ତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ବିପୁଳ ପରିମାଣରେ ଚୋରା ମଦ ଜବତ

**ବୋରିଗୁମ୍ମା, ୧୨।୬ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରାଙ୍କ ଉପସ୍ଥିତିରେ ବୋରିଗୁମ୍ମା ଅବକାରୀ ବିଭାଗ ଓ ବ୍ରହ୍ମପୁର ଅବକାରୀ ସ୍କ୍ୟାର୍ଡ଼ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ଚୋରା ମଦ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ କୌଣସି ସୂତ୍ରରୁ ଖବରପାଇ ବୋରିଗୁମ୍ମା ଅବକାରୀ ଥାନା ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ତହସିଲଦାର ଶୋଭନ କୁମାର ବେହେରାଙ୍କ ଉପସ୍ଥିତିରେ ବୋରିଗୁମ୍ମା ବ୍ଲକ କୋଣାଗାଁ ଗ୍ରାମର ସଞ୍ଜୟ କୁମାର ବିଷୋୟୀ ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଓ ୨୦୦ ଲିଟର ପୋଚ ଜବତ କରି କେସ ନଂ.୭୧/୨୦୨୫/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଥାନା ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।



# କାୟା ବିସ୍ତାର କରୁଛନ୍ତି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା

### ବେଧଡକ ଚାଲିଛି ବେପାର, ପ୍ରଶାସନର ଅଙ୍କୁଶ ନାହିଁ

### ଶୋଷଣର ଶିକାର ହେଉଛନ୍ତି ମହିଳା ଏସଏଚଜି

**କାକଟପୁର/ଅସ୍ତରଙ୍ଗ, ୧୨।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମହିଳାଙ୍କୁ ଲୋଭନୀୟ କଥା କହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଅର୍ଥ ନେଣଦେଣ କରୁଛନ୍ତି। ଏହା ସହ ବିଭିନ୍ନ ଗ୍ରାମରେ ସେମାନଙ୍କ କାର୍ଯ୍ୟାଳୟ ଖୋଲି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଋଣ ପ୍ରଦାନ କରୁଛନ୍ତି। ଅନେକ ସମୟରେ ସଂସ୍ଥା ଗୋଷ୍ଠୀ ଗୁଡିକୁ ଋଣ ଦେଇ ଅଧିକ ସୁଧ ଆଦାୟ କରୁଥିବା ମଧ ଅଭିଯୋଗ ହେଉଛି। ସେହିପରି ଅନେକ ସଂସ୍ଥାର କର୍ମଚରୀ ମାନେ ଅନେକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ବ୍ୟବସାୟ କରାଇବା ନାଁରେ ମେସିନ ଓ ଅନ୍ୟାନ୍ୟ ଉପକରଣ



କିଣିବାକୁ ଋଣ କରାଇ ପରବର୍ତ୍ତୀ ସମୟରେ ବିଭିନ୍ନ ବାହାନା କରି ସେମାନଙ୍କ ଠାରୁ ଉକ୍ତ ଋଣ ଟଙ୍କା ହାତେଇ ଫେରାର ହୋଇଯାଉଛନ୍ତି। ଆଉ କେତେକ କ୍ଷେତ୍ରରେ ଅର୍ଥ ଲଗାଣକାରୀ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଗୋଷ୍ଠୀଗୁଡିକ ଠାରୁ ଋଣ, ସୁଧ ଟଙ୍କା ଅସୁଲ କରି କାର୍ଯ୍ୟାଳୟରେ ଜମା ନକରି ଫେରାର ହେଉଛନ୍ତି। ଫଳରେ ଗୋଷ୍ଠୀର ସଦସ୍ୟାମାନେ ଅନେକ ଥର ଅସ୍ତରଙ୍ଗ ଥାନା ଆସିବାର ପୂର୍ବରୁ ନଜିର ରହିଛି।

ଏ ଦିଗରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବାରୁ କଙ୍କଡାକୁ ଗୋଳିଆ ପାଣି ସୁହାଇଲା ଭଳି ଅର୍ଥ ଲଗାଣକାରୀ ସଂସ୍ଥା ସେମାନଙ୍କ କାୟା ବିସ୍ତାର କରି ଚାଲିଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବି କରିବା ପାଇଁ ବର୍ତ୍ତମାନ ସରକାର ଲକ୍ଷପତି ଦିଦିଙ୍କୁ ଋଣ ପ୍ରଦାନ ସହିତ ବିଭିନ୍ନ ଯୋଜନା ମାଧ୍ୟମରେ ବିନା ସୁଧରେ ଋଣ ପ୍ରଦାନ କରୁଛନ୍ତି। ହେଲେ ସରକାର ଏତେ ସୁବିଧା ଦେବା ସତ୍ୱେ ପ୍ରଶାସନିକ ସ୍ତରରେ ସଚେତନତା ଅଭାବ ଯୋଗୁଁ ଅନେକ ମହିଳା ଗୋଷ୍ଠୀ ଯୋଜନା ସମ୍ପର୍କରେ ଜାଣିପାରୁ ନାହାନ୍ତି। ସେହିପରି ସରକାରୀ ଯୋଜନାରେ ଋଣ ଆଣିବାକୁ ହେଲେ ଅନେକ ନିୟମ ଓ ପ୍ରତିବନ୍ଧକ ଥିବା ବେଳେ ଘରୋଇ ସଂସ୍ଥାରେ ସେ ସବୁ ଝାମେଲା ନାହିଁ। ତେଣୁ ଅନେକ ମହିଳା ଗୋଷ୍ଠୀ ଘରୋଇ ସଂସ୍ଥା ଉପରେ ଭରସା କରି ଠକାମୀର ଶିକାର ହେଉଛନ୍ତି। ଏଣୁ ଋଣ ନାମରେ ଶୋଷଣ କରୁଥିବା ଓ ସରକାରୀ ନିୟମର ଉଲ୍ଲଘଂନ କରୁଥିବା ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ରାଜ୍ୟରେ ଲୋକସେବାର ନୂଆ ପରମ୍ପରା

**ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା, ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ସରକାରଙ୍କ ପ୍ରତିଟି ପଦକ୍ଷେପ ଜୀବନକୁ ସୁଗମ କରିଛି**



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଓଡ଼ିଶାରେ ଜନସେବାରେ ସମର୍ପିତ ବିଜେପି ସରକାର ଶାସନର ୧ ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପ୍ରଧାନ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଦେଶରେ ୧୧ ବର୍ଷ ଧରି ଏକ କଲ୍ୟାଣକାରୀ ସରକାର ଲୋକଙ୍କ ସେବାରେ ଅଛି। ଓଡ଼ିଶାରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କଲ୍ୟାଣକାରୀ ଲୋକଙ୍କ ସରକାର କାମ କରୁଛି। ରାଜ୍ୟରେ ବିଜେପି ସରକାରର ସେବା, ସୁଶାସନ ଓ ସଫଳତାର ୧ ବର୍ଷ ପୂର୍ତ୍ତି ହୋଇଛି। ବିଗତ ଏକ ବର୍ଷ ମଧ୍ୟରେ ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ଜନସାଧାରଣଙ୍କ ଜୀବନକୁ ସୁଗମ କରିପାରିଛି। ଆମ ସରକାର ଲୋକସେବାର ନୂଆ ପରମ୍ପରା ତିଆରି କରିଛି । ଲୋକମାନଙ୍କ ନିକଟତର ହେବା ସହ ଉତ୍ତରଦାୟୀ ହୋଇଛି । ଓଡ଼ିଶା ସମେତ ଦେଶରେ ଏକ ବିକାଶମୂଳକ ରାଜନୀତିର ଆରମ୍ଭ ହୋଇଛି - ଯାହାର ମୂଳ ମନ୍ତ୍ର ହେଉଛି ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ। ଆମ ସରକାରଙ୍କ ପ୍ରତିଟି ପଦକ୍ଷେପ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚୁଛି । ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉଛି । ପ୍ରତ୍ୟେକ ଗରିବର ଅଧିକାର, କୃଷକଙ୍କୁ ସମ୍ମାନ, ଯୁବକଙ୍କୁ ସୁଯୋଗ ଏବଂ ମହିଳା ସଶକ୍ତିକରଣ ସହ ରାସ୍ତା, ରେଳ, ବିମାନସେବା ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯିବା ସହ 'ସମୃଦ୍ଧ କୃଷକ ଯୋଜନା'ରେ ଧାନର କ୍ୱିଣ୍ଟାଲ ପିଛା ଏମଏସପି ମୂଲ୍ୟ ଉପରେ ଅଧିକ ୮୦୦ ଟଙ୍କା ବୃଦ୍ଧି କରାଯାଇଛି । ୨୦୨୪-୨୫ ଖରିଫ ଋତୁରେ ୧୬.୫ ଲକ୍ଷ ଚାଷୀଙ୍କ ଠାରୁ ୬୩.୪୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି । ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ, ଜାତୀୟ ଶିକ୍ଷା ନୀତି -୨୦୨୦ର କାର୍ଯ୍ୟକାରିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି, ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦିଆଯିବା ଭଳି ଅନେକ କଲ୍ୟାଣକାରୀ ପଦକ୍ଷେପ ନିଆଯାଇଛି, ଯାହା ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି । କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ରାଜ୍ୟକୁ ନବଉତ୍କର୍ଷକୁ ନେବେ ବୋଲି ସେ ମତ ଦେଇଛନ୍ତି।

# ଦୁଇଟି ବିମାନସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ଏବେ ଭୁବନେଶ୍ୱରରୁ ଆବୁଧାବି ମାତ୍ର ୪ ଘଣ୍ଟା



**ଭୁବନେଶ୍ୱର,୧୨।୬ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସରକାର କ୍ଷମତା ହାସଲର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁଇଟି ବିମାନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ମଧ୍ୟରୁ ଗୋଟିଏ ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ହୋଇଥିବା ବେଳେ ଅନ୍ୟଟି ଭୁବନେଶ୍ୱରରୁ ହାଇଦ୍ରାବାଦ ବିମାନ ସେବା ରହିଛି। ଭୁବନେଶ୍ୱରରୁ ଆବୁଧାବିକୁ ଆରମ୍ଭ ହେବା ପରେ ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ଧରି ଆବୁଧାବି ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହି ସେବା ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଉପଲବ୍ଧ ହେବା ଅଛେକ ଏହି ସେବାର ଫାଇଦା ୧୮୦ ଜଣ ଯାତ୍ରୀଙ୍କୁ ମିଳିପାରିବ। ଏହି ବିମାନ ସେବା ଆରମ୍ଭ ହେବା ଫଳରେ ଏବେଠି ଯାତ୍ରୀମାନଙ୍କୁ ଭୁବନେଶ୍ୱରରୁ ଆବୁଧାବିରେ ପହଞ୍ଚିବା ସକାଶେ ମାତ୍ର ୪ ଘଣ୍ଟା ସମୟ ଲାଗିବ। ଏହି ବିମାନ ଚଳାଚଳ ସେବା ଆରମ୍ଭ ହେବା ଫଳରେ ଓଡ଼ିଶାରୁ ଆବୁଧାବି ଯାଉଥିବା ଯାତ୍ରୀମାନେ, ଉଭୟ ସମୟ ଓ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରିବେ। ସେହିପରି ଆଜି ଭୁବନେଶ୍ୱରରୁ ବିଶାଖାପାଟଣାକୁ ବିମାନ ସେବା ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀ କେତେକ ଯାତ୍ରୀଙ୍କୁ ବୋର୍ଡିଂ ପାସ୍ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ବିମାନ ସେବା ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାରଙ୍କ ସମର୍ଥନରେ ରାଜ୍ୟ ସରକାରଙ୍କ ନୂଆ ଡେଷ୍ଟିନେସନ୍ ପଲିସି ଅଧୀନରେ ଏହି ସେବା ଆରମ୍ଭ କରିଛନ୍ତି। ଏହି ସେବା ଦ୍ୱାରା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସହିତ ଓଡ଼ିଶାର ଯୋଗାଯୋଗ ଆହୁରି ବ୍ୟାପକ ହୋଇପାରିବ। ବାଣିଜ୍ୟ, ପର୍ଯ୍ୟଟନ, ପୁଞ୍ଜିନିବେଶ ଓ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ମଧ୍ୟ ରାଜ୍ୟର ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଆମ ସରକାର ସଡ଼କ ପଥ ଓ ରେଳପଥ ସହ ଆକାଶପଥରେ ମଧ୍ୟ ଯୋଗାଯୋଗ ପାଇଁ ପଦକ୍ଷେପ ନେଇଛନ୍ତି। ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ପାଇଁ ଉଦ୍ୟମ ଜାରି ରହିଛି। ଭୁବନେଶ୍ୱରରୁ ଡେରାଡୁନ, ଗାଜିଆବାଦ, ଗୋଆ, ଇନ୍ଦୋର, କୋଚି, ଲକ୍ଷ୍ନୌ ଓ ପୋର୍ଟବ୍ଲେୟାର ଆଦିକୁ ବିମାନ ସେବା ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡ଼ାରୁ ହାଇଦ୍ରାବାଦ, ଲକ୍ଷ୍ନୌ, ମୁମ୍ବାଇ ଓ ରାୟପୁରକୁ ମଧ୍ୟ ବିମାନ ସଂଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ ଏହି ବିମାନରେ କାର୍ଗୋ ସେବାରେ ଆଜି ବିଭିନ୍ନ ପନିପରିବା ସହିତ ୫୦ ଟନ ଆମ୍ବ ମଧ୍ୟ ରପ୍ତାନି କରାଯାଇଛି।

# ୪୦ ହଜାର ଟଙ୍କା ଲାଞ୍ଚ ନେଇ ଆରଆଇ ଗିରଫ

**ସମ୍ବଲପୁର/ଗୌଡ଼ପାଲି, ୧୨।୬ (ସଂଚାର ବ୍ୟୁରୋ):** ପୁଣି ଭିଜିଲାନ୍ସ ହାବୁଡ଼ରେ ରାଜସ୍ୱ ବିଭାଗର ଜଣେ କର୍ମଚାରୀ ପଡ଼ିଛନ୍ତି। ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଗୌଡ଼ପାଲି ରାଜସ୍ୱ ନୀରିକ୍ଷକ (ଆରଆଇ) ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଛନ୍ତି। ଅଭିଯୁକ୍ତ ଆରଆଇ ଜଣଙ୍କ ହେଲେ ଭୀଷ୍ମ ପ୍ରଧାନ। ଭୂମିହୀନଙ୍କୁ ଜମି ପଟ୍ଟା ଦେବାକୁ ସେ ଏହି ଟଙ୍କା ଲାଞ୍ଚ ନେଉଥିବା ବେଳେ ଅଚାନକ ସେଠାରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ମିଳିଥିବା ସୂଚନାନୁସାରେ, ଗୌଡ଼ପାଲି ଅଞ୍ଚଳର ଶ୍ରୀ ପ୍ରଧାନ ଜଣେ ଭୂମିହୀନ ବ୍ୟକ୍ତିଙ୍କୁ ଜମି ପଟ୍ଟା ଦେବା ପାଇଁ ୪୦ ହଜାର ଲାଞ୍ଚ ଦାବି କରିଥିଲେ। ଗତ ବର୍ଷ ନଭେମ୍ବରରୁ ଜମି ପଟ୍ଟା କରିଦେବାକୁ ଉକ୍ତ ଭୂମିହୀନ ଜଣଙ୍କ ଶ୍ରୀ ପ୍ରଧାନଙ୍କୁ ନିବେଦନ କରିଆସୁଥିଲେ। କିନ୍ତୁ ଟଙ୍କା ନଦେଲେ କାମ ହେବନି ବୋଲି ସେ ରୋକ୍‌ଠୋକ୍ ଶୁଣିବା ସହ ସମୟ ଗଡ଼ାଇ ଚାଲିଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ଏହି ଅନୁସରେ ଭିଜିଲାନ୍ସ ଟିମ୍ ଉକ୍ତ ବ୍ୟକ୍ତିଙ୍କୁ ୪୦ ହଜାର ଟଙ୍କା ଦେଇଥିଲା। ଉକ୍ତ ଟଙ୍କା ସମ୍ପୃକ୍ତ ଅଭିଯୋଗକାରୀ ଜଣଙ୍କ ଶ୍ରୀ ପ୍ରଧାନଙ୍କୁ ଆଜି ଦେବା ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରିଥିଲେ। ସେମାନେ ଶ୍ରୀ ପ୍ରଧାନଙ୍କଠାରୁ ରସାୟନଯୁକ୍ତ ୪୦ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଚଢ଼ାଉ ମଧ୍ୟ ଜାରି ରଖିଛି। ଏନେଇ ଗତକାଲି ଭିଜିଲାନ୍ସ ପକ୍ଷରୁ ୧୨/୨୦୨୫ରେ ଏକ ମାମଲା ରୁଜୁ କରାଯାଇଛି।

# କୋରେଇ ଦିବ୍ୟାଙ୍ଗଙ୍କୁ ଘର ଦେବାକୁ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

● ଗଣମାଧ୍ୟମରୁ ଖବର ପାଇବା ପରେ ନେଲେ ପଦକ୍ଷେପ



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣିଥରେ ଗଣେ ଦରଦୀ ମଣିଷର ପରିଚୟ ଦେଇଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଶ୍ରୀ ମାଝୀ ନିୟମିତ ଭାବେ ଜନସାଧାରଣଙ୍କ ଭଲମନ୍ଦରେ ଠିଆ ହେବାର ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି। ଏହି କ୍ରମରେ ସେ ଆଜି ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ଗ୍ରାମର ୪୧ ବର୍ଷୀୟ ଜଣେ ଶତପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ପ୍ରଫୁଲ୍ଲ କୁମାର ଦାସଙ୍କ ପାଇଁ ଘର ଘୋଷଣା କରିଛନ୍ତି। ଏହି ଦିବ୍ୟାଙ୍ଗ ଜଣଙ୍କ ସମସ୍ତ ଯୋଗ୍ୟତା ସତ୍ତ୍ୱେ ଅଦ୍ୟାବଧି ସରକାରୀ ଯୋଜନାରେ ସାମିଲ୍ ହୋଇନପାରିବା ଜାଣି ମୁଖ୍ୟମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ନିକଟରେ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଏହି ସମସ୍ୟା ନେଇ ଖବର ପ୍ରକାଶିତ ହୋଇଥିଲା। ଏଥିରେ ତୁରନ୍ତ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ସକାଶେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନୁଯାୟୀ, ଶ୍ରୀ ଦାସଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏକ ବାସଗୃହ ଯୋଗାଇ ଦିଆଯିବ। ଏଥିସହ ତାଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୫ ହଜାର ଟଙ୍କା ପ୍ରଦାନ କରାଯିବ। ଶ୍ରୀ ଦାସ ଏବେ ଭିନ୍ନକ୍ଷମ ଭତ୍ତା ବାବଦରେ ମାସିକ ୩୫୦୦ ଟଙ୍କା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୫ କିଲୋ ଚାଉଳ ପାଉଛନ୍ତି। ଏହାଛଡ଼ା ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ଧଳା ବାଡି ବି ଦିଆଯାଇଛି।

# ଆସିଲା ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ ଲିଷ୍ଟ୍, ଆଗରେ ରେଭେନ୍ସା



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୧ଟା ସମୟରେ ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ ଲିଷ୍ଟ୍ ପ୍ରକାଶ ପାଇଛି। ଏଥିରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ସବୁଠାରୁ ଆଗରେ ରହିଛି। ଅର୍ଥାତ୍ ଏହି ବିଶ୍ୱବିଦ୍ୟାଳୟ କଳା, ବାଣିଜ୍ୟ ଓ ବିଜ୍ଞାନ ତିନିଟିଯାକ ବିଷୟରେ ସର୍ବାଧିକ ମାର୍କ ଥିବା ପିଲାଙ୍କୁ ହିଁ ମନୋନୀତ କରିଛି। ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ଲିଷ୍ଟ୍ ପ୍ରକାଶ ପାଇବା ପରେ ମୋଟ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ଆଡମିଶନ୍ କରିବା ସକାଶେ ମନୋନୀତ ହୋଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ସର୍ବାଧିକ କଟ୍‌ଅଫ୍ ମାର୍କ କଳା ବିଭାଗ ରାଜନୀତି ବିଜ୍ଞାନରେ ସର୍ବାଧିକ ୯୨.୮୦ ପ୍ରତିଶତ ରହିଛି। ସେହିପରି ବିଜ୍ଞାନ ବିଭାଗର ଜୁଲୋଜି ଅନର୍ସରେ ୯୪ ପ୍ରତିଶତ, ଫିଜିକ୍ସରେ ୯୩.୬୭ ପ୍ରତିଶତ ଓ ବାଣିଜ୍ୟରେ ୯୦.୫୦ ପ୍ରତିଶତ କଟ୍‌ଅଫ୍ ରହିଛି। ଅନ୍ୟପକ୍ଷରେ ରାଜଗାଙ୍ଗପୁରର ମା' ସରସ୍ୱତୀ ସଂସ୍କୃତ କଲେଜର ସଂସ୍କୃତ ବିଷୟରେ ସର୍ବାଧିକ ୬୮.୬୭ ପ୍ରତିଶତ କଟ୍‌ଅଫ ମାର୍କ ରହିଥିବା ବେଳେ ବିଜେବିରେ କମ୍ପ୍ୟୁଟର ସାଇନ୍ସରେ ୮୮.୮୩ ପ୍ରତିଶତ କଟ୍‌ଅଫ ମାର୍କ ରହିଛି। ଏହାଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୟୁନିଭର୍ସିଟି ଲ' କଲେଜରେ ଏହା ୮୭.୮୦ ପ୍ରତିଶତ ରହିଛି। ସେହିପରି ଯୁକ୍ତ ୩ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ଟି ସିଟ୍ ଥିବା ବେଳେ ଏଥିସକାଶେ ମୋଟ ୨ ଲକ୍ଷ ୬୫ ହଜାର ୫୯୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ମନୋନୀତ ହୋଇଥିବା ବେଳେ ସେଥି ମଧ୍ୟରେ ୭୦ ହଜାର ୭୪୫ ଜଣ ପୁଅ ଓ ୧ ଲକ୍ଷ ୪ ହଜାର ୯୬୭ ଝିଅ ଅଛନ୍ତି। ସେହିଭଳି ୧୦ ଜଣ ତୃତୀୟ ଲିଙ୍ଗୀ ମଧ୍ୟ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନରେ ମୋଟ ୪୫ ହଜାର ୮୫୫ ଜଣ, କଳାରେ ୧ ଲକ୍ଷ ୭ ହଜାର ୬୯ ଜଣ ଓ ବାଣିଜ୍ୟରେ ୧୬ ହଜାର ୨୦୫ ଜଣ, ସଂସ୍କୃତରେ ୩ ହଜାର ୩୭୧ ଜଣ, ସେଲ୍ଫ ଫାଇନାନ୍ସିଂରେ ୩ ହଜାର ୫୧ ଜଣ ଏବଂ ଲ'ରେ ୧୭୧ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର କୌଣସି କଲେଜରେ ନାମ ଲେଖାଇପାରିବେ।

# ଭଦ୍ରକରେ ୨୪ ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ

## ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପଦକ୍ଷେପ

**ଭଦ୍ରକ,୧୨।୬(ସଂଚାର ବ୍ୟୁରୋ):** ଭଦ୍ରକରେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ଆଜି ସକାଳ ୬ଟାରୁ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ ଇଣ୍ଟରସେବାକୁ ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଛି। ଭଦ୍ରକ ବ୍ଲକ ଓ ପୌରାଞ୍ଚଳ, ତିହିଡି ବ୍ଲକ ଅଞ୍ଚଳ, ଧାମନଗର ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଏହି ସେବା ପ୍ରଭାବିତ ହୋଇଛି। ଗୋଷ୍ଠୀ ସଂଘର୍ଷରେ ଯୁବକଙ୍କ ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଛି। ଏହି ମାମଲାରେ ଅଦ୍ୟାବଧି ୧୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୩୦ ତାରିଖରେ ତିହିଡି ଥାନା କଷଟି ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷରେ ସନ୍ତୋଷ ପରିଡା ନାମକ ଯୁବକ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଛି। ଏହାକୁ ନେଇ ଭଦ୍ରକ ତିହିଡି ଏବଂ ଧାମନଗର ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

## ପିଲାଙ୍କ ପଢ଼ାଖର୍ଚ୍ଚ ବହନ କରିବେ ସରକାର


**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସନ୍ତୋଷ ପରିଡ଼ାଙ୍କ ପାଇଁ ଗତକାଲି ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ପରିବାରର ଜଣଙ୍କୁ ଚାକିରି ଦିଆଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ମଧ୍ୟ ମୁଖ୍ୟମନ୍ତ୍ରୀ ତାଙ୍କ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି।

# ସଅଳ ଫେରିବ ମୌସୁମୀ, ୧୭ ଯାଏଁ ବର୍ଷା




**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ବେଶ୍ କିଛିଦିନର ବ୍ୟବଧାନ ପରେ ରାଜ୍ୟକୁ ସଅଳ ଫେରିବ ମୌସୁମୀ। ଫଳସ୍ୱରୂପ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ଆଜି ଜାରି ବିବୃତିରେ କୁହାଯାଇଛି ଯେ ଦିନେ/ ଦୁଇ ଦିନ ଭିତରେ ରାଜ୍ୟରେ ମୌସୁମୀ କିଛି ଭାଗରେ ପ୍ରବେଶ କରିବ। ଏହାର ପ୍ରଭାବରେ ରାଜ୍ୟରେ ଗତ କିଛିଦିନ ହେଲା ଜାରି ରହିଥିବା ତାତିରେ ବ୍ରେକ୍ ଲାଗିଛି। ଅଧିକନ୍ତୁ ଆସନ୍ତା ୨୪ ଘଣ୍ଟାରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ କମିପାରେ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ବର୍ତ୍ତମାନ ମୌସୁମୀକୁ ସକ୍ରିୟ କରିବା ଦିଗରେ ପାଗ ଅନୁକୂଳ ଥିବାବେଳେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଉତ୍ତର ଆନ୍ଧ୍ର ଉପକୂଳରେ ବାୟୁମଣ୍ଡଳପ ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆଜି ଉପକୂଳ ଓଡ଼ିଶାର ଅନେକ ସ୍ଥାନ ସହ ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ଢେଙ୍କାନାଳର ଅଳ୍ପ କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରିରେ ପ୍ରବଳ ବର୍ଷା ସହ ବଜ୍ରପାତ ଏବଂ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ରାଜ୍ୟର ୨୫ ଜିଲ୍ଲାରେ ଘଡ଼ଘଡ଼ି ଓ ପବନର ମଧ୍ୟ ଆଶଙ୍କା ରହିଛି। ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସହ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଶୋଇଥିବାବେଳେ ସାପ କାମୁଡ଼ିବାରୁ ଦମ୍ପତିଙ୍କ ମୃତ୍ୟୁ



**କେନ୍ଦୁଝର, ୧୨।୬ (ସଂଚାର ବ୍ୟୁରୋ) :** ସାପ କାମୁଡାରେ ସ୍ୱାମୀ-ସ୍ତ୍ରୀ ମୃତ। କେନ୍ଦୁଝର ସୀମାନ୍ତ ଝାଡଖଣ୍ଡ ବାୟାହାତୁ ଗାଁରେ ଏପରି ଅଘଟଣ ଘଟିଛି । ମୃତକ ହେଲେ ନନି ଜରାଇ ଓ କବିତା ଜରାଇ । ଗତକାଲି ରାତିରେ ଶୋଇଥିବାବେଳେ ସାପ କାମୁଡିଥିଲା। ଉଭୟଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

# ମୌସୁମୀଠାରୁ ଅଲଗା ହେଲେ ୨ ଶାବକ



**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ମା'ଠାରୁ ଅଲଗା ହେଲେ ଦୁଇ ଛୁଆ। କ୍ଷୀର ପିଆଇଲା ନାହିଁ ମା'। ନନ୍ଦନକାନନରେ ଗତ ଶନିବାର ଧଳା ବାଘୁଣୀ ମୌସୁମୀ ଦ୍ୱିତୀୟ ଥର ମା' ହୋଇଥିଲା। ଗୋଟିଏ ଧଳା ଅଣ୍ଡିରା ଓ ଗୋଟିଏ ନାଲି ମାଈ ଶାବକ ଜନ୍ମ ଦେଇଥିଲା। ଜନ୍ମଦେବା ପରେ ଦୁଇ ଶାବକଙ୍କୁ ମା' ଠିକରେ ଲାଳନପାଳନ କରୁଥିଲା। ହେଲେ ହଠାତ ଦୁଇ ଶାବକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଥିବା ସିସିଟିଭିରେ ଦେଖାଯାଇଥିଲା। ମା' ମଧ୍ୟ ତାକୁ କ୍ଷୀର ପାନ କରାଇନଥିଲା। ଶାବକଙ୍କ ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ମା'ଠାରୁ ଦୁଇ ଶାବକଙ୍କୁ ଅଲଗା କରି ପ୍ରାଣୀ ଚିକିତ୍ସାଳୟର ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଶାବକଟି ଅସୁସ୍ଥ ଥିବାରୁ ତାକୁ ଇନକ୍ୟୁବେଟରରେ ରଖାଯାଇ ତା' ଉପରେ ନଜର ରଖାଯାଇଛି। ଧଳା ଅଣ୍ଡିରା ଶାବକର ଓଜନ ୬୫୦ ଗ୍ରାମ ରହିଛି। ସେପଟେ ମାଈ ଶାବକ ସୁସ୍ଥ ରହିଛି। ନନ୍ଦନକାନନ କର୍ତ୍ତୃପକ୍ଷ ଉଭୟ ଶାବକଙ୍କୁ ନିକଟରୁ ପର୍ଯ୍ୟବେକ୍ଷଣ କରୁଛନ୍ତି। ସୂଚନାଯୋଗ୍ୟ ଯେ ନନ୍ଦନକାନନରେ ଦୁଇ ଶାବକଙ୍କୁ ଜନ୍ମଦେଇଥିଲା ବାଘୁଣୀ ମୌସୁମୀ। ଯାହାପରେ ନନ୍ଦନକାନନରେ ବାଘସଂଖ୍ୟା ୨୯କୁ ବୃଦ୍ଧି ହୋଇଥିଲା। ନନ୍ଦନକାନନର ୨୮-ବି ଖୁଆଡ଼ରେ ରହୁଥିବା ଧଳା ବାଘୁଣୀ ମୌସୁମୀ ଦୁଇ ଶାବକ ଜନ୍ମ ଦେଇଥିଲା। ଗୋଟିଏ ଛୁଆ ଧଳା ହୋଇଥିବା ବେଳେ ଅନ୍ୟଟି ସାଧାରଣ ରଙ୍ଗର ହୋଇଥିଲା। ୩୦ ଜୁଲାଇ ୨୦୨୪ରେ ମୌସୁମୀ ପ୍ରଥମ ଥର ମା' ହୋଇଥିଲା। ୩ଟି ଶାବକ ଜନ୍ମ ଦେଇଥିଲା। ତେବେ ସେମାନଙ୍କର ଠିକ୍ ଭାବେ ଯତ୍ନ ନେଇ ନ ପାରିବାରୁ ସମସ୍ତଙ୍କର ମୃତ୍ୟୁ ହୋଇଥିଲା।

# ପିଏ ମୃତ୍ୟୁ ମାମଲାରେ ପୂର୍ବତନ ଜିଲ୍ଲାପାଳଙ୍କୁ ଜାମିନ୍



**ମାଲକାନଗିରି,୧୨।୬(ସଂଚାର ବ୍ୟୁରୋ):** ମାଲକାନଗିରିର ପୂର୍ବତନ ଜିଲ୍ଲାପାଳ ମନୀଷ ଅଗ୍ରୱାଲଙ୍କୁ ଆଜି ଜାମିନ ମିଳିଛି। ଶ୍ରୀ ଅଗ୍ରୱାଲ୍ ମାଲକାନଗିରି ଏସ୍‌ଡିଜେଏମ୍ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିବାବେଳେ ତାଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ୫୦ ହଜାର ଟଙ୍କାର ୨ଟି ମୁଚାଲିକା ଦାଖଲ କରିବାକୁ ପଡ଼ିବ। ବ୍ୟକ୍ତିଗତ ସହାୟକ (ପିଏ) ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ମାମଲାରେ ଶ୍ରୀ ଅଗ୍ରୱାଲ୍‌ଙ୍କୁ ଗିରଫ କରାଯାଇଥିଲା। ଶ୍ରୀ ଅଗ୍ରୱାଲ ମାଲକାନଗିରିର ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ସମୟରେ ଗତ ୨୦୧୯ ଡିସେମ୍ବରରେ ଅଚାନକ ଶ୍ରୀ ପଣ୍ଡା ତାଙ୍କ କାର୍ଯ୍ୟାଳୟରୁ ନିଖୋଜ ହୋଇଯାଇଥିଲେ। ପରଦିନ ତାଙ୍କ ମୃତଦେହ ସତୀଗୁଡ଼ା ଡ୍ୟାମରୁ ଉଦ୍ଧାର କରାଯାଇଥିଲା। ପୁଲିସ ପ୍ରାଥମିକ ପର୍ଯ୍ୟାୟରେ ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରିଥିଲା। କିନ୍ତୁ ଶ୍ରୀ ପଣ୍ଡାଙ୍କ ପତ୍ନୀ ଏହାକୁ ହତ୍ୟା ବୋଲି ଅଭିଯୋଗ କରିବା ସହ ଶ୍ରୀ ଅଗ୍ରୱାଲ ଓ ଅନ୍ୟ ୩ ଜଣ କର୍ମଚାରୀଙ୍କୁ ଏଥିପାଇଁ ଦାୟୀ କରିଥିଲେ। ଏହି ଅଭିଯୋଗ ଆଧାରରେ ସେମାନଙ୍କ ବିରୁଦ୍ଧରେ ଆଇପିସି ଧାରା ୩୦୨,୨୦୧,୨୦୪ ଓ ୫୦୬ରେ ମାମଲା ରୁଜୁ ହେବା ଫଳରେ ରାଜ୍ୟ ସରକାର ଶ୍ରୀ ଅଗ୍ରୱାଲଙ୍କୁ ଜିଲ୍ଲାପାଳ ପଦରୁ ହଟାଇ ଦେଇଥିଲେ। ତାଙ୍କୁ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ଉପସଚିବ ଭାବେ ବଦଳି କରାଯାଇଥିଲା। ଏହି ମାମଲାରେ ଗତ ୨୦୨୩ ଜୁନ୍‌ରେ ଆଇଏଏସ୍ ଶ୍ରୀ ଅଗ୍ରୱାଲଙ୍କ ବିରୁଦ୍ଧରେ ନିମ୍ନ କୋର୍ଟଙ୍କ ରାୟକୁ ଓଡ଼ିଶା ହାଇକୋର୍ଟ ସଂଶୋଧନ କରିବା ସହ ହତ୍ୟା ଅପରାଧକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବାରେ ପରିଣତ କରିଥିଲେ। ମାମଲାର ବିଚାର ୮ ମାସ ମଧ୍ୟରେ ଶେଷ କରିବାକୁ ଓଡ଼ିଶା ହାଇକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ଶ୍ରୀ ଅଗ୍ରୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଓ ୨୦୨୩ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ତାଙ୍କ ବିରୁଦ୍ଧରେ ଚାଲିଥିବା ମକଦ୍ଦମା ଉପରେ ରହିତାଦେଶ ମଧ୍ୟ ଜାରି କରିଥିଲେ। କିନ୍ତୁ ଗତ ବର୍ଷ ନଭେମ୍ବରରେ ସୁପ୍ରିମକୋର୍ଟ ଏହି ମାମଲାରେ ରହିତାଦେଶକୁ ପ୍ରତ୍ୟାହାର କରିବା ଶ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଦାଏର କରାଯାଇଥିବା ସ୍ୱତନ୍ତ୍ର ଲିଭ୍ ପିଟିସନକୁ ବି ଖାରଜ କରିଦେଇଥିଲେ।

# ଛୁଟି ଖୋଲିବା ପୂର୍ବରୁ ଆସିଲା 'ମିଡ୍ ଡେ ମିଲ୍' ମାର୍ଗଦର୍ଶିକା



**ଭୁବନେଶ୍ୱର, ୧୨।୬ (ସଂଚାର ବ୍ୟୁରୋ) :** ବିଦ୍ୟାଳୟ ଖୋଲିବା ପୂର୍ବରୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଆସିଲା 'ମିଡ୍ ଡେ' ମିଲ୍' ମାର୍ଗଦର୍ଶିକା । ଶିଶୁ ବାଟିକାରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ଯେଉଁମାନେ ବିଦ୍ୟାଳୟରେ ଉପସ୍ଥିତି ଥିବେ ସେମାନଙ୍କୁ ଏହି ଯୋଜନାରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବ। ନିରାପଦ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସମୟ ସମୟରେ ବିସ୍ତୃତ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । କିନ୍ତୁ ଅସାବଧାନତା, ଉଦାସୀନତା ଏବଂ ଗୁଣାତ୍ମକ ପ୍ରୋଟୋକଲ ପାଳନ ନକରିବା ଫଳରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଏହାର ପଏଣ୍ଟରଗୁଡ଼ିକ ନିମ୍ନରେ ବିସ୍ତୃତ ଭାବେ ଦିଆଯାଇଛି ।

▸ ଆସନ୍ତା ଜୁନ୍ ୧୮ ତାରିଖରେ ବିଦ୍ୟାଳୟଗୁଡ଼ିକରେ ରଜ ଛୁଟି ଖୋଲିବ । ଏହା ପୂର୍ବ ସମସ୍ତ ପ୍ରକାର ପ୍ରସ୍ତୁତି କରିବା ସହିତ ସତର୍କତା ଅବଲମ୍ବନ କରାଯିବାକୁ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଛାତ୍ରଛାତ୍ରୀ ଯେଭଳି 'ମିଡ୍ ଡେ ମିଲ'ରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶାବଳୀ କୁହାଯାଉଛି ।

▸ ଛୁଟି ସମୟରେ ଅବ୍ୟବହୃତ ହୋଇ ରହିଥିବା ଏମଡିଏମ ଖାଦ୍ୟର ମାନ ଯାଞ୍ଚ କରିବା ସମୟରେ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରାଯିବା ଆବଶ୍ୟକ। ରୋଷେଇ ପାଇଁ ନିୟୋଜିତ ଥିବା ପାଚିକା, ସହାୟକ ପାଚିକା କିମ୍ବା ସ୍ୱୟଂ-ସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରିବା ପୂର୍ବରୁ 'ମିଡ୍ ଡେ ମିଲ୍'ର ଉପକରଣ ଏବଂ ସାମଗ୍ରୀଗୁଡ଼ିକରୁ ଭଲ ଭାବେ ଯାଞ୍ଚ କରିବାକୁ କୁହାଯାଇଛି ।

▸ ଖାଦ୍ୟରେ ବିଷକ୍ରିୟା ଯେପରି ନହେବ ସେଥିପାଇଁ ସ୍କୁଲ ପରିଚାଳନା କର୍ତ୍ତୃପକ୍ଷ, ପ୍ରଧାନ ଶିକ୍ଷକ, ସହାୟକ ଶିକ୍ଷକଙ୍କ ଉପସ୍ଥିତରେ ସିଆର୍‌ସିସି ଏବଂ ବିଇଓ ଖାଦ୍ୟର ଯୋଗ୍ୟତା ପରୀକ୍ଷା କରାଯିବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବୈଠକ କରି ସଚେତନ କରିପାରିବେ ।

▸ ସ୍କୁଲ ଖୋଲିବା ପୂର୍ବରୁ ଏହା ସୁନିଶ୍ଚିତ କରିବା ଆବଶ୍ୟକ ଯେ, ବିଦ୍ୟାଳୟରେ ରୋଷେଇ ସ୍ଥାନଟି ସମ୍ପୂର୍ଣ୍ଣ ଭାବେ ପରିଷ୍କାର ରହିଛି । ସିସିଏଚ୍, ପାନୀୟ ଜଳ ଏବଂ ଏମଡିଏମ୍ ଉପାଦାନ ଗୁଡ଼ିକ ସମ୍ବନ୍ଧୀୟ ସମସ୍ତ ସୁରକ୍ଷା ପ୍ରୋଟକଲକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ସ୍କୁଲ ଖୋଲିଲେ ଡିଇଓସ୍, ବିଇଓସ୍ ଏବଂ ସିଆର୍‌ସିସିଏସ୍‌ମାନେ ସ୍କୁଲ ପରିଦର୍ଶନ କରି ଖାଦ୍ୟର ଗୁଣବତାକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଆମେରିକା-ଚୀନ୍ ବାଣିଜ୍ୟ ଚୁକ୍ତି ଘୋଷଣା

# ଆମେରିକାକୁ ରେୟାର୍ ଆର୍ଥ ଉପାଦାନ ଦେବ ଚୀନ୍

**ୱାଶିଂଟନ,୧୨।୬:** ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଚୁକ୍ତି ଘୋଷଣା ହୋଇଛି। ନିଜେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଏହି ବୁଝାମଣା ଅନ୍ତର୍ଗତ ଚୀନ୍ ଏବେ ଆମେରିକାକୁ ରେୟାର୍ ଆର୍ଥ ଉପାଦାନ ଯୋଗାଇବ। ରେୟାର୍ ଆର୍ଥ ଉପାଦାନ ପ୍ରଯୁକ୍ତି ଉପକରଣ, ସ୍ମାର୍ଟଫୋନ୍ ଏବଂ ଇଲେକ୍ଟ୍ରିକ୍ କାର ଭଳି କ୍ଷେତ୍ରରେ ବହୁଳ ବ୍ୟବହାର ହୋଇଥାଏ। ତେବେ ରେୟାର୍ ଆର୍ଥ ବଦଳରେ ଚୀନ୍ ଛାତ୍ରଛାତ୍ରୀଙ୍କୁ ଆମେରିକା ଏହାର କଲେଜ୍ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପଢ଼ିବା ପାଇଁ ଅନୁମତି ଦେବ। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ, ନୂଆ ଡିଲ୍ ଦ୍ୱାରା ଟାରିଫ୍ ଅର୍ଥାତ୍ ଆମଦାନି ଶୁଳ୍କକୁ ନେଇ ଆମେରିକାକୁ ୫୫% ଲାଭ ମିଳୁଛି। ଅନ୍ୟପକ୍ଷରେ, ଚୀନ୍‌କୁ ମାତ୍ର ୧୦% ଲାଭ ମିଳିବ। ତେବେ ଏହା ସ୍ପଷ୍ଟ ହୋଇନାହିଁ ଯେ, ଉକ୍ତ ଟାରିଫ୍ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅର୍ଥ କ'ଣ ଏବଂ ଏହା କିଭଳି କାର୍ଯ୍ୟ କରିବ।



ପ୍ରକାଶଯୋଗ୍ୟ, ରେୟାର୍ ଆର୍ଥ ଉପାଦାନ ମୋଟ ୧୭ଟି ରହିଛି। ସେଗୁଡ଼ିକ ମଧ୍ୟରେ ଲାନ୍ଥନମ୍, ନିୟୋଡିୟମ, ପ୍ରାସିୟୋଡିୟମ ଭଳି ଖଣିଜ ପଦାର୍ଥ ଅନ୍ତର୍ଭୁକ୍ତ। ଏହା ଦେଖିବାକୁ ସାଧାରଣ ଖଣିଜ ଭଳି କିନ୍ତୁ ଏଥିରେ ବିଶେଷ ମ୍ୟାଗ୍ନେଟିକ୍ ଏବଂ ଇଲେକ୍ଟ୍ରୋନିକ୍ ଗୁଣ ଥାଏ, ଯାହା ଏହାକୁ ପ୍ରଯୁକ୍ତି ଉପକରଣଗୁଡ଼ିକ ପାଇଁ ଜରୁରୀ ବନାଇଥାଏ। ଏହାକୁ ରେୟାର ବା ଦୁର୍ଲଭ କୁହାଯାଇଥାଏ କାରଣ ଏହା ପୃଥିବୀର ବହୁ ତଳେ ରହିଥାଏ। ଏହାର ଉତ୍ତୋଳନ ଏବଂ ବିଶୋଧନ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଓ ମହଙ୍ଗା ହୋଇଥାଏ। ରେୟାର୍ ଆର୍ଥ ଖଣିଜ ପଦାର୍ଥର ବ୍ୟବହାର କେତେକ ଆଧୁନିକ ପ୍ରଯୁକ୍ତି ଏବଂ ଶିଳ୍ପରେ ହୋଇଥାଏ। ଏଥିମଧ୍ୟରେ ରହିଛି ସ୍ମାର୍ଟଫୋନ୍, ଲାପ୍‌ଟପ୍ ଏବଂ ଟିଭି ଭଳି ଇଲେକ୍ଟ୍ରୋନିକ୍ସ ଉପକରଣ, ଇଲେକ୍ଟ୍ରିକ୍ ଯାନ, ପବନ ଟର୍ବାଇନ୍, ସୌର ପ୍ୟାନେଲ ଏବଂ ବ୍ୟାଟେରି। ଚୀନ୍ ରେୟାର୍ ଆର୍ଥ ଖଣିଜ କ୍ଷେତ୍ରରେ ବିଶ୍ୱର ସର୍ବବୃହତ୍ ଉତ୍ପାଦକ। ଏହା ବିଶ୍ୱର ୬୦ରୁ ୭୦% ଚାହିଦା ପୂରଣ କରିଥାଏ। ୨୦୨୩ ସୁଦ୍ଧା ଚୀନ୍ ଏହାର ଖନନ ଏବଂ ବିଶୋଧନ ପ୍ରକ୍ରିୟାରେ ବଡ଼ ମାତ୍ରାରେ ନିବେଶ କରିଛି। ଟ୍ରମ୍ପ ଚୁକ୍ତିରେ ମୋହର ଲଗାଇଥିବାବେଳେ ଏବେ ଏହାକୁ ଅନ୍ତିମ ରୂପ ଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କ ମଞ୍ଜୁରି ଲାଗି ଅପେକ୍ଷା ରହିଛି।

ଏହାପୂର୍ବରୁ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟ୍‌ନିକ୍ କହିଥିଲେ ଯେ, ଉଭୟ ଦେଶ ଜେନେଭାରେ ପୂର୍ବରୁ ହୋଇଥିବା ବୁଝାମଣାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ଚୀନ୍‌ର ବ୍ୟାପାର ମାମଲାର ବରିଷ୍ଠ ଅଧିକାରୀ ଲି. ଚେଙ୍ଗ୍‌ଗାଙ୍ଗ୍ ମଧ୍ୟ ସମାନ କଥା କହିଥିଲେ।

# ବର୍ଷକୁ ୧୧ ହଜାର କ୍ୱିଣ୍ଟାଲ୍ କୀଟନାଶକ ବ୍ୟବହାର

**ଭୁବନେଶ୍ୱର,୧୨।୬:** ପନିପରିବା ଉତ୍ପାଦନରେ ଓଡିଶା ଦେଶର ସପ୍ତମ ରାଜ୍ୟ ହୋଇଥିବାବେଳେ ରାଜ୍ୟରେ ବାର୍ଷିକ ୧୧ଶହ ମେଟ୍ରିକ ଟନ୍ (୧୧ ହଜାର କ୍ୱିଣ୍ଟାଲ୍) ରୁ ଅଧିକ କୀଟନାଶକ ବ୍ୟବହାର ହେଉଛି। ତେବେ କୀଟନାଶକ ବ୍ୟବହାର ହ୍ରାସ ଲାଗି ରାଜ୍ୟ ସରକାର ଜୈବିକ ଚାଷ ଉପରେ ଗୁରୁତ୍ୱ ଦେଉଥିବାରୁ ଏହାର ବ୍ୟବହାର ହ୍ରାସ ପାଇବ ବୋଲି ଆଶା କରାଯାଉଛି। ପନିପରିବା ଚାଷ କ୍ଷେତ୍ରରେ ପାଳଛତୁ ଉତ୍ପାଦନ କ୍ଷେତ୍ରରେ ଓଡିଶା ଦେଶର ଏକ ନମ୍ବର ସ୍ଥାନରେ ରହିଛି। ଓଡିଶାରୁ ବର୍ଷକୁ ସାଢେ ୩ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ପାଳଛତୁ ବାହାରୁଛି। ଏକ ଲକ୍ଷ ୧୦ହଜାର ଟନ୍‌ରୁ ଅଧିକ ଅମୃତଭଣ୍ଡା, ୨୧ ଲକ୍ଷ ମେଟ୍ରିକ ଟନରୁ ଅଧିକ ବାଇଗଣ, ୧୩ ଲକ୍ଷ ମେଟ୍ରିକ ଟନ୍ ବନ୍ଧାକୋବି, ୭ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଫୁଲକୋବି, ୬ଲକ୍ଷ ଟନ୍‌ରୁ ଅଧିକ କଖାରୁ, ୩ଲକ୍ଷ ଟନ୍‌ରୁ ଅଧିକ ତରଭୁଜ ଓ ୧୫ଲକ୍ଷ ଟନ୍ ଟମାଟୋ ସହିତ ଅନ୍ୟାନ୍ୟ ବହୁ କିସମର ପନିପରିବା ଉତ୍ପାଦନ ହେଉଛି। ତେବେ ଏହିସବୁ ପନିପରିବା ଯେଉଁସବୁ ସ୍ଥାନରେ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ହେଉଛି ସେଠାରେ ଚାଷୀମାନେ କୀଟନାଶକ ବ୍ୟବହାର କରୁଛନ୍ତି। ରାଜ୍ୟ ତଥା ଦେଶ ବାହାରୁ ଆସୁଥିବା ବିଭିନ୍ନ କିସମର କୀଟନାଶକ ବ୍ୟବହାର ହେଉଥିବାବେଳେ ଅନେକ କ୍ଷେତ୍ରରେ ଚାଷୀମାନେ ଅଜ୍ଞାତ ଯୋଗୁଁ ଅଧିକ ପରିମାଣର କୀଟନାଶକ ବ୍ୟବହାର କରୁଛନ୍ତି। କେବଳ ପନିପରିବା ନୁହେଁ ଧାନ ଠାରୁ ଆରମ୍ଭ କରି ନଡ଼ିଆ, ଆମ୍ବ ଆଦି ଫସଲ ପାଇଁ ମଧ୍ୟ ବିପୁଳ ପରିମାଣରେ କୀଟନାଶକ ବ୍ୟବହାର ହେଉଛି। କୀଟନାଶକ ସହିତ ଫସଲ ଉତ୍ପାଦନ ପାଇଁ ଚାଷୀମାନେ ରସାୟନିକ ସାର ବ୍ୟବହାର କରୁଛନ୍ତି। ରାସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡିଶା ଦେଶର ୧୭ତମ ସ୍ଥାନରେ ରହିଛି। କୀଟନାଶକ ଭଳି ରସାୟନିକ ସାର କ୍ଷେତ୍ରରେ ମଧ୍ୟ ଅଜ୍ଞତା ଅଭାବରୁ ଚାଷୀମାନେ ଆବଶ୍ୟକ ଠାରୁ ଅଧିକ ସାର ବ୍ୟବହାର କରୁଛନ୍ତି। ବହୁ ସ୍ଥାନରେ ଅଧିକ ଫସଲ ଅମଳ ପାଇଁ ଅଧିକ ପରିମାଣରେ ରସାୟନିକ ସାର ବ୍ୟବହାର କରି ମାଟିର ଉର୍ବରତାକୁ ନଷ୍ଟକରି ଦେଉଛନ୍ତି। ତେବେ ଚାଷୀମାନେ କିଭଳି କୀଟନାଶକ ଓ ରାସାୟନିକ ସାରଠାରୁ ଦୂରେଇ ରହି ଜୈବିକ ଚାଷ କରିବେ ସେଥିପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ରସାୟନିକ ଯୁକ୍ତ କୀଟନାଶକ ବଦଳରେ ଚାଷୀମାନେ କିଭଳି ବାୟୋ କୀଟନାଶକ ବ୍ୟବହାର କରିବେ ସେଥିପାଇଁ ଏହା ଉପରେ ୫୦ ପ୍ରତିଶତ ରିହାତି ଦିଆଯାଉଛି। ଏ ବାବଦରେ ଚାଷୀମାନଙ୍କୁ ହେକ୍ଟର ପିଛା ସର୍ବାଧିକ ୨୦୦୦ ଟଙ୍କା ଯୋଗାଯାଉଛି। ସେହିଭଳି ପୋର ଜୈବିକ ନିରାକରଣ ନିମନ୍ତେ ରିହାତି ମୂଲ୍ୟରେ ଟ୍ରିଚୋ କାର୍ଡ ଯୋଗାଇ ଦିଆଯାଉଛି।



ରାସାୟନିକ ସାର ବଦଳରେ ଜୈବିକ ଉପାୟରେ ଚାଷ କରିବାପାଇଁ ପରମ୍ପରାଗତ କୃଷି ବିକାଶ ଯୋଜନା ମାଧ୍ୟରେ ୧୦ଟି ଜିଲ୍ଲାରେ ୧୦୦୦ହେକ୍ଟର ଜମିରେ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚାଷ କରାଯାଇଛି। ଭାରତୀୟ ପ୍ରାକୃତିକ କୃଷି ପଦ୍ଧି ମାଧମରେ ୧୫ଟି ଜିଲ୍ଲାର ୨୪ହଜାର ହେକ୍ଟର ଚାଷ ଜମିରେ ଜୈବିକ ଚାଷ ହେଉଛି। ଜୈବିକ ଚାଷଦ୍ୱାରା ଉତ୍ପାଦିତ ଫସଲର ଅଧିକ ରପ୍ତାନି ସୁଯୋଗ ଥିବାରୁ ଚଳିତ ବର୍ଷ ଠାରୁ ଜାତୀୟ ପ୍ରାକୃତିକ କୃଷି ମିଶନର କାର୍ଯ୍ୟକ୍ରମରେ ଜୈବିକ ଚାଷ ପାଇଁ ସ୍ଥିର ହୋଇଥିବା ସୂଚନା ମିଳିଛି। (ତଥ୍ୟ)

# ଅକ୍ଟୋବରରୁ ସେବି ଆଣିବ ନୂଆ ୟୁପିଆଇ ପେମେଣ୍ଟ ସିଷ୍ଟମ୍

### ବ୍ରୋକର୍‌ଙ୍କୁ ମିଳିବ ସ୍ୱତନ୍ତ୍ର ୟୁପିଆଇ ଆଇଡି

**ମୁମ୍ବାଇ,୧୨।୬:** ବଜାର ନିୟାମକ ସେବି ନିବେଶକଙ୍କ ନିମନ୍ତେ ପେମେଣ୍ଟ୍‌ର ଏକ ନୂଆ ଏବଂ ସୁରକ୍ଷିତ ଉପାୟ ଆଣିବାକୁ ଯାଉଛି। ଏଥିରେ ସେବିରେ ପଞ୍ଜୀକୃତ ବ୍ରୋକରଙ୍କୁ ନିବେଶକଙ୍କଠାରୁ ପେମେଣ୍ଟ ନେବା ପାଇଁ ଏକ ସ୍ୱତନ୍ତ୍ର ୟୁପିଆଇ ଆଇଡି ଜାରି କରାଯିବ। ନୂଆ ସିଷ୍ଟମ୍ ସାହାଯ୍ୟରେ ନିବେଶକ ଭରସାଯୋଗ୍ୟ ସଂସ୍ଥାନକୁ ଚିହ୍ନଟ କରିପାରିବେ। ନୂଆ ୟୁପିଆଇ ପେମେଣ୍ଟ ସିଷ୍ଟମ୍ ୨୦୨୫ ଅକ୍ଟୋବର ପହିଲାରୁ ଲାଗୁ ହେବ। ସେବି ପଞ୍ଜୀକୃତ ସଂସ୍ଥାନଗୁଡ଼ିକୁ ଏକ ସ୍ୱତନ୍ତ୍ର ୟୁପିଆଇ ଆଇଡି ମିଳିବ। ଫଳରେ ନିବେଶକ ଜାଣିପାରିବେ ଯେ, ସେମାନେ ପ୍ରକୃତ ତଥା ପଞ୍ଜୀକୃତ କମ୍ପାନିକୁ ଟଙ୍କା ପଠାଉଛନ୍ତି। ଫଳରେ ଠକାମୀ କମିବ। ଏବେ ୟୁପିଆଇ ମାଧ୍ୟମରେ ସେୟାର ବଜାରରେ ଦିନକରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ହୋଇପାରୁଛି। ବର୍ତ୍ତମାନ ସେବି ଏହାକୁ ବଢ଼ାଇ ୫ ଲକ୍ଷ ଟଙ୍କା କରିବାକୁ ଚାହୁଁଛି। ନୂଆ ନିୟମ ଅନ୍ତର୍ଗତ ଯେତେବେଳେ ଜଣେ ଏକ ପଞ୍ଜୀକୃତ କମ୍ପାନିକୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବେ, ସେତେବେଳେ ଏକ ସବୁଜ ରଙ୍ଗର 'ଥମ୍ବସ ଅପ୍' ଚିହ୍ନ ଦେଖିବାକୁ ମିଳିବ। ଯଦି ଏହି ଚିହ୍ନ ନ ଥାଏ ତା'ହେଲେ କମ୍ପାନି ଠିକ୍ ନୁହେଁ। ସେବିର ଏହି ଯୋଜନାର ନାଁ ରହିଛି 'ପେ-ରାଇଟ୍'। ଏହାର ଉଦ୍ଦେଶ୍ୟ ହେଉଛି ନିବେଶକଙ୍କ ଭରସା ବଢ଼ାଇବା, ଯାହାଦ୍ୱାରା ସେମାନେ ବିନା ଭୟରେ ଟଙ୍କା ପଠାଇପାରିବେ।




# ଏସଆଇଆର-ଆଇଏମଏମଟିର ରେଡ୍ ମଡ୍ ରିପୋର୍ଟ ପ୍ରକାଶିତ

**ଭୁବନେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ- ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସଆଇଆର-ଆଇଏମଏମଟି) ପକ୍ଷରୁ ଆଜି ରେଡ୍ ମଡ୍ ରିପୋର୍ଟ ପ୍ରକାଶିତ ହୋଇଛି। ଏନେଇ ଆୟୋଜିତ ଏକ ବୈଠକରେ ରେଡ୍ ମଡର ସାମଗ୍ରିକ ବ୍ୟବହାର ପାଇଁ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଜାତୀୟ ପ୍ରକଳ୍ପର ସଫଳ ସମାପ୍ତିକୁ ଚିହ୍ନିତ କରାଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଓ ପ୍ରକଳ୍ପ ପରାମର୍ଶଦାତା ତଥା ନୀତି ଆୟୋଗ ସଦସ୍ୟ ଡକ୍ଟର ଭିକେ ସାରସ୍ୱତ ରେଡ ମଡ୍ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପ୍ରକଳ୍ପକୁ ସିଏସଆଇଆର-ଆଇଏମଏମଟି (ଭୁବନେଶ୍ୱର), ସିଏସଆଇଆର -ନ୍ୟାସନାଲ ମେଟାଲର୍ଜିକାଲ୍ ଲାବୋରେଟୋରୀ (ସିଏସଆଇଆର—ଏନଏମଏଲ୍), ଜାମସେଦପୁର, ସମନ୍ୱୟ ପରୀକ୍ଷାଗାର ଓ ଜବାହରଲାଲ ନେହରୁ ଆଲୁମିନିୟମ୍ ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଡିଜାଇନ୍ ସେଣ୍ଟର (ଜେଏନଏଆରଡିଡିସି), ନାଗପୁର ପକ୍ଷରୁ ପ୍ରମୁଖ ଶିଳ୍ପ ଅଂଶୀଦାର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ହିଣ୍ଡାଲକୋ), ବେଦାନ୍ତ ଲିମିଟେଡ୍ ଓ ନାଲ୍‌କୋ ସହ ମିଳିତ ଭାବେ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପଟି ଆଲୁମିନା ଉତ୍ପାଦର ଏକ ପ୍ରମୁଖ ଶିଳ୍ପ ଉପଉତ୍ପାଦ, ରେଡ୍ ମଡ୍‌ର ବ୍ୟାପକ ବ୍ୟବହାର ପାଇଁ ସମନ୍ୱିତ ପ୍ରକ୍ରିୟା ଫ୍ଲୋ ଶିଟ୍ ବିକାଶ ଉପରେ ଧ୍ୟାନ ଦେଇଥିଲା। ଏହାର ଉଦ୍ଦେଶ୍ୟ ଲୁହା, ଆଲୁମିନା, ଟାଇଟାନିଆ ଓ ରେୟାର ଆର୍ଥ ଏଲିମେଣ୍ଟ (ଆରଇଇ) ଭଳି ମୂଲ୍ୟବାନ ଧାତୁ ପୁନରୁଦ୍ଧାର କରିବା। ରେଡ୍ ମଡ ରିପୋର୍ଟ ଶିଳ୍ପ ନିୟୋଜନ ପାଇଁ ଏହି ସମାଧାନଗୁଡ଼ିକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥାଏ।




# ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଟାଟା ଗ୍ରୁପ୍ ଶେୟାର ଧରାଶାୟୀ

**ଗୁଜରାଟ,୧୨।୬:** ଗୁରୁବାର ଗୁଜୁରାଟର ଅହମ୍ମଦାବାଦରେ ଏକ ବଡ଼ ବିମାନ ଦୁର୍ଘଟଣା ଘଟିଛି। ୨୪୨ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ଅହମ୍ମଦାବାଦର ମେଘାନୀ ଅଞ୍ଚଳରେ ଘଟିଛି। ବିମାନ ଦୁର୍ଘଟଣା ନେଇ ଖବର ଆସିବା ପରେ ଶେୟାର ବଜାର ପ୍ରଭାବିତ ହୋଇଛି। ବିଶେଷକରି ଟାଟା ଗ୍ରୁପର ସମସ୍ତ ଶେୟାର ଗୋଟିଏ ପରେ ଗୋଟିଏ ହ୍ରାସ ପାଇଛି। ଏୟାର ଇଣ୍ଡିଆ ଏୟାରଲାଇନ୍ସ କମ୍ପାନୀ ଟାଟା ଗ୍ରୁପର ମାଲିକାନାରେ ଚାଲିଛି। ଏଥିଯୋଗୁ ଟାଟା ଗ୍ରୁପ କମ୍ପାନୀଗୁଡ଼ିକର ଶେୟାରରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। ଏୟାରଲାଇନ୍ସ ସହିତ ଜଡିତ ଏହି ବଡ଼ ଦୁର୍ଘଟଣା କେବଳ ବିମାନ ଚଳାଚଳ କ୍ଷେତ୍ରକୁ ନୁହେଁ, ବରଂ ମାର୍କେଟରେ ଥିବା ଟାଟା ଗ୍ରୁପର ପ୍ରତିଛବିକୁ ମଳିନ କରିଛି। ଟାଟା ମୋଟର୍ସ, ଟାଟା କେମିକାଲ୍ସ, ଟାଟା କଞ୍ଜ୍ୟୁମର, ଟାଟା ଇନଭେଷ୍ଟମେଣ୍ଟ ଏବଂ ଟାଟା ଷ୍ଟିଲର ଶେୟାରରେ ସବୁଠାରୁ ବଡ଼ ହ୍ରାସ ଦେଖାଯାଉଛି। ବିଶେଷଜ୍ଞଙ୍କ ମତରେ ଏପରି ଘଟଣା ନିବେଶକଙ୍କ ମନରେ ଭୟ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ଯାହା ଗ୍ରୁପ୍ ସହ ଜଡ଼ିତ ସମସ୍ତ କମ୍ପାନୀର ଶେୟାର ଉପରେ ଚାପ ପକାଇଥାଏ। ଏୟାର ଇଣ୍ଡିଆ ସହିତ ଟାଟାର ନାମ ଜଡିତ ହେବା ଯୋଗୁ ବଜାର ପ୍ରଭାବିତ ହୋଇଛି।



- ଟିସିଏସ: ୧% ରୁ ଅଧିକ ହ୍ରାସ
- ଟାଟା ଷ୍ଟିଲ: ସେୟାର ୩% ହ୍ରାସ ପାଇଛି
- ଟାଟା ପାୱାର: ୨.୫% ହ୍ରାସ
- ଟାଟା ଏଲକ୍ସସି: ୨% ରୁ ଅଧିକ କ୍ଷତି
- ଟାଟା କମ୍ୟୁନିକେସନ୍ସ: ୧% ରୁ ଅଧିକ ହ୍ରାସ
- ଟାଟା ମୋଟର୍ସ: ୩% ରୁ ଅଧିକ ହ୍ରାସ
- ଟାଟା କେମିକାଲ୍ସ: ୩% ହ୍ରାସ
- ଟାଟା ଉପଭୋକ୍ତା: ୨% ରୁ ଅଧିକ ହ୍ରାସ
- ଟାଟା ଇନଭେଷ୍ଟମେଣ୍ଟ କର୍ପୋରେଶନ: ପ୍ରାୟ ୪% ହ୍ରାସ
- ଇଣ୍ଡିଆନ ହୋଟେଲ: ୨% ରୁ ଅଧିକ

**ସେନସେକ୍ସ ନିଫ୍ଟିର ଅବସ୍ଥା:** ଭାରତୀୟ ଷ୍ଟକ ବଜାରରେ ଗୁରୁବାର, ଜୁନ ୧୨ ତାରିଖରେ ଏକ ବଡ଼ ହ୍ରାସ ପରିଲକ୍ଷିତ ହେଉଛି। ସେନସେକ୍ସ ପ୍ରାୟ ୧୦୦୦ ପଏଣ୍ଟ ହ୍ରାସ ପାଇଥିଲା, ଯେତେବେଳେ ନିଫ୍ଟି ୨୪,୮୫୦ ତଳକୁ ଖସିଥିଲା। ଅପରାହ୍ନ ପ୍ରାୟ ୨.୧୫ ଟାରେ ସେନସେକ୍ସ ୮୧,୫୩୧.୯୩ ରେ କାରବାର କରୁଥିଲା, ଯାହା ପ୍ରାୟ ୯୮୩.୨୧ ପଏଣ୍ଟ ହ୍ରାସ ପାଇଥିଲା। ସେହି ସମୟରେ, ନିଫ୍ଟି ୩୦୧.୧୫ ପଏଣ୍ଟ ହ୍ରାସ ପାଇ ୨୪,୮୪୦.୨୫ ରେ ପହଞ୍ଚିଥିଲା। ନିଫ୍ଟିରେ ଇନଫୋସିସ, ଇଟର୍ନାଲ, ଟେକ ମହିନ୍ଦ୍ରା ଏବଂ ଟାଟା ମୋଟର୍ସର ସେୟାର ସର୍ବାଧିକ ହ୍ରାସ ପାଇଥିଲା।

ସୂଚନାଯୋଗ୍ୟ,ଅହମ୍ମଦାବାଦରେ ଉଡ଼ାଣ ସମୟରେ ବିମାନ ଦୁର୍ଘଟଣା ଘଟିଥିଲା। କୁହାଯାଉଛି ଯେ ବିମାନର ପଛ ଭାଗ ଏକ ଗଛରେ ପିଟି ହୋଇଯାଇଥିଲା। ବିମାନଟି ଅହମ୍ମଦାବାଦରୁ ଲଣ୍ଡନ ଯାଉଥିଲା। ନ୍ୟୁଜ ଏଜେନ୍ସି ANI ଅନୁଯାୟୀ, ବିମାନରେ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଥିଲେ। ଏହି ଘଟଣାରେ ଜୀବନ ଏବଂ ସମ୍ପତ୍ତି କ୍ଷତି ବିଷୟରେ କୌଣସି ସୂଚନା ନାହିଁ। ତଥାପି, କିଛି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କୁହାଯାଉଛି।



# ଆର୍ ଦୋରାଇସ୍ୱାମୀ ଏଲ୍ଆଇସିର ନୂଆ ସିଇଓ


**ନୂଆଦିଲ୍ଲୀ:** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ନୂଆ ଏମ୍‌ଡି ଓ ସିଇଓ ଭାବେ ଆର୍ ଦୋରାଇସ୍ୱାମୀଙ୍କ ନାମକୁ ଆର୍ଥିକ ସେବା ପ୍ରତିଷ୍ଠାନ ବୋର୍ଡ (ଏଫ୍ଏସ୍ଆଇବି) ସୁପାରିସ କରିଛି। କମ୍ପାନିର ପୂର୍ବତନ ସିଇଓ ସିଦ୍ଧାର୍ଥ ମହାନ୍ତିଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବା ପରେ ସେହି ସ୍ଥାନରେ ସତ୍‌ପାଲ୍ ଭାନୋଙ୍କୁ କମ୍ପାନିର ଅନ୍ତରୀଣ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଥିଲା। ନୂଆ ସିଇଓ ଚୟନ ପାଇଁ ଚାରି ଜଣ ପ୍ରାର୍ଥୀଙ୍କ ସାକ୍ଷାତକାର ନିଆଯାଇଥିଲା। ସେମାନଙ୍କ ପ୍ରଦର୍ଶନ, ଅଭିଜ୍ଞତା ଓ ମାନଦଣ୍ଡ ଆଦିକୁ ବିଚାରକୁ ନିଆଯାଇଥିଲା। ଭାନୋଙ୍କ ସ୍ଥାନରେ ଶ୍ରୀ ଦୋରାଇସ୍ୱାମୀ କାର୍ଯ୍ୟ କରିବେ। ୨୦୨୩ ସେପ୍ଟେମ୍ବର ୧ ପରଠାରୁ ଦୋରାଇସ୍ୱାମୀ ଏଲ୍ଆଇସିର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ସେ ନ୍ୟାସନାଲ୍ ଇନ୍‌ସ୍ୟୁରାନ୍ସ ଏକାଡେମିରେ ରିସର୍ଚ୍ଚ ଆସୋସିଏଟ୍ ଭାବେ କାମ କରୁଥିଲେ।

# ଜୁଲାଇରେ ଆସିବ ଏନ୍ଏସ୍‌ଡିଏଲ୍ ଆଇପିଓ

**ନୂଆଦିଲ୍ଲୀ,୧୨।୬:** ନ୍ୟାସ୍‌ନାଲ ସିକ୍ୟୋରିଟିଜ୍ ଡିପୋଜିଟୋରି ଲିମିଟେଡ୍(ଏନ୍ଏସ୍‌ଡିଏଲ୍)ର ପ୍ରାଥମିକ ପବ୍ଲିକ୍ ଅଫର ଅର୍ଥାତ୍ ଆଇପିଓ ଜୁଲାଇରେ ଆସିପାରେ। ରିପୋର୍ଟ ଅନୁସାରେ, ଆଇପିଓ ଜରିଆରେ ୪୦ କୋଟି ଡଲାର ବା ପ୍ରାୟ ୩,୪୨୦ କୋଟି ଟଙ୍କା ସଂଗ୍ରହ ହେବ। ଏହି ଇସ୍ୟୁରେ କମ୍ପାନି ୫.୦୧ କୋଟି ସେୟାର ଜାରି କରିବ। ଏ ଆଇପିଓ ସମ୍ପୂର୍ଣ୍ଣ ଭାବେ ଅଫର୍ ଫର୍ ସେଲ୍ ବା ଓଏଫ୍ଏସ୍ ହେବ। ଇସ୍ୟୁ ଜରିଆରେ ଆଇଡିବିଆଇ ବ୍ୟାଙ୍କ

### ୪୦ କୋଟି ଡଲାର ସଂଗ୍ରହ ଲକ୍ଷ୍ୟ

ଲିମିଟେଡ, ନ୍ୟାସ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସମେତ କେତେକ ପ୍ରମୁଖ ନିବେଶକ ଏନ୍ଏସ୍‌ଡିଏଲ୍‌ରେ ନିଜ ସେୟାର ବିକ୍ରି କରିବେ। ତେବେ ଆଇପିଓ ଜରିଆରେ ଏନ୍ଏସ୍‌ଡିଏଲ୍ କୌଣସି ଆୟ ପ୍ରାପ୍ତ କରିବ ନାହିଁ। ଆସେଟ୍ ଅଣ୍ଡର୍ କଷ୍ଟଡି କ୍ଷେତ୍ରରେ ଏନ୍ଏସ୍‌ଡିଏଲ୍ ଦେଶର ସବୁଠାରୁ ବୃହତ୍ ଡିପୋଜିଟୋରି। ଏନ୍ଏସ୍‌ଡିଏଲ୍‌ର ଲିଷ୍ଟିଂର ପରିଚାଳନା ଆଇସିଆଇସିଆଇ ସିକ୍ୟୋରିଟିଜ୍ ଲିମିଟେଡ୍, ଏକ୍ସିସ୍ କ୍ୟାପିଟାଲ ଲିମିଟେଡ୍, ଏଚ୍ଏସ୍‌ବିସି ହୋଲ୍‌ଡିଙ୍ଗ୍‌ସ ଏବଂ ଆଇଡିବିଆଇ କ୍ୟାପିଟାଲ କରୁଛନ୍ତି। ତେବେ କମ୍ପାନି ପକ୍ଷରୁ ଏଯାବତ୍ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ।




## ଆଜିର ସୁନା ରୂପା ଦର



ଆଜି ପୁଣି ବଢ଼ିଲା ସୁନା ଦର। ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୪୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୨୧୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୪୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୨୧୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୪୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦, ୨୧୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୫୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୩୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୪୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦, ୨୧୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୪୧୦ ଓ ୯୦, ୨୧୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୮ , ୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି। ତଦନୁସାରେ ଦେଶର ଅନେକ ରାଜ୍ୟରେ ଆଜି ପେଟ୍ରୋଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। ଏହା ବ୍ୟତୀତ କିଛି ଏମିତି ରାଜ୍ୟ ଅଛି ଯେଉଁଠି ପେଟ୍ରୋଲ ଏବଂ ଡିଜେଲ ଦାମରେ କୌଣସି ପରିବର୍ତ୍ତନ ହୋଇନି। ଚାଲନ୍ତୁ ଜାଣିବା ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୮ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି।

### ବାଟବଣା ଶିଶୁ ଶ୍ରମିକ ନିରୋଧ ଆଇନ

# ଜିଲ୍ଲାରେ ୧୩ ବର୍ଷ ହେଲା ହେଉନି ସର୍ଭେ



**କଳାହାଣ୍ଡି,୧୨।୬(ସଂଚାର ବ୍ୟୁରୋ):** ଜୁନ ତାରିଖ ୧୨ । ସମଗ୍ର ବିଶ୍ୱରେ ପାଳନ କରାଯାଉଛି ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ । ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ଶିଶୁ ଅଧିକାରର ସୁରକ୍ଷା ସହ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଦିଗରେ ସୁଯୋଗ ଦେବା । ଦେଶରେ ଶିଶୁ ଶ୍ରମିକ ଭଳି ମାରାତ୍ମକ ବ୍ୟାଧି ରୋକିବା ପାଇଁ ଶିଶୁ ଶ୍ରମିକ (ନିରୋଧ ଓ କାର୍ଯ୍ୟକାରିତା) ଆଇନ ୧୯୮୬ କାର୍ଯ୍ୟକାରୀ କରାଯାଉଛି । ୧୪ ରୁ ୧୮ ବର୍ଷ ପର୍ଯ୍ୟନ୍ତ କିଶୋର କିଶୋରୀଙ୍କୁ ବିପଦଜନକ କାର୍ଯ୍ୟରେ ନିୟୋଜନ ବାରଣ କରାଯାଇଛି । ଧାରା ୩ରେ ବିପଦଜନକ କାର୍ଯ୍ୟରେ ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରିବା ଅପରାଧ ଭାବରେ ଗ୍ରହଣ କରାଯାଇଛି । ଧାରା ୯ ରେ ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରିଥିବା ବ୍ୟକ୍ତି/ସଂସ୍ଥା ତାଙ୍କ ଫାର୍ମ/ସଂସ୍ଥା ଆରମ୍ଭ କରିବାର ୩୦ ଦିନ ମଧ୍ୟରେ କେତେ ଜଣ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ବିଷୟ ବିବରଣୀ ସମ୍ପୃକ୍ତ ଶ୍ରମ ନିରୀକ୍ଷକଙ୍କୁ ଲିଖିତ ଭାବରେ ଜଣାଇବାର ବ୍ୟବସ୍ଥା ରହିଛି । ଧାରା ୧୧ ଅନୁସାରେ ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟକ୍ତି/ସଂସ୍ଥା ଯେତେ ଜଣ ଶିଶୁ ଶ୍ରମିକ ରଖିଥିବେ ବା ନିଯୁକ୍ତି ଦେଇଥିବେ ସେ ସମ୍ପର୍କିତ ଏକ ରେଜିଷ୍ଟର ରଖି ନାମ, ଜନ୍ମ ତାରିଖ ସହ ଠିକଣା ସାଙ୍ଗକୁ କାର୍ଯ୍ୟ କରିବାର ସମୟ ସହ ବିଶ୍ରାମ ସମୟ ସବୁ ବିଷଦ ଭାବରେ ଉଲ୍ଲେଖ କରିବାର ବ୍ୟବସ୍ଥା ରହିଛି । ଶ୍ରମ ନିରୀକ୍ଷକ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସେହି ରେଜିଷ୍ଟର ଯାଞ୍ଚ କରିବାର ବ୍ୟବସ୍ଥା ରହିଛି । ଧାରା ୩ର ଉଲଂଘନ ହେଲେ ନିଯୁକ୍ତି ଦେଇଥିବା ବ୍ୟକ୍ତି/ସଂସ୍ଥାର ମାଲିକଙ୍କୁ ଅନ୍ୟୁନ ୩ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ୧୦ ରୁ ୨୦ ହଜାର ଟଙ୍କା ଅର୍ଥ ଦଣ୍ଡର କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ କଳାହାଣ୍ଡି ଜିଲାରେ ଶତାଧିକ ଶିଶୁ ବିପଜ୍ଜନକ କାର୍ଯ୍ୟରେ ନିଯୋଜିତ ହୋଇଥିବା ପରିଲକ୍ଷିତ ହେଉଛି । କିନ୍ତୁ ଜଣେ ବି ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ହୋଇ ନାହିଁ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଶିଶୁ ଶ୍ରମିକ ରୋକିବା ସମ୍ପୂର୍ଣ୍ଣ ବିଫଳ ହୋଇଛି । ଅବହେଳା ଅବହେଳିତ, ଗାଡ଼ାକାଢ଼ ତଥା ବେଆଇନ ଭାବେ ବିଭିନ୍ନ ସ୍ଥାନରେ ନିୟୋଜିତ ଶିଶୁ ମାନଙ୍କୁ ଉଦ୍ଧାର କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପୁଲିସ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିଲା ମିଶନ 'ମୁସ୍କାନ', 'ସ୍ମାଇଲ୍' ଭଳି ବିଭିନ୍ନ କାର୍ଯ୍ୟକ୍ରମ । ଏସବୁ କାର୍ଯ୍ୟକ୍ରମରେ ପୁଲିସ ପ୍ରଶାସନ ସହ ଶ୍ରମ ବିଭାଗ, ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ ଆଦି ବିଭାଗ ସାମିଲ ଥିଲେ । କିନ୍ତୁ ଏହି ସବୁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଫଳରେ ଉଦ୍ଧାର ଶିଶୁ ପୁଣି ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଦେଖାଯାଉଛି । ୨୦୧୨ରେ ସର୍ଭେ ଅନୁଯାୟୀ ଜିଲାରେ ଶତାଧିକ ରୁ ଉର୍ଦ୍ଧ ଶିଶୁ ଶ୍ରମିକ ବିପଜନକ ଓ ଅଣ ବିପଜନକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ୧୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ଶିଶୁ ଶ୍ରମିକ ଚିହ୍ନଟ ସର୍ଭେ ହୋଇ ପାରିନାହିଁ । ଜିଲାର ବିଭିନ୍ନ ସହରରେ ରାଜ୍ୟ ବାହାର କିଛି ପରିବାର ଛୋଟ ପିଲାଙ୍କୁ ଆ ଧରି ଅତି ଦୟନୀୟ ଅବସ୍ଥାରେ ପଡ଼ି ରହିଛନ୍ତି । କିଛି ଶିଶୁ ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ସାମଗ୍ରୀ, ଲୁହା ଆଦି ବୁଲିବୁଲି ଗୋଟାଉଥିଲେ ମଧ୍ୟ ଏମାନଙ୍କ ଉପରେ କାହାରି ନଜର ପଡ଼ି ପାରିନାହିଁ । ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ । ଶିଶୁ ଶ୍ରମିକ ବନ୍ଦ ପାଇଁ ଶ୍ରମ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେଦପ ଗ୍ରହଣ କରାଯାଉ ଥିଲେ ମଧ୍ୟ କେବଳ କାଗଜ କଲମରେ ଚାଲୁଥିବା ପରିଲିକ୍ଷିତ ହୁଏ ।

## ‘ବିକାଶ ବାହନ’ର ଶୁଭାରମ୍ଭ କଲେ ଉପ ମୁଖ୍ୟମନ୍ତ୍ରୀ



**ବ୍ରହ୍ମପୁର,୧୨।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ସର୍କିଟ୍ ହାଉସ ଠାରେ 'ବିକାଶ ବାହନ'ର ଶୁଭାରମ୍ଭ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ। ଆଜି ଠାରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ଯାନ ମହାନଗର ନିଗମର ସମସ୍ତ ୪୨ଟି ୱାର୍ଡରେ ବୁଲି ଲୋକଙ୍କୁ ସରକାରଙ୍କ ବିକାଶ ମୂଳକ ପଦକ୍ଷେପ ସହ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବ। ରାଜ୍ୟରେ ନୂତନ ସରକାରଙ୍କୁ ଏକ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକେ ଯେପରିଭଳି ସହଜରେ ଅବଗତ ହେବେ ଏବଂ ଏହାର ସୁଫଳ ପାଇବେ ତାକୁ ଦୃଷ୍ଟିରେ ରଖି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଏହି ଭେନ୍ ରେ ଏକ ଏଲଇଡି ଡିସପ୍ଲେ ରହିଛି। ଯେଉଁଥିରେ ସମସ୍ତ ସରକାରୀ ଯୋଜନା ଠାରୁ ଆରମ୍ଭ କରି ଆଗାମୀ ପଦକ୍ଷେପ ଓ ଅପହଞ୍ଚ ଲୋକଙ୍କ ପାଖରେ ସବୁ ସ୍କିମ୍ ର ସୁବିଧା କିଭଳି ପହଂଚିବ ସେନେଇ ସଚେତନ ସହ ଲୋକଙ୍କୁ ଅବଗତ କରାଯିବ ଏଥିସହ ଭିଡିଓ ପ୍ରଦର୍ଶିତ ହେବ। ଏହାର ଶୁଭାରମ୍ଭ ସମୟରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ,ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲାର ଅଧିକାଂଶ ବିଧାୟକ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାପିଲା ଝାଡ଼ାବାନ୍ତି , ସକାଳ ସୁଦ୍ଧା ଧର୍ମଶାଳାରେ ୬୮ ରୋଗୀ

**ଧର୍ମଶାଳା,୧୨।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ମଙ୍ଗଳବାର ଦିନ ଠାରୁ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ୯୩ଜଣ ବୁଧବାର ୫୮ଜଣ ମୋଟ ବୁଧବାର ସଂଧ୍ୟା ସୁଦ୍ଧା ୧୫୧ଜଣ ରୁ ଅଧିକ ଚିକିତ୍ସିତ ହୋଇଥିବାବେଳେ ଗୁରୁବାର ସକାଳ ସୁଦ୍ଧା ୬୮ ଜଣ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେଥିମଧ୍ୟରୁ ୨୩ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବାବେଳେ ୩ ଜଣଙ୍କୁ ଅନ୍ୟ ମେଡିକାଲକୁ ପଠାଯାଇଥିବା ସୂଚନା ମିଳିଛି। ସକାଳୁ ଜିଲାରେ ଆଉ ୨ ଜଣଙ୍କ ମତ୍ୟୁ ହୋଇଥିବା ସିଡିଏମଓ ସୂଚନା ଦେଇଛନ୍ତି।

## ବ୍ଲକ ଅଞ୍ଚଳରେ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡର ଚଢ଼ାଉ



**ବରଗଡ଼,୧୨।୬ (ସଂଚାର ବ୍ୟୁରୋ):** ଅଜି ବରଗଡ଼ ବ୍ଲକ ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ ସିଓଟିପିଏ -୨୦୦୩ (ତମାଖୁ ନୀୟନ୍ତ୍ରଣ) ନୀୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୫୪ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୧୦୩୫୦/ - ଜୋରିମାନା ସଂଗ୍ରହ କରାଯିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜ ରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଗଲା। ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲ୍ଲା ପରମର୍ଶଦାତା ସ୍ୱାଗତିକା ବେହେରା, ଅବକାରୀ ବିଭାଗରୁ ଏସ. ଆଇ. ଅବଦୁଲ ଅନୱ୍ୱର, ଏ. ଏସ. ଆଇ. ମଳୟ କୁମାର ପ୍ରଧାନ ଏବଂ ପୋଲିସ ବିଭାଗରୁ ଚିନ୍ମୟ କାଲ ଓ କାର୍ତ୍ତିକ ଭୂଏ ଉପସ୍ଥିତଥିଲେ।

## ପ୍ରାନ୍ତ ଅଭ୍ୟାସ ବର୍ଗରେ କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଦାୟିତ୍ୱ

**ସୁନ୍ଦରଗଡ,୧୨।୬ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ଅଭ୍ୟାସ ବର୍ଗ ଗତ ଜୁନ ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ବରଗଡ଼ର କ୍ରିଷ୍ଟା ବିକାଶ ଶିକ୍ଷାନୁଷ୍ଠାନରେ ୪ ଦିନ ଧରି ଚାଲିଥିଲା। ଏଥିରେ ଓଡ଼ିଶା ପଶ୍ଚିମ ପ୍ରାନ୍ତର ୧୪ ଟି ସାଙ୍ଗଠନିକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ରୁ ୨୮୨ ଜଣ ଛାତ୍ରଛାତ୍ରୀ ଆସି ଯୋଗଦାନ କରିଥିଲେ। ପ୍ରାନ୍ତ ଅଭ୍ୟାସ ବର୍ଗର ଉଦଘାଟନୀ ସତ୍ରରେ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ୍, ପ୍ରାନ୍ତ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ପ୍ରାନ୍ତ ସଭାପତି ଡ. ସଂଜୀବ କୁମାର ନାଏକ ଓ ପ୍ରାନ୍ତ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇ ବିଶେଷ ଉପସ୍ଥିତ ଥିଲେ । କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ୍ 'ସଦସ୍ୟତା ଓ ଶାଖା ଗଠନ' ଶୀର୍ଷକ ବିଷୟରେ ଉପସ୍ଥାପନା ରଖିଥିଲେ । ଏବିଭିପିର ରାଷ୍ଟ୍ରୀୟ ସହ ସଂଗଠନ ସମ୍ପାଦକ ଗୋବିନ୍ଦ ନାୟକ 'ଯଶବନ୍ତ ରାଓ ଙ୍କ ଜୀବନୀ ମାଧ୍ୟମରେ କାର୍ଯ୍ୟକର୍ତ୍ତା ବିକାଶ' ଶୀର୍ଷକ ବିଷୟ ଉପସ୍ଥାପନା ରଖିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କୁ 'ସୁଗୁଣର ଚର୍ଚ୍ଚା ସର୍ବତ୍ର, ଦୋଷର ଚର୍ଚ୍ଚା ଯଥା ସ୍ଥାନେ' ର ଆହ୍ୱାନ ଦେଇଥିଲେ । ଏବିଭିପି ବିଦର୍ଭର ପ୍ରାନ୍ତ ସଂଗଠନ ସମ୍ପାଦକ ବିକ୍ରମଜିତ କଲାନେ 'କାର୍ଯ୍ୟପଦ୍ଧତି' ଶୀର୍ଷକ ବିଷୟ ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥାପନା ଦେଇଥିଲେ ଓ 'ନିଜର ପ୍ରତି କଠୋରତା ଓ ଅନ୍ୟ ପାଇଁ ଉଦାରତା' ମନୋଭାବକୁ ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅଭ୍ୟାସ ବର୍ଗରେ ଅନେକ ପୁରାତନ କାର୍ଯ୍ୟକର୍ତ୍ତା ତଥା ମାର୍ଗଦର୍ଶକ ଉପସ୍ଥିତ ରହି ନିଜର ବହୁ ମୂଲ୍ୟବାନ ସମୟ ଦେଇଥିଲେ ।

## ବିଜେପି ରାଜ୍ୟ ସରକାରଙ୍କ ୧ ବର୍ଷର ଉପଲବ୍ଧି ବଖାଣିଲେ



**କଳାହାଣ୍ଡି,୧୨।୬(ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାରକୁ ଏକବର୍ଷ ପୁରିଛି । ଏହି ଅବସରରେ ଆସନ୍ତା ୨୦ ତାରିଖ ଦିନ ରାଜ୍ୟବ୍ୟାପି ତା'ର ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଛି । ଡବଲ ଇଞ୍ଜିନ ସରକାରର ଏକ ବର୍ଷର ସଫଳ ଗାଥା କହିବା ସହ ୨୪ ବର୍ଷରେ ଯାହା ହୋଇନଥିଲା ଏକ ବର୍ଷରେ କରି ଦେଖାଇଲୁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ପରିବାରକଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କଳାହାଣ୍ଡି ଗସ୍ତରେ ଆସି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ବର୍ଷକର ସଫଳ ଯାତ୍ରାରେ ଲୋକଙ୍କ ଆଶା ପୂରଣ କରିଛୁ । ଆମ ସଂକଳ୍ପ ପତ୍ରରେ ୨୧ଟି ବିଷୟକୁ ନେଇ ଲୋକଙ୍କ ପାଖକୁ ଯାଇଥିଲୁ ସେଥିମଧ୍ୟରୁ ୧୧ଟି ବିଷୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୧୦ ଟି ଯୋଜନା କାର୍ଯ୍ୟ ଆରମ୍ଭହୋଇଛି । ଯେଉଁଦିନ ଆମ ସରକାର ଶପଥ ଗ୍ରହଣ କଲା ସେହିଦିନ ୨ ଟି ପ୍ରମୁଖ ନିଷ୍ପତ୍ତି ନେଇଥିଲୁ । ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସହ ସୁଭଦ୍ରା ଯୋଜନା ଲାଗୁ କରିଥିଲୁ । ରତ୍ନଭଣ୍ଡାର ମରାମତି ଓ ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଥିଲା । ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ଧାନର ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।ସୁଭଦ୍ରା ଯୋଜନାରେ ଏକ କୋଟିରୁ ଉର୍ଦ୍ଧ ଲୋକଙ୍କୁ ସାମିଲ କରାଯାଇଛି । ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବରେ ସୃଷ୍ଟି କରାଯାଇଛି । କୃଷି ଯୋଜନାରେ ୩୭ହଜାର ୮୦୦ କୋଟି ଟଙ୍କାର ବଜେଟ କରିଛୁ। କଳାହାଣ୍ଡି ଜିଲ୍ଲାର ବିକାଶ ପାଇଁ ମୂଖିଗୁଡା ଠାରେ ଅପର ଇନ୍ଦ୍ରାବତୀ ତଳେ ୩୬୦୦ କୋଟି ଟଙ୍କାର ଏକ ପ୍ରକଳ୍ପ ନିର୍ମାଣ ହେବ। ଯେଉଁଠି ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେବ । ଇନ୍ଦ୍ରାବତୀ ବାମ କେନାଲରେ ୫୨ କାମ ହେବ । ଏହା ହେଲେ ୮୦ ହଜାର ହେକ୍ଟର ଅଧିକ ଜମିକୁ ପାଣି ଲାଗିପାରିବ ବୋଲି କହିଥିଲେ ।

## ଘର ମିଳିଯିବ ବୋଲି ପତ୍ର ପାଇଲେ ହେଲେ ଏପର୍ଯ୍ୟନ୍ତ ମିଳୁନି ଆବାସ ଗୃହ : ଭଙ୍ଗା ଘରେ ବିତୁଛି ଜୀବନ



**ଖପ୍ରାଖୋଲ,୧୨।୬ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ର ଖପ୍ରାଖୋଲ ବ୍ଲକ ଏକ ପଛୁଆ ଅଞ୍ଚଳ ଖପ୍ରାଖୋଲ ବ୍ଲକ ର ୨୧ ଗୋଟି ପଞ୍ଚାୟତ ରୁ ପ୍ରତି ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିଯାଇଥାନ୍ତି। ବାହାର ରାଜ୍ୟ ରେ କେତେ ଜଣ ଶ୍ରମିକ ଜୀବନ ହରାଉଛନ୍ତି ଏହା ସତ୍ୱେ ଖପ୍ରାଖୋଲ ଅଞ୍ଚଳ ରୁ ଶ୍ରମିକ ମାନେ ଯାଉଛନ୍ତି ଏହାର କାରଣ ଖପ୍ରାଖୋଲ ବ୍ଲକର ଅନେକ ଶ୍ରମିକ ମାନେ ସରକାରଙ୍କ ଯୋଜନାରୁ ବଞ୍ଚିତ ରହୁଛନ୍ତି । ଏପରି ଏକ ପରିବାର ଦେଖିବାକୁ ମିଳୁଛି ଖପ୍ରାଖୋଲ ପଞ୍ଚାୟତ ର ମହୁରୁଣ୍ଡି ଗ୍ରାମରେ । ୨୦ ବର୍ଷ ହେବ ସ୍ୱର୍ଗତ ବାପା ଭାସ୍କର ସାହାଣୀ ଓ ମାଁ ରାଧେ ସାହାଣୀ ଙ୍କ ପୁଅ ସୁରେନ୍ଦ୍ର ସାହାଣୀ (୩୦) ଓ ସ୍ତ୍ରୀ ଲକ୍ଷ୍ମୀ ସାହାଣୀ (୨୮) ଙ୍କ ଗୋଟିଏ ଝିଅ ଓ ଦୁଇଟି ପୁଅ ଅଛନ୍ତି । ସରକାରୀ ସହୟତା ଆବାସ ଘର, କାଳିଆ ଯୋଜନା ଓ ଅନ୍ୟ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏହି ଦାଦନ ଶ୍ରମିକ ପରିବାର ର ରହିବା ପାଇ ଘର ନାହିଁ । ଝାଟି ମାଟି ନଡ଼ା ଛପର ଘରେ ବର୍ଷା ମାସରେ ପାଣିରେ ଭିଜି ଭିଜି ରହୁଛନ୍ତି । ଏହି ପରିବାର ଅନେକ ଥର ସରକାରୀ ଯୋଜନା ପାଇଁ ଆବେଦନ କଲେ ମଧ୍ୟ କିଛି ସୁବିଧା ପାଇ ପାରୁନାହାନ୍ତି । ଆବାସ ଘର ଖଣ୍ଡେ ପାଇବା ପାଇଁ ୨୦୨୪ ବର୍ଷରେ ଅନଲାଇନ ଜନଶୁଣାଣି ପୋଟାଲ ରେ ଘର ସକାସେ ଅଭିଯୋଗ କରି ଥିଲେ ଏବଂ ଘର ମିଳିଯିବ ବୋଲି ପତ୍ର ପାଇ ଥିଲେ ହେଲେ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଘର ମିଳି ପାରିନାହିଁ । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଦାଦନ ଶ୍ରମିକ ର ପରିବାର ଉପକୃତ ହୋଇ ପାରିବେ ।

## ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ମେଳା ଅନୁଷ୍ଠିତ




**ସୁନ୍ଦରଗଡ,୧୨।୬ (ସଂଚାର ବ୍ୟୁରୋ):** ଗୁରୁବାର ରାଜ୍ୟରେ ବିଜେପି ସରକାରକୁ ଏକ ବର୍ଷ ପୂରଣ ହୋଇ ଯାଇଛି। ବର୍ଷ ପୁର୍ତ୍ତି ଉପଲକ୍ଷେ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଛି ବିକାଶ ମେଳା।ଏହି ପରିପେକ୍ଷୀରେ ସୁନ୍ଦରଗଡ ସ୍ଥାନୀୟ ଯତରା ପଡିଆରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକାଶ ମେଳା ଅନୁଷ୍ଠିତ ହୋଇ ଯାଇଛି।ଏହି ବିକାଶ ମେଳାରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୁଝାରୀ, ସମ୍ମାନିତ ଅତିଥି ଭାବରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲ୍ଲି ବିଧାୟକ ଦୁର୍ଗା ତନ୍ତୀ,ପୌରଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇ ପ୍ରଦ୍ୱିପ ପ୍ରଜ୍ୱଳନ କରି ବିକାଶ ମେଳାର ଶୁଭ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ସମୟରେ ଲୋକଙ୍କୁ ଦେଇଥିବା ୨୧ ଟି ସଂକଳ୍ପ ମଧ୍ୟରୁ ବର୍ତ୍ତମାନ ଯାଏ ୧୧ ଟି ପୁରଣ ହୋଇସାରିଛି ଏବଂ ଆଗାମୀ ଦିନରେ ବାକି ରହିଥିବା ସଂକଳ୍ପକୁ ପୁରା କରିବା ସହ ଲୋକଙ୍କ ନିକଟତର ହେବା ପାଇଁ କାମ କରିବୁ ବୋଲି କହିଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ। ଏକ ବର୍ଷ ମଧ୍ୟରେ କରିଥିବା କାମର ମାର୍କ ଲୋକେ ଦେବେ ବୋଲି ମନ୍ତ୍ରୀ କହିବା ସହ ରାଜସ୍ୱ ବିଭାଗକୁ ଆଧୁନିକ କରଣ କରଣ କରିବା ସହ କିଭଳି ଭାବରେ ସୁନ୍ଦରଗଡ ଜିଲ୍ଲାକୁ ରାଜ୍ୟର ୧ ନମ୍ବର ଜିଲ୍ଲା କରାଯିବ ସେଥିପାଇଁ ସମସ୍ତ ଉଦ୍ୟମ କରାଯିବ କହିଥିଲେ ମନ୍ତ୍ରୀ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କୁ ମନ୍ତ୍ରୀ କାର୍ଯ୍ୟାଦେଶ ସହ ସମ୍ବର୍ଦ୍ଧିତ କରିଥିଲେ। ବିକାଶ ମେଳାରେ ପାରମ୍ପାରିକ ଖାଦ୍ୟ ମେଳା ସହ ବିଭିନ୍ନ ବିଭାଗର ଷ୍ଟଲ ଖୋଲା ଯାଇଥିବା ବେଳେ ମନ୍ତ୍ରୀ ଷ୍ଟଲ ବୁଲିବା ସହ ଖାଦ୍ୟ ଖାଇ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ। ଜନସାଧାରଣଙ୍କୁ ରାଜ୍ୟସରକାରଙ୍କ ସରକାରୀ ଯୋଜନା ଗୁଡିକ ବିଷୟରେ ସଚେତନ କରିବା ଏବଂ ସେମାନେ ଏହାର ଲାଭ କେମିତି ଉଠାଇପାରିବେ ତାହା ହେଉଛି ବିକାଶ ମେଳାର ମୁଖ୍ୟ ଉଦେଶ୍ୟ।

**ଯୋଗଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ**

## ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ରୋଗ ପାଇଁ ଯୋଗ ଉପରେ ସଚେତନତା ଅଭିଯାନ



**ସୁବର୍ଣ୍ଣପୁର,୧୨।୬(ସଂଚାର ବ୍ୟୁରୋ):** ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସୁବର୍ଣ୍ଣପୁର ତରଫରୁ ରୋଗ ପାଇଁ ଯୋଗ କାର୍ଯ୍ୟକ୍ରମ ଉପରେ ଏକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଆଜି ସକାଳ ୬ (ଛଅ) ଘଣ୍ଟା ସମୟରେ ସୋନପୁର ସ୍ମାର୍ଟ ପାର୍କ ଠାରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ତରଫରୁ ଆୟୋଜିତ ଏକ ଯୋଗ ପ୍ରଶିକ୍ଷଣ ଶିବିର ଓ ସଚେତନତା ଅଭିଯାନ (ରୋଗ ପାଇଁ ଯୋଗ) ଅନୁଷ୍ଠିତ ହୋଇ ଯାଇଅଛି। ଦିବ୍ୟ ଉର୍ଯ୍ୟା ଯୋଗ ସେବା ସମିତି ଓ ଶ୍ରୀ ଗୋପାଳଜୀ ଯୋଗାଳୟ ର ମିଳିତ ସହଯୋଗ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ୱଚ୍ଛ ଭାରତ ସଂଗଠନ, ମହିଳା ଯୋଗ ସେବା ସମିତି, ସୁବର୍ଣା ନାରୀ ଜାଗରଣ କେନ୍ଦ୍ର, ଜିଲ୍ଲା ଯୋଗ ସେବା ସମିତି ର ସମସ୍ତ ସଦସ୍ୟ ଙ୍କ ସମେତ ସହର ର ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ମିଡିଆ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ଯୋଗାଚାର୍ଯ୍ୟ ଗରେଖି ନାଥ ସାହୁ, ଡ଼ଃ ଜ୍ୟୋତି ରଞ୍ଜନ ବହିଦାର, କବି ଓ ଗାଳ୍ପିକ ଡ଼ଃ ଆର୍ତ୍ତ ତ୍ରାଣ ବାବୁ, ଯୋଗାଚାର୍ଯ୍ୟ ମନୋଜ ପଣ୍ଡା ଆଜି ଶିବିର ରେ ଯୋଗ ପ୍ରଶିକ୍ଷଣ ଦେଇ ଉପସ୍ଥିତ ନାଗରିକ ଙ୍କୁ ସଚେତନ କରି ଥିବା ବେଳେ ବରିଷ୍ଠ ନାଗରିକ ସଂଘ ର ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଡ ସନ୍ତୋଷ କୁମାର ପାଢୀ, ବ୍ୟୋମକେଶ ଦାଶ, ସଂପାଦକ ଶ୍ରୀବନ୍ତ ମିଶ୍ର, କୋଡ଼ିନେଟର ମନୋରଂଜନ ତ୍ରୀପାଠୀ, ସାମ୍ବାଦିକ ସଞ୍ଜୟ ସାହୁ, ମହାଦେବ ମଲ୍ଲିକ, ସ୍ମାର୍ଟ ପାର୍କ କର୍ମଚାରୀ ହରି ଶଙ୍କର ଚୌଧୁରୀ ପ୍ରମୁଖ ଗୋପାଲ୍ଜି ଯୋଗାଳୟ ଓ ଦିବ୍ୟ ଉର୍ଯ୍ୟା ଯୋଗ ସମିତି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଗୃହକର୍ତ୍ତାଙ୍କୁ ହାଣି ଲୁଟିନେଲେ ସର୍ବସ୍ୱ



**ଜଳେଶ୍ୱର,୧୨।୬(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ସୋର ଥାନା ଅଧିନସ୍ଥ ମ୍ୟୁନିସିପାଲିଟିରେ ଘରେ କେହି ନ ଥିବାବେଳେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି ଲୁଟେରା। ଏହି ସମୟରେ ଗୃହକର୍ତ୍ତା ପହଞ୍ଚିଯିବାରୁ ଜଣେ ଲୁଟେରା ତାଙ୍କୁ ଆକ୍ରମଣ କରିଛନ୍ତି। ଅନ୍ନପୂର୍ଣ୍ଣା ରାଇସ୍ ମିଲର ହିମାଂଶୁ ଶେଖର ଦାସ (ତପନ)ଙ୍କ ଘରେ ବୁଧବାର ରାତି ୧୧ଟା ୩୦ରେ ଘରେ କେହିନଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ, ହିମାଂଶୁ ତାଙ୍କ ଘର ତାଲା ପ୍ରକାଇ ପରିବାର ସହିତ ଏକ ଉତ୍ସବରେ ଯୋଗଦେବା ପାଇଁ ଭଦ୍ରକ ପାଇଥିଲେ। ସେଠାରୁ ୧୧ଟା ୪୫ରେ କାର୍‌ରେ ଘରକୁ ଫେରିଥିଲେ। କାର୍‌ଟି ଘର ସାମ୍ନାରେ ରଖିବା ପରେ ଦେଖିଲେ ଯେ, ଗେଟ ଓ କବାଟ ମେଲାଅଛି। ସେ ସଙ୍ଗେ ସଙ୍ଗେ ଘର ଭିତରକୁ ପଶିବା କ୍ଷଣି ଦେଖିଲେ ୪ରୁ ୫ ଜଣ ବାଉଣ୍ଡାରୀ ଡେଇଁ ପଳାଇଗଲେ ଓ ଜଣେ ଘର କବାଟ କ'ଣରେ ଛିଡାହୋଇଥିଲେ। ସମ୍ପୃକ୍ତ ଲୁଟେରାକୁ କାବୁ କଲା ବେଳେ ଦୀର୍ଘ ଅଧଘଣ୍ଟା ଧରି ସଂଘର୍ଷ ହୋଇଥିଲା। ଏଥିରେ ଲୁଟେରା ଜଣକ ଏକ ଭୁଜାଲିରେ ତାଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ହିମାଂଶୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବି ଛାଡ଼ି ନ ଥିଲେ।

## ଡାକ୍ତରଖାନାରେ ଜନ୍ମମୃତ୍ୟୁ ସାର୍ଟିଫିକେଟ ଦେବା କର୍ମଚାରି ମରୁଡି



**କଳାହାଣ୍ଡି,୧୨।୬(ସଂଚାର ବ୍ୟୁରୋ):** ସମାଜର ଅସହାୟ ଲୋକଙ୍କୁ ସାମାଜିକ ସ୍ତରରେ ସୁରକ୍ଷା ପ୍ରଦାନ କରାଯିବା ଲକ୍ଷ୍ୟ ନେଇ ସରକାର ସାମାଜିକ ସୁରକ୍ଷା ଯୋଜନା ଯୋଜନା କାର୍ଯ୍ୟକାରୀ କରିଛନ୍ତି ଓ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଏବଂ ବିଧବାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ସହାୟତା ପ୍ରଦାନ କରିବା ହେଉଛି ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଏଥିପାଇଁ ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ସରକାରଙ୍କୁ ବିଭିନ୍ନ ଯୋଗ୍ୟ ପ୍ରମାଣପତ୍ର ଦେବାକୁ ପଡ଼ିଥାଏ ଓ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୟସ ପ୍ରମାଣ ପାଇଁ ଆଧାର୍ କିମ୍ବା ଭୋଟର ପରିଚୟ ପତ୍ର ଦେବାକୁ ପଡ଼ିଥାଏ । ସେହିଭଳି ବିଧବା ଭତ୍ତା ପାଇବା ପାଇଁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଏବଂ ଭିନ୍ନକ୍ଷମ ଭତ୍ତା ପାଇବା ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନରେ ସଂଲଗ୍ନ କରିବାକୁ ପଡ଼ିଥାଏ । ହେଲେ ବେଳେ ବେଳେ ଏସବୁ ପ୍ରମାଣପତ୍ରରେ ବିଭିନ୍ନ ତ୍ରୁଟି ରହୁଥିବା ଯୋଗୁଁ ଲୋକେ ସରକାରୀ ସୁବିଧା ସୁଯୋଗ ପାବାରୁ ବଞ୍ଚିତ ହେଉଛନ୍ତି ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କିଆପଦର ପଞ୍ଚାୟତ ଡାଲଗୁମା ଗ୍ରାମରେ ଏହା ଦେଖିବାକୁ ମିଳିଛି। ଏହି ଗାଁର କୁଗଞ୍ଜି ମାଝୀ ତାଙ୍କ ସ୍ୱାମୀଙ୍କୁ ହରାଇବା ଏହା ଭିତରେ ୫ ବର୍ଷ ହୋଇ ଗଲାଣି । ୩ ଛୁଆଙ୍କୁ ବହୁ କଷ୍ଟରେ ଆହର ଦେଉଛନ୍ତି ଓ ସ୍ୱାମୀ ରୁପା ମାଝୀ ୨୦୧୯ ରେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ସେ ନୟାନ୍ତ ହୋଇସାରିଲେଣି । ମୃତ୍ୟୁ ପ୍ରମାଣପତ୍ର ନ ଥିବା ଯୋଗୁଁ ସେ ବିଧବା ଭତ୍ତାରୁ ବଞ୍ଚିତ ହେବାକୁ ପଡ଼ିଛି ଓ ପରିବାର ପ୍ରତିପୋଷଣ କରୁଥିବା ଘରର ମୁରବି ଚାଲିଗଲା ପରେ ଏବେ କୁଗଞ୍ଜିଙ୍କ ଉପରେ ସବୁ ବୋଝ । ୨ ନାବାଳକ ପୁଅ ଓ ଗୋଟିଏ ନାବାଳିକା ଝିଅଙ୍କୁ ନେଇ ସେ ଅଭାବ ଭିତରେ ଚଳୁଛନ୍ତି। ଅନ୍ୟପକ୍ଷେ ଥୁଆମୂଳ ରାମପୁର ଡାକ୍ତରଖାନାର ଜନ୍ମମୃତ୍ୟୁ ପ୍ରମାଣପତ୍ର କର୍ମଚାରୀ ପଦ ଖାଲି ପଡ଼ିଛି। ଏହା ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ପ୍ରମାଣପତ୍ର ପାଇଁ ଦୂରଦୂରାନ୍ତରୁ ଆସି ନିରାଶ ହୋଇ ଫେରି ଯାଉଛନ୍ତି । ବିଭାଗୀୟ ଅଧିକାରୀ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏପରି ସ୍ଥଳେ କୁଗଞ୍ଜିଙ୍କୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର କିପରି ମିଳିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

## ବିଦ୍ୟାର୍ଥୀଙ୍କୁ ବସ,ଟ୍ରେନରେ ଯାତ୍ରା ଦେୟମୁକ୍ତ କରିବା ପାଇଁ ଦାବି



**ପାରଳାଖେମୁଣ୍ଡି ,୧୨।୬ (ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଜିଲ୍ଲା କଂଗ୍ରେସ ସଭାପତି ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ବସ,ଟ୍ରେନ ଭଡା ଦେୟମୁକ୍ତ କରିବା ଦାବିରେ ଏକ ବିକ୍ଷୋଭ ରାଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲା ପରିବହନ କାର୍ଯ୍ୟଳୟରେ ପହଞ୍ଚି ଜିଲ୍ଲା ପରିବହନ କାର୍ଯ୍ୟାଳୟ ଘେରାଉ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ିବା କିମ୍ବା କୌଣସି ପରୀକ୍ଷା ନିମନ୍ତେ କୌଣସି ବାହାର ସ୍ଥାନକୁ ଯିବାପାଇଁ ଦେୟମୁକ୍ତ ଯାତ୍ରା କରିବାକୁ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି । ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଜିଲ୍ଲା ପରିବହନ ଅଧିକାରୀ ତୁଷାର କୁମାର ହେମ୍ବ୍ରମଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଂଗ୍ରେସର ଦାବିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି ।

## ବିଷାକ୍ତ ସାପ ଚୋଟରେ, ଚାଲିଗଲା ସ୍ତ୍ରୀ-ସ୍ୱାମୀଙ୍କ ଜୀବନ

**କେନ୍ଦୁଝର,୧୨।୬ (ସଂଚାର ବ୍ୟୁରୋ):** ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସାପ କାମୁଡ଼ା ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ନାମ ନନ୍ଦୀ ଜରେଇ ( ୩୫) ଓ ବବିତା ଜରେଇ (୩୦) ବୋଲି ଜଣାପଡ଼ିଛି। ସେମାନଙ୍କ ଘର ଚମ୍ପୁଆ ସୀମାନ୍ତ ଝାରଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଜରପାଇ ଗ୍ରାମରେ। ସେମାନଙ୍କ ତିନି ଜଣ ପୁଅ ଝିଅ ଅଛନ୍ତି। ଗତକାଲି ସେମାନେ ଖାଇପିଇ ଶୋଇ ଥିଲେ। ଏକ ବିଷାକ୍ତ ସାପ କାମୁଡ଼ି ଦେବାରୁ ଦୁଇ ଜଣ ଅସୁସ୍ଥ ହୋଇ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ପହଞ୍ଚିବା ବେଳକୁ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ସ୍ତ୍ରୀର ମୃତ୍ୟୁ ହୋଇଥିଲା। ଚମ୍ପୁଆ ପୋଲିସ ଦୁଇ ମୃତଦେହକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଅପେକ୍ଷା କରିଛି।






# ହୃତ୍‌ପିଣ୍ଡ ଅସ୍ତ୍ରୋପଚାରରେ ରୋବଟ୍ ଆଗରେ


ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପ୍ରସଙ୍ଗରେ ସାଉଦି ଆରବର କିଙ୍ଗ୍ ଫୈଜଲ୍ ସ୍ପେସିଆଲିଷ୍ଟ୍ ହସ୍ପିଟାଲ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର୍ ହାସଲ କରିଥିବା ଏକ ବିରଳ କୃତିତ୍ୱ ଏବେ ଭେଷଜ ବିଜ୍ଞାନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ୨୦୧୯ ମସିହାରେ ସେଠାରେ ରୋବଟ୍ ସାହାଯ୍ୟରେ ଅସ୍ତ୍ରୋପଚାର ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାରର ପାଖାପାଖି ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ସଂପନ୍ନ ହୋଇସାରିଛି। ତେବେ ସେଥି ମଧ୍ୟରେ ସଫଳତା ହାର ୯୮ ପ୍ରତିଶତ ରହିବା ହିଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଉକ୍ତ ଡାକ୍ତରଖାନାର ଏହି ଅନନ୍ୟ କୃତିତ୍ୱ ତାହାକୁ ବିଶ୍ୱସ୍ତରରେ ରୋବଟ୍ ଦ୍ୱାରା ହୃତ୍‌ପିଣ୍ଡ ଚିକିତ୍ସାରେ ଅଗ୍ରଣୀ ଅନୁଷ୍ଠାନ ହେବାର ଗୌରବ ଅର୍ପଣ କରିଛି। ଏଥି ସହିତ ରୋଗୀମାନଙ୍କ ମଧ୍ୟରେ ପାରମ୍ପରିକ ଅସ୍ତ୍ରୋପଚାର ପଦ୍ଧତି ଅପେକ୍ଷା ରୋବଟ୍ ଅସ୍ତ୍ରୋପଚାରର ଚାହିଦା ବଢ଼ିବାରେ ଲାଗିଛି। ଏହି ଡାକ୍ତରଖାନାରେ ପ୍ରଥମ ବର୍ଷ ମଲ୍‌ଟି-ଭାଲ୍‌ଭ ଅସ୍ତ୍ରୋପଚାର ଓ ଏରୋଟିକ୍ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ୍ ପରି ୧୦୫ଟି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ଖାଲି ସେତିକି ନୁହେଁ, ସେଠାରେ ୧୮ ବର୍ଷରୁ କମ୍ ବୟସର ରୋଗୀଙ୍କ ଠାରେ ମଧ୍ୟ ରିଅପରେଟିଭ୍ ହାର୍ଟ ସର୍ଜରି ପରି ଅତି ବିପଦପୂର୍ଣ୍ଣ ଚିକିତ୍ସା ସଫଳତାର ସହ କରାଯାଇପାରୁଛି।

ସୂଚନାଯୋଗ୍ୟ, ଏ ପ୍ରକାର ରୋବଟ୍ ଅସ୍ତ୍ରୋପଚାରରେ ରୋଗୀ ଦେହରୁ ଖୁବ୍ କମ୍ ରକ୍ତ ନଷ୍ଟ ହେବା ସହ ଯାନ୍ତ୍ରିକ ଭେଣ୍ଟିଲେସନ୍ ବ୍ୟବସ୍ଥାର ଅବଧି ମଧ୍ୟ କମ୍ ରହୁଛି। ଫଳରେ ରୋଗୀମାନେ ଅପେକ୍ଷାକୃତ କମ୍ ସ୍ୱାସ୍ଥ୍ୟ ଜଟିଳତା ସାମନା କରିବା ସହ ଶୀଘ୍ର ଆରୋଗ୍ୟ ଲାଭ କରିପାରୁଛନ୍ତି। ଏଥି ସହିତ ଏହି ରୋବଟ୍ ଅସ୍ତ୍ରୋପଚାର ପଦ୍ଧତିରେ ରୋଗୀ ଶରୀରରେ ଖୁବ୍ କମ୍ କ୍ଷତ ହେଉଥିବାରୁ ସେମାନଙ୍କ ଡାକ୍ତରଖାନା ରହଣି କାଳ ମଧ୍ୟ ୫୦ ପ୍ରତିଶତ କମିଯାଉଛି। ଫଳସ୍ୱରୂପ ରୋଗୀର ସାମୂହିକ ଚିକିତ୍ସା ଖର୍ଚ୍ଚ ୪୦ ପ୍ରତିଶତ କମିଯାଉଛି। ସବୁଠୁ ବଡ଼ କଥା ହେଲା, ଅସ୍ତ୍ରୋପଚାର ପରେ ରୋଗୀଟିଏ ଶୀଘ୍ର ସ୍ୱାଭାବିକ ଦୈନନ୍ଦିନ ଜୀବନ ଯାପନ କରିପାରୁଛି।

**୨୦୧୯ରୁ ବର୍ତ୍ତମାନ ସୁଦ୍ଧା ସାଉଦିରେ ରୋବଟ୍ ଦ୍ୱାରା ୪୦୦ଟି ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରାଯାଇ ୯୮ ପ୍ରତିଶତ ସଫଳତା ହାର ହାସଲ ହୋଇଛି।**

# ବର୍ଷାଦିନେ ଆଖିର ଯତ୍ନ



ଏବେ ଆମ ରାଜ୍ୟରେ ବର୍ଷା ଋତୁ ଆରମ୍ଭ ହୋଇଛି। ବର୍ଷାଦିନେ ଆମକୁ ଟିକେ ଅଧିକ ସତର୍କ ହେବାକୁ ପଡ଼ିବ। ବିଶେଷ କରି ଆଖିଧରା ରୋଗ ଭଳି ସଂକ୍ରମଣ ପ୍ରତି ସାବଧାନ ରହିବାକୁ ହେବ। ଏଥିଲାଗି ନିମ୍ନୋକ୍ତ ସାବଧାନତା ଅବଲମ୍ବନ କରିବା ଉଚିତ।

ବର୍ଷାଦିନେ ଦୈନନ୍ଦିନ ଜୀବନର କିଛି ସାଧାରଣ ତ୍ରୁଟିଠାରୁ ଆମେ ଦୂରେଇ ରହିବା ଜରୁରି। ପ୍ରଥମ ତ୍ରୁଟି ହେଲା, ହାତ ଦୁଇଟିକୁ ନିୟମିତ ନ ଧୋଇବା। ବର୍ଷାଦିନ ହେଉ ବା ଅନ୍ୟ କୌଣସି ଋତୁ, ହାତ ଦୁଇଟିକୁ ନିୟମିତ ଧୋଇବା ଜରୁରି, ବିଶେଷ କରି ଆଖିରେ ହାତ ମାରିବା ପୂର୍ବରୁ ଏହା ନିହାତି ଦରକାର। ଅନ୍ୟଥା ପାପୁଲିରେ ଲାଗିଥିବା ବିଭିନ୍ନ ବୀଜାଣୁ ଓ ଭୂତାଣୁ ଆଖି ସଂସ୍ପର୍ଶରେ ଆସି ସଂକ୍ରମଣ ଆଶଙ୍କା ବଢ଼ାଇଦେବ। ତେବେ ହାତ ଧୋଇବାର ବ୍ୟବସ୍ଥା ଉପଲବ୍ଧ ନଥିଲେ ହ୍ୟାଣ୍ଡ୍ ସାନିଟାଇଜର୍ ବ୍ୟବହାର କରିପାରିବା।

ଦ୍ୱିତୀୟ ତ୍ରୁଟିଟି ହେଉଛି ବାରମ୍ବାର ଆଖି ମଳିବା। ଆମର ଆଖି ସାମାନ୍ୟ କୁଣ୍ଡାଇହେଲେ କି ଆଖିକୁ କିଛି ଅସ୍ୱାଭାବିକ ମନେହେଲେ ଆମେ ସାଧାରଣତଃ ଆଖିକୁ ମଳିଥାଆନ୍ତି। ମାତ୍ର ଏହାଦ୍ୱାରା ବାହାରେ ଥିବା ବୀଜାଣୁ ଓ ଅନ୍ୟାନ୍ୟ ଅଣୁଜୀବମାନଙ୍କୁ ଆମେ ଆଖି ଭିତରକୁ ଠେଲିଦେଇଥା’ନ୍ତି। ତେଣୁ ଆଖି ମଳିବାରୁ ନିବୃତ୍ତ ରହିବା ବାଞ୍ଛନୀୟ। ସେହିପରି ନିଜର କୌଣସି ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀକୁ ଅନ୍ୟ ସହ ବାଣ୍ଟିବା କି ଅନ୍ୟର ସାମଗ୍ରୀ ବ୍ୟବହାର କରିବା ମଧ୍ୟ ଅନ୍ୟତମ ତ୍ରୁଟି। ଏହାଦ୍ୱାରା ସଂକ୍ରମଣଶୀଳ ବୀଜାଣୁଗୁଡ଼ିକ ବ୍ୟାପିବାର ଆଶଙ୍କା ରହିଛି। ଶେଷରେ କେହି ଯଦି ଆଖିରେ କଣ୍ଟାକ୍ଟ ଲେନ୍‌ସ ବ୍ୟବହାର କରୁଥା’ନ୍ତି, ତେବେ ତାହାକୁ ନିୟମିତ ସଫା କରି ସଂକ୍ରମଣମୁକ୍ତ ରଖିବା ଆବଶ୍ୟକ।

# ତାପମାତ୍ରା ବୃଦ୍ଧି ବଢ଼ାଉଛି ନବଜାତ ମୃତ୍ୟୁ

ବିଶ୍ୱର ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶମାନଙ୍କରେ ନବଜାତ ଶିଶୁମାନଙ୍କର ଜୀବନଧାରଣ କ୍ଷମତା ପାଣିପାଗ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି। ବିଗତ ଦୁଇ ଦଶକ ମଧ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶ୍ୱରେ ନବଜାତମାନଙ୍କର ମୃତ୍ୟୁ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତେବେ ନିମ୍ନ ତାପମାତ୍ରା ଅଞ୍ଚଳରେ ଏହି ମୃତ୍ୟୁ ହାର କମ୍ ରହିଛି। ସେହିପରି ଏହି ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ୨୦୦୧ରୁ ୨୦୧୯ ମସିହା ମଧ୍ୟରେ ଉଭୟ ପାରିବେଶିକ ସହନଶୀଳ ଅତି ନିମ୍ନ ଓ ଅତ୍ୟୁଚ୍ଚ ତାପମାତ୍ରା ଯୋଗୁଁ ୪.୩ ପ୍ରତିଶତ ଅଧିକ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ବିଶ୍ୱର ୧୯ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶର ଶିଶୁମାନଙ୍କୁ ବିଚାରକୁ ନେଇ ଗବେଷକମାନେ ଏହି ତଥ୍ୟ ପାଇଛନ୍ତି। ସେମାନଙ୍କ ନିଷ୍କର୍ଷ ଅନୁଯାୟୀ, ୩୨ ପ୍ରତିଶତ ନବଜାତଙ୍କର ମୃତ୍ୟୁ ପାଇଁ ଅତ୍ୟୁଷ୍ଣ ପାଣିପାଗ ଦାୟୀ। ପାକିସ୍ତାନ, ମାଲି, ସିଏରା ଲିଅନ୍ ଓ ନାଇଜେରିଆ ଆଦି ଦେଶରେ ଏହି ମୃତ୍ୟୁ ହାର ଲକ୍ଷେ ପିଛା ୧୬୦ ପରି ସର୍ବାଧିକ ରହିଛି। ତେବେ ଉଷ୍ଣତା କାରଣରୁ ମୃତ୍ୟୁ ହାର ଫିଲିପିନ୍‌ସ ଓ ହାଇତିରେ ସର୍ବାଧିକ ୭୯ ପ୍ରତିଶତ ଓ ରୁଆଣ୍ଡାରେ ୭୦ ପ୍ରତିଶତ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୨ ମସିହାରେ ବିଶ୍ୱରେ ଜନ୍ମରୁ ୨୦ ଦିନ ଭିତରେ ୨୩ ଲକ୍ଷ ଶିଶୁଙ୍କର ମୃତ୍ୟୁ ଘଟିଥିଲା।



# ଟୁଥ୍ ବ୍ରସ୍ ବଦଳାଇବା କେତେବେଳେ ?



ଦାନ୍ତ ଓ ମୁଖଗହ୍ୱରର ସୁସ୍ୱାସ୍ଥ୍ୟ ପାଇଁ ଟୁଥ୍ ବ୍ରସ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସରଞ୍ଜାମ। ବ୍ରସ୍‌ରେ ଟୁଥ୍ ପେଷ୍ଟ ମାରି ଦାନ୍ତରେ ଘଷିଲେ ଫେଣ ବାହାରିବା ପରେ ସବୁ କିଛି ଠିକ୍ ଅଛି ବୋଲି ଆମେ ଆଶ୍ୱସ୍ତ ହୋଇଥାଉ। ତେଣୁ ବ୍ରସ୍‌ର ଅବସ୍ଥା କେମିତି ଅଛି ତାହା ତର୍ଜମା କରିବା ଦରକାର ପଡ଼େନି। ଫଳରେ ପୁରୁଣା ବ୍ରସ୍‌କୁ ବଦଳାଇ ନୂଆ ବ୍ରସ୍ ବ୍ୟବହାରକୁ ଆମେ ଗୁରୁତ୍ୱ କରିଦେଇନଥା’ନ୍ତି ଅଥବା ବିଳମ୍ବିତ କରିଥା’ନ୍ତି। ମାତ୍ର ଏକ ସୁସ୍ଥ ମୁଖଗହ୍ୱର ଓ ସୁନ୍ଦର ଦନ୍ତ ପାଇଁ ଆମେ ନିୟମିତ ବ୍ୟବଧାନରେ ଟୁଥ୍ ବ୍ରସ୍ ବଦଳାଇବା ଉଚିତ ବୋଲି ଦନ୍ତ ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି। ଏଥି ସହିତ ବ୍ୟବହାର ହେଉଥିବା ବ୍ରସ୍‌ଟିକୁ ବୀଜାଣୁମୁକ୍ତ ରଖିବା ଲାଗି ସୁରକ୍ଷିତ କରି ରଖିବାକୁ ହେବ। ସେହିପରି ବ୍ୟବହୃତ ହେଉଥିବା ବ୍ରସ୍‌ଟି ଧୀରେଧୀରେ ଘୋରି ହୋଇ ତାହାର ରୁଆ ବା ବ୍ରିସ୍‌ଲଗୁଡ଼ିକ ଠିକ୍‌ରେ ଦାନ୍ତ ସଫା କରି ପାରନ୍ତିନି। ଏପରିକି ବେଳେ ବେଳେ ସେହି ବ୍ରିସ୍‌ଲଗୁଡ଼ିକ ମୋଡ଼ିମାଡ଼ି ବା ବଙ୍କାଟଙ୍କା ହୋଇ ଠିକ୍‌ରେ ଦାନ୍ତମୂଳରେ ପହଞ୍ଚିପାରନ୍ତିନି। ତେବେ କିପରି ବ୍ରସ୍ ବ୍ୟବହାର କରିବାକୁ ହେବ ଓ କେତେବେଳେ ଆମକୁ ପୁରୁଣା ବ୍ରସ୍ ଛାଡ଼ି ନୂଆଟିଏ ଆପଣେଇବାକୁ ହେବ, ସେ ବାବଦରେ ଜାଣିବା।

ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକ ସାଧାରଣତଃ କୋମଳ, ଅତିକୋମଳ, ମଧ୍ୟମ ଓ କଠିନ ପରି ଚାରି ପ୍ରକାରର ହୋଇଥା’ନ୍ତି। ତେବେ ବ୍ରିସ୍‌ଲର ପ୍ରକାର ଯାହା ହେଉନା କାହିଁକି, ବ୍ରସ୍‌କୁ ଦାନ୍ତରେ ଜୋରରେ ମାଡ଼ି ଘଷିବା କ୍ଷତିକାରକ। ଏହାଦ୍ୱାରା ଦନ୍ତକ୍ଷୟ ସହ ମାଢ଼ିରେ କ୍ଷତି ପହଞ୍ଚି ଯନ୍ତ୍ରଣା ହେବାର ଆଶଙ୍କା ରହିଛି। ନିର୍ଦ୍ଦିଷ୍ଟ ବ୍ରିସଲ୍ ବାଦ ନମନୀୟ (ଫ୍ଲେକ୍ସିବଲ୍) ବେକ ଥିବା ବ୍ରସ୍ ବ୍ୟବହାର କରିବା ଉଚିତ। ଏହା ଦ୍ୱାରା ବ୍ରସ୍‌ଟି ପାଟି ଭିତରର ବିଭିନ୍ନ ସ୍ଥାନକୁ ସୁବିଧାରେ ପହଞ୍ଚି ଦାନ୍ତଗୁଡ଼ିକୁ ସଫା କରିଥାଏ। ମୁଖ୍ୟ କଥା ହେଲା, ଦାନ୍ତ ଘଷିବା ଆଗରୁ ବ୍ରସ୍‌ର ବ୍ରିସ୍‌ଲଗୁଡ଼ିକୁ ନିରୀକ୍ଷଣ କରି ତାହା ବ୍ୟବହାର ଉପଯୋଗୀ ନା ନାହିଁ ତାହା ନିଶ୍ଚିତ ହେବା ଦରକାର। ତେବେ ପ୍ରତି ତିନିରୁ ଚାରି ମାସରେ ଥରେ ପୁରୁଣା ବ୍ରସ୍ ବଦଳାଇବା ଦରକାର। ଏପରିକି ବ୍ରସ୍‌ର ଅବସ୍ଥା ଦେଖି ଆଗୁଆ ବଦଳାଇବା ମଧ୍ୟ ଭଲ। ସେହିପରି କେତେବେଳେ କୌଣସି ରୋଗରେ ପଡ଼ିଲେ ସେଥିରୁ ଉପଶମ ହେବା ପରେ ଟୁଥ୍ ବ୍ରସ୍‌କୁ ତୁରନ୍ତ ବଦଳାଇବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ କରିଛନ୍ତି।

# ଦେଶର ଅଧା ବୟସ୍କଙ୍କ ଶରୀର ଅନୁପଯୁକ୍ତ

ଲାନ୍‌ସେଟ୍ ଗ୍ଲୋବାଲ୍ ହେଲ୍‌ଥ’ର ଏକ ସଦ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ଆମ ଦେଶର ବୟସ୍କଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ପର୍ଯ୍ୟାପ୍ତ ଶାରୀରିକ ପରିଶ୍ରମ କରୁନାହାନ୍ତି ବୋଲି ଜଣାଯାଇଛି। ଅର୍ଥାତ୍ ପରୋକ୍ଷରେ ସେମାନେ ଶାରୀରିକ ଭାବେ ‘ଅନ୍‌ଫିଟ୍’ ବା ଅନୁପଯୁକ୍ତ ବୋଲି କୁହାଯାଉଛି।

ଏହି ରିପୋର୍ଟ ଅନୁଯାୟୀ, ଦେଶର ବୟସ୍କଙ୍କ ମଧ୍ୟରେ ଶାରୀରିକ ଅନୁପଯୋଗିତା ୨୦୦୦ ମସିହାରେ ୨୨.୩ ପ୍ରତିଶତ ଥିଲା ବେଳେ ୨୦୨୨ରେ ଏହା ୪୯.୪ ପ୍ରତିଶତକୁ ବୃଦ୍ଧି ପାଇଛି। ପୁଣି ସେମାନଙ୍କ ଭିତରେ ୫୭ ପ୍ରତିଶତ ମହିଳା ଥିବା ବେଳେ ୪୨ ପ୍ରତିଶତ ହେଉଛନ୍ତି ପୁରୁଷ। ୧୯୫ଟି ଦେଶର ନାଗରିକଙ୍କୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣରେ ଶାରୀରିକ ଅନୁପଯୋଗୀ ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି ଭାରତ। ବିଶ୍ୱସ୍ତରରେ ୩୧ ପ୍ରତିଶତ ବା ପ୍ରାୟ ୧୮୦ କୋଟି ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ଶାରୀରିକ ଦକ୍ଷତା ମାନଦଣ୍ଡ ଛୁଇଁବାରେ ବିଫଳ ହୋଇଛନ୍ତି। ସେମାନଙ୍କ ଭିତରେ ଉଚ୍ଚ ରୋଜଗାରକ୍ଷମ ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସର୍ବାଧିକ ୪୮ ପ୍ରତିଶତ ବ୍ୟକ୍ତି ରହିଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ୪୫ ପ୍ରତିଶତ ରହିଛି। ବିଶେଷ କରି ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ପରି ଦେଶର ଅନୁପଯୁକ୍ତ ବୟସ୍କ ମହିଳାଙ୍କ ହାର ପୁରୁଷଙ୍କ ତୁଳନାରେ ୧୪ରୁ ୨୦ ପ୍ରତିଶତ ଅଧିକ ରହୁଥିବାରୁ ତାହା ଚିନ୍ତାର କାରଣ ହୋଇଛି। ଅପରପକ୍ଷେ, ବାଂଲାଦେଶ, ଭୁଟାନ୍ ଓ ନେପାଳ ଆଦି ପଡ଼ୋଶୀ ଦେଶର ବୟସ୍କ ମହିଳାମାନେ ଅପେକ୍ଷାକୃତ ଅଧିକ ସକ୍ରିୟ ଅଛନ୍ତି। ସେହିପରି ଉଚ୍ଚ ଆୟବର୍ଗ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଏହି ହାର ୨୮ ପ୍ରତିଶତ ଥିବା ବେଳେ ଓସିନିଆରେ ଏହା ସର୍ବନିମ୍ନ ୧୪ ପ୍ରତିଶତ ରହିଛି। ଯଦି ଏହି ଧାରାରେ ସକାରାତ୍ମକ ପରିବର୍ତ୍ତନ ନ ଘଟେ, ତେବେ ୨୦୩୦ ବେଳକୁ ଭାରତର ପ୍ରାୟ ୬୦ ପ୍ରତିଶତ ବୟସ୍କ ଶାରୀରିକ ଭାବେ ଅନୁପଯୁକ୍ତ ହୋଇଯିବେ। ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ପାଇଁ ସପ୍ତାହକୁ ୧୫୦ରୁ ୩୦୦ ମିନିଟର ବ୍ୟାୟାମ ବା ସମତୁଲ ଶାରୀରିକ ପରିଶ୍ରମ କରିବାକୁ ପରାମର୍ଶ କରାଯାଇଛି। ଆବଶ୍ୟକ ଶାରୀରିକ ପରିଶ୍ରମ ଅଭାବରୁ ବିଭିନ୍ନ ପ୍ରକାର ହୃଦରୋଗ ସମେତ ମଧୁମେହ, ସ୍ତନ କର୍କଟ, ଅନ୍ତ୍ରାଶୟ କର୍କଟ ଓ ଡିମେନ୍‌ସିଆ ପରି ରୋଗରେ ପୀଡ଼ିତ ହେବାର ଆଶଙ୍କା ରହିଛି ବୋଲି ଗବେଷକମାନେ ସତର୍କ କରାଇ ଦେଇଛନ୍ତି।



# ଯୁବାବସ୍ଥାରେ ହୃଦ୍‌ଘାତ ଚିନ୍ତାଜନକ

**➘ ଯୁବପିଢ଼ି ମଧ୍ୟରେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି କାହିଁକି?**

ଏଥିପାଇଁ ପରିବର୍ତ୍ତିତ ଜୀବନଶୈଳୀ ଦାୟୀ। ଆଜିକାଲିର ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ମିଶ୍ରିତ ଖାଦ୍ୟ ହୃତ୍‌ପିଣ୍ଡକୁ କ୍ଷତି ପହଞ୍ଚାଉଛି। ପୁଣି ଯୁବପିଢ଼ିଙ୍କର ଶାରୀରିକ ପରିଶ୍ରମ ବହୁତ କମ୍। ଏଥିସହ ଗୁଟ୍‌ଖା ଭଳି ତମାଖୁ ସେବନ, ଧୂମପାନ, ମଦ୍ୟପାନ, ତେଲ ଓ ଚର୍ବି ଜାତୀୟ ଖାଦ୍ୟ ମଧ୍ୟ ସମପରିମାଣରେ ଦାୟୀ। ଏସବୁ ଦ୍ୱାରା ରକ୍ତରେ ଶର୍କରା ଅଂଶ ବଢ଼ିବା ସହ କୋଲେଷ୍ଟ୍ରଲ୍ ବି ସୃଷ୍ଟି ହେଉଛି।



ଡାକ୍ତର ନିହାର ରଞ୍ଜନ ପରିଡ଼ା,
ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍

ଫଳରେ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହରେ ବାଧା ଉପୁଜୁଛି। ଏସବୁ କାରଣରୁ ଯୁବପିଢ଼ିଙ୍କ ମଧ୍ୟରେ ଏବେ ହୃଦ୍‌ରୋଗ ଓ ହୃଦ୍‌ଘାତ ବୃଦ୍ଧି ପାଉଛି।

**➘ ଆଜିକାଲି ବ୍ୟାୟାମ କରିବା ଓ ଚାଲିବା ସମୟରେ ଅଧିକ ହୃଦ୍‌ଘାତ ହେଉଛି। ଏହାର କାରଣ କ’ଣ?**

ରକ୍ତରେ କୋଲେଷ୍ଟ୍ରଲ୍ ବୃଦ୍ଧିକୁ ଆମେ ଅନେକ ସମୟରେ ଜାଣି ପାରି ନଥାଉ। ଫଳରେ ବ୍ୟାୟାମ ଓ ଶାରୀରିକ ପରିଶ୍ରମ ଜାରି ରଖୁ। ଏହା ଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ ଏବଂ ହୃତ୍‌ପିଣ୍ଡ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରିଥାଏ। ହୃତ୍‌ପିଣ୍ଡକୁ ଯେତିକି ରକ୍ତ ପ୍ରବାହ ହେବା କଥା ତାହା ହୋଇ ନଥାଏ। ହୃତ୍‌ପିଣ୍ଡର ମାଂସପେଶୀ ତ୍ୱରିତ ବେଗରେ କାର୍ଯ୍ୟ କରୁଥିବା ବେଳେ ଆବଶ୍ୟକ ଅମ୍ଳଜାନ ପାଇପାରି ନଥାଏ। ତେଣୁ ହୃଦ୍‌ଘାତ ହୋଇଥାଏ।

**➘ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ ହେତୁ ବହୁ ସଂଖ୍ୟାରେ ଲୋକ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାରିବେଶିକ ସଂକଟ ସହ ହୃଦ୍‌ରୋଗର କି ସଂପର୍କ ରହିଛି?**

ହଁ, ରହିଛି। ତାପମାତ୍ରା ବୃଦ୍ଧି ପାଇଲେ ଶରୀରରୁ ଅଧିକ ଝାଳ ବୋହିଥାଏ ଏବଂ ଏହି କାରଣରୁ ହୃଦ୍‌ସ୍ପନ୍ଦନ ବଢ଼ିଥାଏ। ଗ୍ରୀଷ୍ମ ପ୍ରବାହରେ ଆମେ ଯଦି ଅଧିକ ସମୟ ବାହାରେ ରହିବା ତେବେ ଗରମ ହେତୁ ଶରୀରରୁ ଜଳୀୟ ଅଂଶ କମିବ ଓ ହୃତ୍‌ପିଣ୍ଡ ଆବଶ୍ୟକ ଅମ୍ଳଜାନ ପାଇପାରିବ ନାହିଁ। ଫଳରେ ହୃଦ୍‌ଘାତ ହେବ। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ଆମର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ। ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ଓ ବାୟୁ ପ୍ରଦୂଷଣ କାରଣରୁ ହଜାର ହଜାର ଲୋକ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ରହିଛି।

**➘ ଏସବୁ ରୋଗର ପ୍ରାଥମିକ ଲକ୍ଷଣ କ’ଣ?**

ଅଳ୍ପ କାମ କଲେ ଅଧିକ ହାଲିଆ ଲାଗିବା ଓ ଧଇଁସଇଁ ହୋଇପଡ଼ିବା, ଶରୀରର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ଆଦି ଏହାର ଲକ୍ଷଣ। ଏପରିକି ଘରେ ଶିଡ଼ି ଚଢ଼ିଲେ କିମ୍ବା ସାମାନ୍ୟ ଚଲାବୁଲା କଲେ ଯଦି ଧଇଁସଇଁ ଲାଗୁଛି ତେବେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଯଦି ବାମ ପାର୍ଶ୍ୱ ଛାତିରେ ଯନ୍ତ୍ରଣା ଲାଗିଲା କିମ୍ବା ଦେହରୁ ଅଧିକ ଝାଳ ବୋହିଲା ତେବେ ଏହା ହୃଦ୍‌ଘାତର ପୂର୍ବ ଲକ୍ଷଣ। ଏପରି ସ୍ଥଳେ ବ୍ୟକ୍ତିବିଶେଷଙ୍କୁ ତତ୍‌କ୍ଷଣାତ୍ ଚିକିତ୍ସାଳୟକୁ ନେଇଯିବା ନିରାପଦ ଅଟେ।

**➘ ହୃଦ୍‌ରୋଗ ଓ ହୃଦ୍‌ଘାତଜନିତ ବିପଦରୁ କିପରି ଜଣେ ନିଜକୁ ସୁରକ୍ଷିତ ରଖିପାରିବ?**

ଏଥିଲାଗି ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ହେବ। ଦୈନନ୍ଦିନ ଜୀବନରେ ଚର୍ବିଜାତୀୟ ଖାଦ୍ୟ ବଦଳରେ ଜୈବିକ ଖାଦ୍ୟ ଅଧିକ ଖାଇବା ଦରକାର। ସବୁଜ ପନିପରିବା ମୁଖ୍ୟତଃ ଗାଜର, ଶାଗ, ବିଲାତିବାଇଗଣ ଓ ଭିଟାମିନ୍-ସି ଅଧିକ ଖାଇବା ଆବଶ୍ୟକ। ନିୟମିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଦ୍ୱାରା ହୃତ୍‌ପିଣ୍ଡ ପରୀକ୍ଷା କରାଇବା ଉଚିତ। ଏସବୁ ସୁବିଧା ସରକାରୀ ଚିକିତ୍ସାଳୟରେ ମାଗଣା ଉପଲବ୍ଧ।

# ଠିକାଦାରଙ୍କ ଗୋଦାମ ଗୃହ ପାଲଟିଛି ୫୦ ଲକ୍ଷର ମିଶନ ଶକ୍ତି ଭବନ



**ବୈଁସାରୀଗୁଡା,୧୨।୬ (ସଂଚାର ବ୍ୟୁରୋ):** ମହିଳା ମାନଙ୍କ ବୈଠକ ପାଇଁ ନିର୍ମିତ ମିଶନ ଶକ୍ତି ଭବନ କାହା ସ୍ୱାର୍ଥ ରେ ନିର୍ମାଣ ହୋଇଛି କ୍ଷ ନିର୍ମାଣ ତିନି ବର୍ଷ ବିତିଲେଣି ହେଲେବି କାମ ରେ ଆସୁନି । ମହିଳା ଗ୍ରୁପ ସଦସ୍ୟ ବୈଠକ ବସିବା କୁ ସ୍ଥାନ ନାହିଁ ସେମାନେ ଗାଁ ପାଠାଗାର, ଗଛ ମୂଳେ ବସି ବୈଠକ କରୁଛନ୍ତି କାମରେ ଆସୁନି ୫୦ ଲକ୍ଷ୍ୟ ଟଙ୍କା ର ମିଶନ ଶକ୍ତି ଭବନ । ବୈଁସାରୀଗୁଡା ବ୍ଲକ ସଦର ପଞ୍ଚାୟତ ସମ୍ମୁଖରେ ତତ୍କାଳୀନ ବିଜେଡି ସରକାର ମହିଳା ମାନଙ୍କ ବୈଠକ ଲାଗି ବୈଁସାରୀଗୁଡା ମୁଖ୍ୟ ସହର ଠାରେ ୫୦ଲକ୍ଷ୍ୟ ଟଙ୍କା ରେ ଏକ ମିଶନ ଶକ୍ତି ଭବନ ନିର୍ମାଣ କରିଥିଲେ ୨୦୨୨ ମସିହାରେ । ଏଠାରେ ବ୍ଲକ ର ସମସ୍ତ ମିଶନ ଶକ୍ତି ମା ମାନଙ୍କ ବୈଠକ ହେବ ବୋଲି ଏହି ମିଶନ ଶକ୍ତି ଭବନ ନିର୍ମାଣ ହୋଇଥିଲା । ୨୦୨୩ ବର୍ଷ ରେ ତତ୍କାଳୀନ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଙ୍କ ଦ୍ୱାରା ଏହାର ଉଦଘାଟନ କରାଯିବ ବୋଲି ଦିନ ତାରିଖ ଠିକ ହୋଇଥିଲା କିନ୍ତୁ ଶେଷ ମୁହୂର୍ତ୍ତ ରେ ବାତିଲ ହୋଇଥିଲା । ଏବଂ ଆଜି ପର୍ଯ୍ୟନ୍ତ ଉଦଘାଟନ ନ ହୋଇ ସେମିତି ପଡିରହିଛି । ତିନି ବର୍ଷ ରୁ ଉର୍ଦ୍ଧ ହେବ କାମ ସାରିଲାଣି କିନ୍ତୁ ମହିଳା ଙ୍କ କାମ ରେ ଲାଗୁନି ଏହି ଭବନ । କିନ୍ତୁ ଏହି କୋଠା କୁ ଏବେ କିଛି ଠିକାଦାର ତାଙ୍କ ଗୋଦାମ ଗୃହ କରିସାରିଲେଣି । ତାଙ୍କ କାମ ସାମଗ୍ରୀ ସେହି ଘରେ ରଖୁଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ପଡ଼ିରହିଛି ଏହି କୋଠା ଅପରପଟେ ମହିଳା ମାନଙ୍କ ବୈଠକ ଗଛ ମୂଳେ, ଗାଁ ପାଠାଗାର ବୈଠକ ହେଉଛି । ତେଣୁ ମିଶନ ଶକ୍ତି ବ୍ଲକ ମହିଳା ସଂଗଠନ ର ମା ମାନେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରି ହସ୍ତାନ୍ତର କଲେ ମା ମାନେ ଉପକୃତ ହେବେ ଆଉ କୋଠା ର ଦାୟିତ୍ୱ ମଧ୍ୟ ନେବେ । ଏନେଇ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ପଚାରିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ।

# ହିଞ୍ଜିଳିକାଟୁ ମେଡିକାଲ ରାସ୍ତା ଅନ୍ଧାର



**ହିଞ୍ଜିଳିକାଟୁ, ୧୨।୬ (ସଂଚାର ବ୍ୟୁରୋ):** ଜୀବନ ଦୀପକୁ ଉର୍ଜା ଯୋଗାଉଥିବା ସ୍ଥାନରେ ଅନ୍ଧକାରର ରାଜୁତି । ଲୋକଙ୍କ ଭିତରେ ବଞ୍ଚିବାର ଆଶା ଦେଖାଉଥିବା ସ୍ଥାନ ନିଜ ଅସ୍ତିତ୍ୱ ଖୋଜୁଛି । ପ୍ରତିଟି ସମୟରେ ଚଳଚଞ୍ଚଳ ରହୁଥିବା ଏହି ଡାକ୍ତରଖାନାକୁ ସଂଧ୍ୟା ହେଲେ ଅନ୍ଧକାର ମାଡିଆସୁଛି । ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ରାସ୍ତାର ଓ ଗତ କିଛି ଦିନ ହେବ ଏହି ରାସ୍ତା ଅନ୍ଧାର ମୟ ହୋଇଯାଉଛି ଓ ଫଳରେ ରୋଗୀଙ୍କ ଠାରୁ ଆରମ୍ଭ କରି ରୋଗୀ ସଂପର୍କୀୟ ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରୋଗୀ, ଛାତ୍ରଛାତ୍ରୀ, କର୍ମଚାରୀ ଓ ରୋଗୀ ସମ୍ପର୍କୀୟ ଯାତାୟାତ କରୁଥିବା ରାସ୍ତାରେ ବାଇକ୍ ଚାଳକ ଆଖିବୁଜା ଗାଡ଼ି ଚଲାଉଥିବା ଯୋଗୁଁ ସମସ୍ୟା ସୃଷ୍ଟି ହେଉଛି । ଏହି ରାସ୍ତା ଦେଇ ଜନସାଧାରଣ ମାନେ ସୋମପୁର , ପୋଡିଲିମା, ସିଙ୍ଗିପୁର ଏବଂ ପୌରପରିଷଦ ସ୍ଥିତ ମୋହନ କଲୋନୀକୁ ଯିବା ଆସିବା କରିଥାନ୍ତି ଓ ତେବେ ବହୁ ଦିନ ହେଲା ଏହି ସମସ୍ୟା ଲାଗି ରହିଥିବା ବେଳେ ସମାଧାନ ଦିଗରେ ପଦକ୍ଷେପ ନିଆଯାଉନଥିବା ନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି ଓ ଏବେ ଦେଖିବାକୁ ଅପେକ୍ଷା କେବେ ଏହି ସମସ୍ୟାର ସମାଧାନ ହେଉଛି ।

## ରାଜସ୍ୱ ମନ୍ତ୍ରୀଙ୍କୁ ଓକିଲ ସଂଘ ସଭାପତିଙ୍କ ଚିଠି



**ବ୍ରହ୍ମପୁର,୧୨।୬ (ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ଥିବା ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ ରେ ୬'ମାସିକିଆ ବାଇଦା ମିଳୁଥିବାରୁ ମାମଲା ଗୁଡିକ ବର୍ଷ ବର୍ଷ ଧରି ଗଡୁଛି। ଏନେଇ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ସେ କହିଛନ୍ତି, ଗଞ୍ଜାମ ଜିଲ୍ଲା ପାଇଁ ବ୍ରହ୍ମପୁରରେ ଦୁଇଟି ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତ ରହିଛି । ୧ମ ଅତିରିକ୍ତ କମିଶନର ଅଦାଲତ ବ୍ରହ୍ମପୁର ଉପଖଣ୍ଡ -ଜିଲ୍ଲପାଳଙ୍କ ଅଧୀନରେ ଆସୁଥିବା ୬' ଟି ତହସିଲ ରହିଛି। ସେହିପରି ୨ୟ ଅତିରିକ୍ତ କମିଶନର ଅଦାଲତରେ ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ଜିଲ୍ଲପାଳଙ୍କ ଅଧୀନରେ ଆସୁଥିବା ତହସିଲ ଗୁଡିକ ରହିଛି। ଏହି ଅଦାଲତ ଗୁଡିକରେ ଚକବନ୍ଦୀ ବିଭାଗୀୟଙ୍କ ଦ୍ୱାରା କୌଣସି ବ୍ୟକ୍ତି କ୍ଷତିଗ୍ରସ୍ତ ହେଇଥିଲେ ସେହି ବ୍ୟକ୍ତି ମାମଲାର ନିୟମିତା କିମ୍ବା ସଠିକତା ବୈଧତା ସମ୍ପର୍କରେ ନିଜର ସନ୍ତୋଷ ବିଧାନ ପାଇଁ ଏହି ଅଦାଲତ ଗୁଡିକରେ ସଂଶୋଧନ ପାଇଁ ଦ୍ୱାରସ୍ଥ ହୋଇଥାନ୍ତି। ବର୍ତ୍ତମାନ ଦେଖିବାକୁ ମିଳୁଛି କ୍ଷିପ୍ର ଲେଖକ (ଷ୍ଟେନୋ), କିରାଣୀ ଓ ଚପରାସି ଅଭାବ ଯୋଗୁଁ ମାମଲା ଗୁଡିକର ଶୀଘ୍ର ରାୟ ପ୍ରକାଶ ପାଇପାରୁ ନାହିଁ । ୬ ମାସିକିଆ ବାଇଦା ତାରିଖ ମିଳୁଥିବାରୁ ଓକିଲ ଓ ମହକିଲ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଦଶ ହଜାର ମାମଲା ପଡି ରହିଛି ଏବଂ ପ୍ରତିବର୍ଷ ଏକ ହଜାରରୁ ଉର୍ଦ୍ଧ ମାମଲା ଭର୍ତ୍ତି ହେଉଛି। ତେଣୁ ବ୍ରହ୍ମପୁରରେ ଥିବା ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ ଅଦାଲତରେ ତୁରନ୍ତ ଆବଶ୍ୟକୀୟ କର୍ମଚାରୀ ପୂରଣ କରାଯାଇ ମାମଲା ଗୁଡିକର ରାୟ ଶୀଘ୍ର ପ୍ରକାଶ କରିବାକୁ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି।

## ଉମାପଦା ଶ୍ରୀବିହାର ରାସ୍ତାରେ ବିରାଟ ଖାଲ




**ଯାଜପୁର ରୋଡ଼,୧୨।୬ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ୱାର୍ଡ ନମ୍ବର -୧୬ ଉମାପଦା ଗ୍ରାମ ଅଂଚଳ ସ୍ଥିତ ଶ୍ରୀ ଶ୍ରୀ ସାଇନାଥ ମନ୍ଦିର ଛକ'ର ଶ୍ରୀବିହାର କଲୋନୀ'କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପ୍ରବେଶ ମୁହଁ 'ଡ୍ରେନ ଉପରେ ପଡ଼ିଥିବା ଏକ ସିଂମେଟ କଂକ୍ରିଟ ସ୍ଲାପ'ଟି କିଛି ଦିନ ପୂର୍ବେ ଭାଙ୍ଗିରୁଜି ଯାଇଛି। ଯାହାଫଳରେ ଏହି ପ୍ରବେଶ ଦ୍ୱାର ରାସ୍ତାରେ ଏବେ ଏକ ବିରାଟ ଖାଲ ସୃଷ୍ଟି ହୋଇଛି। ଏହି ବଡ଼ ଖାଲ ଯୋଗୁଁ ପ୍ରାୟ ଅନେକ ସମୟରେ ଦୁର୍ଘଟଣା ଏଠାରେ ଘଟୁଛି। ପୂର୍ବରୁ କାଳେ ପୌର କର୍ତୃପକ୍ଷଙ୍କୁ ଅଭିଯୋଗ କଲା ପରେ'ବି କେହି କର୍ଣ୍ଣପାତ କରୁନଥିବା କଥା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ରୋଗୀଙ୍କୁ ନେଇ ଆମ୍ବୁଲାନ୍ସ ଠାରୁ ବହୁ ଚାରି ଚକିଆ ଯାନ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଧରିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏମିତିକି ମନ୍ଦିର, ମେଡିକାଲ୍, ଥାନା, ରେଳଷ୍ଟେସନ ସହ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯିବାକୁ ଶ୍ରୀବିହାର କଲୋନୀ ବାସିନ୍ଦା ମାନଙ୍କ ଏହି ରାସ୍ତାଟି ପ୍ରମୁଖ ପଥ ଭାବେ ପରିଗଣିତ। ବିଶେଷ କରି ସନ୍ଧ୍ୟା ପରେ ଦୁଇଚକିଆ ଯାନ ରାସ୍ତାର ଖାଲ ହୋଇଥିବା ଜାଣିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ବ୍ୟାସନଗର ପୌରପରିଷଦର କାର୍ଯ୍ୟ ନିର୍ବାହି ଅଧିକାରୀ ଶ୍ରୀ ପ୍ରଦୀପ ପାଢ଼ୀ ମହୋଦୟ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

### ସମସ୍ତ ବ୍ଲକରେ ଗଡିଲା ବିକାଶ ବାହନ

# ଜିଲ୍ଲାସ୍ତରୀୟ ବିକାଶ ମେଳାର ପ୍ରଥମ ଦିବସ




**ବରଗଡ଼, ୧୨।୬ (ସଂଚାର ବ୍ୟୁରୋ):** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଛି ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫। ସେବା, ସୁଶାସନ ଓ ସଫଳତାର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଖୋଲିଛି ସୁଆଦିଆ ଖାଦ୍ୟର ପସରା ଓ ବିଭିନ୍ନ ବିଭାଗର ସଫଳତା ପ୍ରଦର୍ଶନୀ। ପ୍ରତି ସନ୍ଧ୍ୟାରେ ପ୍ରଦର୍ଶିତ ହେଉଛି ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି କ୍ରମରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା ସହ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଭଳି ଜନ କଲ୍ୟାଣର ଏକ ମହତ ଉଦ୍ଦେଶ୍ୟ ନେଇ ଆଜି 'ବିକାଶ ବାହନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ବରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ମୁଖ୍ୟାଳୟ ଠାରୁ ଗଡିଛି ବିକାଶ ବାହାନ। ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ ତଥା ଲୋକ ପ୍ରତିନିଧି ଏଥି ନିମିତ୍ତ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ ଉଦଘାଟନୀ ସମାରୋହରେ ଆଭାସୀ ମାଧ୍ୟମରେ ଯୋଡି ହେବା ସହ ନିଜ ନିଜ ଅଞ୍ଚଳରୁ ବିକାଶ ବାହାନର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟକୀ, ଏହି ବିକାଶ ବାହାନ ଗୁଡିକ ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପଞ୍ଚାୟତ ପରିଭ୍ରମଣ କରି ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ବିଷୟରେ ସଚେତନ କରିବା ସହ ହାତ ପାହାନ୍ତରେ ଆଧାର କାର୍ଡ ପଞ୍ଜିକରଣ,ରାସନ କାର୍ଡ, ଲେବର କାର୍ଡ,ସ୍ୱାସ୍ଥ୍ୟ ବୀମା କାର୍ଡ, ଗୃହ ନିର୍ମାଣ କାର୍ଯ୍ୟଦେଶ, ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ, ବସୁନ୍ଧର ଯୋଜନାରେ ପଟ୍ଟା ବିତରଣ, ଜନ ଧନ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଭଳି ଭିଭିନ୍ନ ସରକାରୀ ସୁବିଧା ଯୋଗାଇବା ସହ ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ବିଷୟରେ ଲୋକଙ୍କୁ ଅବଗତ କରିବ।

## ମିଲ୍‌ରେ କଟ୍‌ନିଛଟନି, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୨।୬ (ସଂଚାର ବ୍ୟୁରୋ):** ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ୨ଦିନ ପରେ ମାସେ ପୂରିବ। କିନ୍ତୁ ଜିଲାର ମଣ୍ଡି ଗୁଡ଼ିକରେ ଧାନ ଉଠାଣ ପ୍ରକ୍ରିୟା ଶୀଥିଳ ହୋଇପଡ଼ିଛି। କେତେକ ମିଲର୍ସଙ୍କ ସ୍ୱେଚ୍ଛାଚାରିତା ଏବଂ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ସେହିପରି କଟନୀଛଟନୀ ପ୍ରକ୍ରିୟା ମଧ୍ୟ ଜୋର୍ ଧରିଛି। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ୪୦କି.ଗ୍ରା ପକେଟ୍ ପ୍ରତି ୧କି.ଗ୍ରା ଅର୍ଥାତ୍ କୁଇଣ୍ଟାଲ ପ୍ରତି ଅଢ଼େଇ କି.ଗ୍ରା ଧାନ କଟନୀଛଟନୀ ହେଉଥିବାବେଳେ ଏବେ ବିଭିନ୍ନ ସ୍ଥାନରେ ପକେଟ୍ ପ୍ରତି ୫ରୁ ୭କି.ଗ୍ରା ଯାଏ ଧାନ କଟନୀଛଟନୀ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ମଣ୍ଡିରେ ଧାନ ଗୁଣମାନ ଠିକ୍ ଥିବାବେଳେ ତାହା ରାଇସ୍ ମିଲ୍‌କୁ ପହଞ୍ଚିବା ପରେ ମିଲର୍ସମାନେ ପୁଣିଥରେ ଗୁଣମାନ ପରୀକ୍ଷା କରୁଛନ୍ତି ଏବଂ ନିଜ ମନଇଚ୍ଛା କଟନୀଛଟନୀ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବୁଧବାର ଜିଲାର ଅତାବିରା ବ୍ଲକ ଟୋପ୍ ଏବଂ ସିଂହପାଲି ଅଞ୍ଚଳର ଚାଷୀ ପ୍ରତିନିଧି ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ(ସିଏସଓ) ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ଅଞ୍ଚଳର ଚାଷୀମାନେ କଟନୀଛଟନୀକୁ ବିରୋଧ କଲେ କେତେକ ମିଲର୍ସ ଧାନ ଫେରାଇ ନେବାକୁ କହୁଛନ୍ତି। ଏପରିକି ସେ ନେଇ ଯାହାପାଖରେ ଅଭିଯୋଗ କରିବାର ଅଛି, ସେଠାକୁ ଯାଇ ଅଭିଯୋଗ କର ବୋଲି ଧମକ୍ ମଧ୍ୟ ଦେଉଥିବା ଅଭିଯୋଗ ହୋଇଛି।

# ପୈତୃକ ଅମଳର ଜମିକୁ ବଞ୍ଚାଇବା ପାଇଁ ଦୌଡି ଦୌଡି ନିରାଶ ହେଲେଣି ଦଳିତ ପରିବାର



**କଳିଙ୍ଗନଗର, ୧୨।୬ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ଅନ୍ତର୍ଗତ ଓଲ୍ଲଳ ପଞ୍ଚାୟତ ର ଗୋଡ଼ିଗୋଠ ଗାଁ ରେ ଏକ ଦଳିତ ପରିବାର ନିଜ ବାପା ଜେଜେ ଅମଳର ପୈତୃକ ସମ୍ପତିକୁ ବଞ୍ଚାଇବା ପାଇଁ ତହସିଲ ଅଫିସ ରୁ କୋର୍ଟ ପ୍ରଯ୍ୟନ୍ତ ଦୌଡ଼ି ଦୌଡି ନିରାଶ ହେଇଥିବା ଜଣା ପଡିଛି। ସୂଚନା ମୁତାବକ ଏହି ଗୋଡି ଗୋଠ ଗାଁ ର ଶରତ ଜେନା। ଦିଲ୍ଲୀପ ଜେନା। ଭୂପେନ୍ଦ୍ର ନାରାୟଣ ସିଂ ଜେନା ଓ ଅଦ୍ୱୈତ୍ୟ ଜେନା ଗୋଟିଏ ପରିବାର ର ସଦସ୍ୟ। ସେମାନଙ୍କ ଅଭିଯୋଗ ହେଲା ତାଙ୍କ ଜେଜେ ଲକ୍ଷ୍ମୀଧର ଜେନା ଜଣେ ପୂର୍ବତନ ସାଂସଦ ଥିଲେ ତାପରେ ତାଙ୍କ ବଂଶ ଧର ଗୋପୀଡ଼ିଆ ବାଘ ଓ ବୈଦ୍ୟନାଥ ଜେନାଙ୍କ ନାମ ରେ ଖାତା ନମ୍ବର ୫ ଓ ପ୍ଲଟ ନମ୍ବର ୩୭୭ ରେ ୭୫ ଡ଼ିସିମିଲ ପଟ୍ଟା ଜାଗା ଥିଲା। ସେ ପଟ୍ଟା ଏ ପ୍ରଯ୍ୟନ୍ତ ତାଙ୍କ ପାଖରେ ଅଛି। ସେତେବେଳେ ଗାଁ ର ବିଦ୍ୟାଳୟ ପାଇଁ ତାଙ୍କ ଜେଜେ ବିନା ଲେଖା ପଢା ରେ ମୌଖିକ ଭାବେ କିଛି ଜମିକୁ ବିଦ୍ୟାଳୟ ର ଏକ ଗୃହ ପାଇଁ ଦାନ କରିଥିଲେ। କାଳ କ୍ରମେ ସେମାନଙ୍କ ଅନ୍ତେ କିଛି ମୁଷ୍ଟିମେୟ ବ୍ୟକ୍ତି ରାଜନୀତି କରି ଜୋର ଜବରଦସ୍ତ ମିଛ ଦସ୍ତଖତ ମାରି ସେ ଜାଗା ଉପରେ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରୁଛନ୍ତି। ସେମାନଙ୍କ ର ପ୍ରକୃତ ଉଦେଶ୍ୟ ହେଲା ବିଦ୍ୟାଳୟ ଗୃହନିର୍ମାଣ ରେ ଠିକାଦାରୀ କରି ମୁନଫା କମାଇବା। ଯେହେତୁ ବିଦ୍ୟାଳୟ ଟି ସମସ୍ତଙ୍କର ପିଲା ପାଠ ପଢୁଛନ୍ତି। ସର୍ବସାଧାରଣ ଅନୁଷ୍ଠାନ ତେଣୁ କିଛି ଲୋକ କହିବା କଥା ଦୀର୍ଘ ବର୍ଷ ପରେ ଏ ପରିବାର କାହିଁକି ଜମି ଉପରେ ନିଜର ଅଧିକାର ସାବ୍ୟସ୍ତ କରୁଛନ୍ତି? ଏହାକୁ ବିରୋଧ କରି ନିଜ ବାପା ଜେଜେ ଅମଳର ଜାଗାରେ ନିଜର ଅଧିକାର ପାଇଁ। ନିଜେ ଜମି ଫେରି ପାଇବା ପାଇଁ ଏହି ଦଳିତ ପରିବାର ଦାନଗଦି ତହସିଲଦାର ଙ୍କ ସମେତ କୋର୍ଟ ର ଆଶ୍ରୟ ନେଇଛନ୍ତି। କୋର୍ଟ ଏହି ପରିବାର କୁ ନ୍ୟାୟ ଦେବା ପାଇଁ ଦାନଗଦି ତହସିଲ କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିକାଶ ମେଳା ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ




**ସୁବର୍ଣ୍ଣପୁର,୧୨।୬ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ 'ବର୍ଷ ଏକ : ଉପଲବ୍ଧି ଅନେକ' କୁ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସୁବର୍ଣ୍ଣପୁରଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକ ରେ ବିକାଶ ମେଳାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୧୧ ବର୍ଷର ବିକାଶ ଉପଲବ୍ଧି ସହ ଦେଶର ସୀମା ଓ ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଆତଙ୍କବାଦୀଙ୍କ ମୂଳପ୍ରାଟନ ପାଇଁ ଅପରେସନ ସିନ୍ଦୁର ଉପରେ ଆଲୋକପାତ କରିଥିବାବେଳେ ବିକଶିତ ଭାରତ ସହ ବିକଶିତ ଓଡିଶା ପାଇଁ ନିଆଯାଇଥିବା ସଂକଳ୍ପ ସମ୍ପର୍କରେ କହିଛନ୍ତି । ବିକଶିତ ଓଡ଼ିଶାର ସଂକଳ୍ପକୁ ନେଇ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ବିକାଶର ବିଭିନ୍ନ ସଫଳତା ଉପରେ କହିଥିବାବେଳେ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧ଶହକୁ ବୃଦ୍ଧି, ମହିଳା ସଶକ୍ତିକରଣକୁ ନେଇ ପ୍ରବର୍ତ୍ତିତ ସୁଭଦ୍ରା ଯୋଜନା ଏବଂ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟର ସଫଳତାର ଫର୍ଦ୍ଦ ଉପରେ ସୂଚନା ଦେଇଛନ୍ତି । ବିଶେଷକରି ଏବେ ଦେଶ ଏବଂ ଓଡ଼ିଶା ରାଜ୍ୟର କୃଷି, ଶିଳ୍ପ, ପ୍ରତିରକ୍ଷା ସହ ଦେଶର ଆର୍ଥିକ ଅଭିବୃଦ୍ଧିକୁ ନେଇ ହୋଇପାରିଥିବା ଉନ୍ନୟନ ଉପରେ କହିଥିବାବେଳେ ଲୋକଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ନିଆଯାଇଥିବା ସଂକଳ୍ପ ଉପରେ ମନ୍ତ୍ରୀ ରବି ନାରାୟଣ ନାଏକ ଆଲୋକପାତ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ ବିକାଶ ମେଳା - ୨୦୨୫ ଆୟୋଜନ କରାଯାଉଥିବା ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାରେ ବିକାଶର ବାର୍ତ୍ତା ଓ ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମକୁ ଜନାଭିମୁଖୀ ତଥା ବିକାଶରେ ଜନସହଭାଗୀତାକୁ ଦୃଢ଼ କରିବା ଲକ୍ଷ୍ୟରେ ୧୨ ରୁ ୨୧ ଜୁନ୍ ୨୦୨୫ ପର୍ଯ୍ୟନ୍ତ "ବିକାଶ ମେଳା- ୨୦୨୫" ଓ "ସୁଭଦ୍ରା ଶକ୍ତି ଫୁଡ୍ ଫେଷ୍ଟିଭାଲ୍" ଆୟୋଜନ ରୟାଲଫିଲ୍ଡ ଠାରେ କରାଯାଉଛି।

## ବ୍ରାହ୍ମଣୀଗାଁ ମୁଖ୍ୟ ରାସ୍ତାରେ ଡ୍ରେନ୍ ଜାମ୍

**ଦାରିଙ୍ଗବାଡ଼ି,୧୨।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତର ମୁଖ୍ୟ ବଜାରରେ ଡ୍ରେନ୍ ଜାମ୍ ହୋଇ ବର୍ଷାଜଳ ନିଷ୍କାସନ ହୋଇପାରୁନି। ଫଳରେ ବର୍ଷାଜଳ ମୁଖ୍ୟ ପିଚୁ ରାସ୍ତା ଉପରେ ଯାଉଥିବା ବେଳେ ଅଳିଆ ଆବର୍ଜନା, ଅଇଁଠା ଖଲିପତ୍ର, ପ୍ଲାଷ୍ଟିକ ବୋତଲ, ପଲିଥିନ ସବୁ ରାସ୍ତା ଉପରେ ଭାସୁଛି। ସେପଟେ ଡ୍ରେନ୍‌ରେ ମଧ୍ୟ ଅଳିଆ ଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟୁଛି ବଜାରକୁ ଆସୁଥିବା ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ଡ୍ରେନ୍ ଭିତରେ ପୋକ ସାଲୁବାଲୁ ହେଉଛି ଫଳରେ ଦୁର୍ଗନ୍ଧ ଦ୍ୱିଗୁଣିତ ହେଉଛି। ମାଛ କଟା ହେବା ପରେ ହେଉ କି ହୋଟେଲଗୁଡ଼ିକରୁ ବାହାରୁଥିବା ଅଇଁଠା ଠୁଙ୍ଗା, ଖଲିପତ୍ର ଆଦି ଡ୍ରେନକୁ ଚୋକ କରୁଛି ଯିଏ ଯେଉଁଠି ଅଳିଆ ବାହାର କରି ଆଣି ଡ୍ରେନ୍‌ରେ ପକାଉଛନ୍ତି। ଫଳରେ ଡ୍ରେନରେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ପ୍ରକାଶ ଯେ, ଦାରିଙ୍ଗବାଡ଼ିଠାରୁ ଗଜପତି ଜିଲାର ପାଣିଗଣ୍ଡା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯାଇଛି ଗତ ବର୍ଷ ବିଭାଗ ପକ୍ଷରୁ ରାସ୍ତା ସହ ରାସ୍ତାର ଦୁଇ ସାଇଡ୍‌ରେ ଡ୍ରେନେଜ ବ୍ୟବସ୍ଥା କଲା କିନ୍ତୁ ଡ୍ରେନ୍ ଉପରେ ଢାଙ୍କୁଣୀ ବା ପ୍ଲେଟ୍ ପକାଇବା ବିଳମ୍ବ ଯୋଗୁ କିଛି ବ୍ୟବସାୟୀ ନିଜ ହାତରୁ ଡ୍ରେନ୍ ଉପରେ ଛାତ ପକାଇଥିଲେ।



### ଘନଘନ ଚଢ଼ଉ, ଖୁଲମଖୁଲା ଚ୍ୟାଲେଞ୍ଜ୍

# ମାଫିଆଙ୍କୁ ସୁହାଉଛି ଖଣି ଅଧିକାରୀଙ୍କ ସୀମିତ କ୍ଷମତା

**ହିଞ୍ଜିଳିକାଟୁ, ୧୨।୬ (ସଂଚାର ବ୍ୟୁରୋ):** ଘନଘନ ଚଢ଼ଉ ହେଉଛି। ଜରିମାନା ବାବଦରେ ଲକ୍ଷଲକ୍ଷ ଟଙ୍କା ରାଜକୋଷକୁ ଯାଉଛି। ମାଫିଆଙ୍କ ସହିତ ଗାଡ଼ିଚାଳକଙ୍କୁ ବାନ୍ଧି ଜେଲ୍‌କୁ ପଠାଇଦିଆଯାଉଛି। ଏସବୁ ପରେ ବି ବାଲି ଚୋରା ଚାଲାଣ ଥମିବା ନାଁ ନେଉନାହିଁ। ହିଞ୍ଜିଳି ତହସିଲ ଅଧିନସ୍ଥ ନଦୀରୁ ଦିନରାତି ବାଲି ଉଠାଉଛନ୍ତି ବାଲି ମାଫିଆ କ୍ଷ ଏହି ଚୋରା ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି।ପ୍ରତିଦିନ ରାତିରେ ମାଳମାଳ ହାଇୱା ବାଲି ଚୋରା ଚାଲାଣ କରୁଛନ୍ତି। ତେବେ ସବୁ ଖବର ଥାଇ ମଧ୍ୟ ହିଞ୍ଜିଳି ପ୍ରଶାସନ ଚୁପ୍ କାହିଁକି ତାହା ଅଞ୍ଚଳବାସୀ ସିଧାସଳଖ ରାଜସ୍ୱ କର୍ମଚାରୀଙ୍କୁ ଅଙ୍ଗୁଳି ଉଠାଇଛନ୍ତି। ଚୋର ଖୋଜୁଛି ଅନ୍ଧାର ରାତି ପରି ବାଲିମାଫିଆମାନେ ବର୍ଷ ସାରା ବାଲି ଚୋରି କରିଚାଲୁଥିବାବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ୍ ହୋଇ ବସିପଡିବା ଘଟଣାକୁ ହିଂଜିଳିକାଟୁବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେବେ ୧ ମାସ ଧରି ହିଞ୍ଜିଳି ଥାନା ଶିକିରି ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ଚାଲାଣ ଚାଲିଥିଲା ଓ ରାତି ସାରା ବାଲି ମାଫିଆ ମାନେ ବେଆଇନ ଭାବେ ବାଲି ଚାଲାଣ କରିଆସୁଥିଲେ ଓ ବୁଧବାର ଭୋର ସମୟରେ ବାଲି ମାଫିଆ ମାନେ ନଦୀ ଘାଟରୁ ବାଲି ଚୋରା ଚାଲାଣ କରୁଥିବା ବେଳେ ହିଞ୍ଜିଳି ପୋଲିସ ଖବର ପାଇଥିଲା ଓ ସଙ୍ଗେ ସଙ୍ଗେ ପୋଲିସ ନଦୀ ନିକଟରେ ପହଂଚି ଚଢ଼ାଉ କରିଥିଲା ଓ ଚଢ଼ାଉ ସମୟରେ ୭ଟି ଟ୍ରାକ୍ଟର ଜବତ ସହ ୪ ଜଣ ଚାଳକଙ୍କୁ ଗିରଫ କରିଥିବା ବେଳେ ଆଉ ୩ଜଣ ଚାଳକ ଫେରାର ହୋଇଯାଇଥିଲେ ଓ ଏନେଇ ହିଞ୍ଜିଳି ଥାନାରେ କେସ ନଂ ୪୬୧/୨୫ ରେ ମାମଲା ରୁଜୁ ସହ ଗାଡି ଚାଳକଙ୍କୁ କୋର୍ଟ ଚାଲାଣ କରାଯିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ତେବେ ପୂର୍ବରୁ ଏହି ଚୋରା ଚାଲାଣ ରୋକିବାକୁ ତହସିଲ ପ୍ରଶାସନ ହାତରେ କ୍ଷମତା ଥିଲା। ମାତ୍ର ଚୋରା କାରବାର ନ କମିବାରୁ ସରକାର ଲଘୁ ଖଣିଜ ବିଭାଗକୁ ଏହି କ୍ଷମତା ହସ୍ତାନ୍ତର କରିଦେଲେ। ୨୦୨୩ ମସିହାରୁ ଲଘୁ ଖଣିଜ ବିଭାଗ ଏହି ଦାୟିତ୍ୱ ମୁଣ୍ଡାଇଛି। ଆଶା କରାଯାଉଥିଲା ଯେ ଲଘୁ ଖଣିଜ ବିଭାଗ ବାଲି ମାଫିଆଙ୍କୁ ସାବାଡ଼୍ କରିବ। କିନ୍ତୁ ଏବେ ଫଳ ହୋଇଛି ଓଲଟା। ଲଘୁ ଖଣିଜ ବିଭାଗ ଅଧିକାରୀଙ୍କ ସୀମିତ କ୍ଷମତା ବାଲି ମାଫିଆଙ୍କୁ ସୁହାଉଛି। ମାଜିଷ୍ଟ୍ରେଟ୍ କ୍ଷମତା ନଥିବାରୁ ମାଫିଆମାନଙ୍କ ପାଇଁ ଏହି ବିଭାଗ କାଗଜ ବାଘ ସଦୃଶ ହୋଇଛି।

> **ବିନା ମାଜିଷ୍ଟ୍ରେଟ୍ କ୍ଷମତାରେ କାଗଜ ବାଘ**
> **ପ୍ରଶାସନକୁ ଭୟ ନାହିଁ କି ବାଲି ମାଫିଆଙ୍କ ?**

## ବେବସାୟୀଙ୍କୁ ୧ କୋଟି ୫୦ ଲକ୍ଷ ଟଙ୍କା ଆର.ଏମ୍.ସି ଦ୍ୱାରା ମଞ୍ଜୁର

### ସାଂସଦଙ୍କ ଏହି ପ୍ରୟାସକୁ ଅଞ୍ଚଳବାସୀ ପ୍ରଶଂସା

**ନୀଳଗିରି, ୧୨।୬ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଆଧିନ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ ରାସ୍ତାର ବିଦୁ ବଜାରରେ ପ୍ରଶାସନ ଦ୍ୱାରା ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନ ଘର ସବୁ ଭଙ୍ଗା ଯାଇଥିଲା। ଗୁରୁବାର ପୂର୍ବାହ୍ନରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଦୁ ବଜାର ଗସ୍ତ କରି ରାସ୍ତା ସମ୍ପ୍ରସାରଣ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ମାନଙ୍କୁ ଭେଟିଥିଲେ। କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ମାନଙ୍କ ପାଇଁ ମାନ୍ୟବର ସାଂସଦଙ୍କ ପ୍ରଚେଷ୍ଟାରେ ୧ କୋଟି ୫୦ ଲକ୍ଷ ଟଙ୍କା ଆର.ଏମ୍.ସି ଦ୍ୱାରା ମଞ୍ଜୁର ହୋଇଅଛି.ଏହି ଟଙ୍କାରେ ଆର.ଏମ୍.ସି ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ଯାଉଅଛି। ଏହି କମ୍ପ୍ଲେକ୍ସରେ ଦୋକାନ ଘର, କୃଷି ଜନିତ ମାର୍କେଟ, ଶୌଚାଳୟ, ପାନୀୟ ଜଳ ଇତ୍ୟାଦିର ବ୍ୟବସ୍ଥା ରହିବ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା




**କଣାସ, ୧୨।୬ (ସଂଚାର ବ୍ୟୁରୋ):** ରାଜ୍ୟ ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣୁଅନୁଦାନ ବେସରକାରୀ ବିଦ୍ୟାଳୟରେ ୨୦୦୮ ମସିହା ଜୁନ ୧ ତାରିଖ ଠାରୁ ୨୦୧୮ ମସିହା ଜୁନ ୧ ତାରିଖ ମଧ୍ୟରେ ପରିଚାଳନା କମିଟ ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସରକାରୀ ଅନୁଦାନ(ଜିଆଇଏ) ଦାବୀରେ ଆଜି ପୁରୀ ଜିଲ୍ଲା ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଂ ଯୋଜକ ନିଲୁ ନାୟକଙ୍କ ଅଧ୍ୟକ୍ଷତାରେ କଣାସ ଠାରୁ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଦୋର୍ଘ ୧ ବର୍ଷ ଧରି ନୂତନ ସରକାରଙ୍କୁ ବିଭିନ୍ନ ମଞ୍ଚରେ ଦାବୀ ଉପସ୍ଥାପନ କରାଯାଇଥିଲେ ମଧ୍ୟ ସରକାର ସଏଂଘର ଦାବୀକୁ ଉପେକ୍ଷା କରୁଥିବାରୁ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଗତ ୧ ତାରିଖ ଦିନ ଭୁବନେଶ୍ୱରଠାରେ ସାମ୍ବାଦିକ ସମ୍ମିଳନୀ କରି ସମସ୍ୟ ସମାଧାନ କରିବାକୁ ୯ ଦିନ ସମୟ ଦେଇଥିଲେ। ସମୟ ସିମା ମଧ୍ୟରେ କୌଣସି କାର୍ଯ୍ୟ ଅନୁଷ୍ଠାନ ନକରିବାରୁ କଣାସ ଠାରୁ ପଥପ୍ରାନ୍ତ ସଭା ଆରମ୍ଭ କରାଯାଇଥିଲା।

## ଦର୍ଶକଙ୍କୁ ବିଭୋର କଲା 'ଜଗା ଖୋଜୁଛି ତା ଭାଗ୍ୟ ଜାତକ'

**ଦିଗପହଣ୍ଡି, ୧୨।୬ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମରେ ଶ୍ରୀ ସିଦ୍ଧବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ଆଧ୍ୟାତ୍ମିକ ମହୋତ୍ସବ ରେ ହସ କାନ୍ଦଭରା ଶ୍ରେଷ୍ଠ ସାମାଜିକ ନାଟକ 'ଜଗା ଖୋଜୁଛି ତା ଭାଗ୍ୟ ଜାତକ' ଅପେରା ମଞ୍ଚସ୍ଥ ହୋଇଯାଇଛି । ଗ୍ରାମର ଶ୍ରୀ ହନୁମାନ ଯୁବକ ସଂଘ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନ୍ଏସି ନଗରପାଳ ପ୍ରଫୁଲ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଅପେରାକୁ ଉଦଘାଟନ କରିଥିଲେ। ଦିଗପହଣ୍ଡି ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ର, କଂଗ୍ରେସ ଯୁବନେତା କେ . କୁନା, ସରପଞ୍ଚ ସଂଘ ଗଞ୍ଜାମ ଜିଲା ସଭାପତି ତଥା କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ମନୋରଞ୍ଜନ ଗୌଡ , ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ ସଭାପତି ତଥା କରପଡା ପଞ୍ଚାୟତ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ , ଫାସିଗୁଡା ସରପଞ୍ଚ ଗୌରୀ ବିଷୋୟୀ , ଚଷାନିମଖଣ୍ଡି ସରପଞ୍ଚ ପ୍ରତିନିଧି ରବିଚନ୍ଦ୍ର ଗୌଡ , ପୂର୍ବତନ ସରପଞ୍ଚ ପିତାମ୍ବର ଗୌଡ , ବରିଷ୍ଠ ନାଗରିକ ସିମାଞ୍ଚଳ ମାଦଳା , ଫାସିଗୁଡ଼ା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ତଥା ସେବା ସମବାୟ ସମିତି ସଭାପତି ଶିବରାମ ପ୍ରଧାନ , ପୂର୍ବତନ ସରପଞ୍ଚ ଦିଲ୍ଲୀପ ସେଠୀ , ଅପେରା ମ୍ୟାନେଜର କୃଷ୍ଣଚନ୍ଦ୍ର ନାୟକ , ଅଧିକାରୀ ରବୀନ୍ଦ୍ର କୁମାର ବିଷୋୟୀ , କୋଷାଧ୍ୟକ୍ଷ ଗୋପାଳ ମଣ୍ଡଳ , ରମେଶ ଚନ୍ଦ୍ର ନାୟକ , ବିଭୂ ସୁନ୍ଦର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ଥିଲେ ।